ODIA DAILY EDITION
08.11.2024
କଟକ, ଶୁକ୍ରବାର
ପୃଷ୍ଠା-୪+୪, ମୂଲ୍ୟ-₹ ୨.00
ନଭେମ୍ବର-୦୮, ୨୦୨୪
ବର୍ଷ-୩୬, ସଂଖ୍ୟା-୧୨୨
RNI Regd. NO- 48239/89
P.R.NO-CK(C)/16/2024-2026

# ମାତୃଭାଷା

ପ୍ରତିଷ୍ଠାତା: ବିକାଶ କର
MATRUBHASA

35 Years of publication SINCE 1989

Epaper- www.matrubhasa.com | matrubhasanews@gmail.com | matrubhasanews@yahoo.co.in | facebook.com/matrubhasanews

## ହଷ୍ଟେଲ ଭିତରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର

**ଭୁବନେଶ୍ୱର, ୭।୧୧:** ରାଜଧାନୀରେ ଛାତ୍ରୀଙ୍କ ଝୁଲନ୍ତା ଅବସ୍ଥାରେ ମୃତଦେହ ଉଦ୍ଧାର । ହଷ୍ଟେଲ ଭିତରୁ ଛାତ୍ରୀଙ୍କ ମୃତଦେହ ଉଦ୍ଧାର କଲା ପୋଲିସ । ମୃତ ଛାତ୍ରୀ କଲ୍ୟାଣୀ ସାହୁ, ତାଙ୍କ ଘର ସାଲେପୁର ଅଞ୍ଚଳରେ । ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ହଷ୍ଟେଲରେ ଆତ୍ମହତ୍ୟା କରିଥିବା ସୂଚନା ମିଳିଛି । ଛାତ୍ରୀ ଜଣଙ୍କ ଯୁକ୍ତଦୁଇ ପାଠ ପଢୁଥିଲେ । ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି । ଚନ୍ଦ୍ରଶେଖରପୁର ପୋଲିସ ତଦନ୍ତ ଜାରି ରଖିଛି ।

## ଓଏସ୍ଆରଟିସି ବସ୍ ଧକ୍କାରେ ଜଣେ ମୃତ, ୧ ଗୁରୁତର

**ବୌଦ୍ଧ, ୭।୧୧:** ବାଇକ୍‌କୁ ଧକ୍କା ଦେଲା ଓଏସ୍ଆରଟିସି ବସ୍ । ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି । ଘଟଣାଟି ଘଟିଛି ବୌଦ୍ଧ ଜିଲ୍ଲା କଣ୍ଢାମାଳ-ମନମୁଣ୍ଡା ରାସ୍ତାର ଆଇଁଲାଚୁଆଁ ଛକ ନିକଟରେ । ଏହି ଓଏସ୍ଆରଟିସି ବସ୍‌ଟି କଣ୍ଢାମାଳରୁ ରାଜଧାନୀ ଭୁବନେଶ୍ୱର ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା । ବସ୍‌ଟି ଧକ୍କା ଦେବା ପରେ ଜଣେ ବାଇକ ଆରୋହୀ ବସ୍ ଚକାତଳେ ପଡ଼ି ଯାଇଥିଲେ । ଅନ୍ୟ ଜଣେ ଛିଟିକି ଟିକେ ଦୂରରେ ପଡ଼ିଥିଲେ । ବସ୍ ଚକା ତଳେ ପଡ଼ିଥିବା ବ୍ୟକ୍ତିଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା । ତାଙ୍କର ପରିଚୟ ମିଳି ନଥିବା ବେଳେ ଗୁରୁତର ଆହତ ବ୍ୟକ୍ତି ଜଣଙ୍କ ହେଉଛନ୍ତି ମୁରଲୀ କହଁର । ତାଙ୍କ ଘର ନୂଆଁପାଳି ଗାଁରେ । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି ।

## ବନ୍ଧା ହେଲେ ଇଡ୍‌କୋର କୋଟିପତି ବାବୁ

**ଭୁବନେଶ୍ୱର, ୭।୧୧:** ଇଡକୋର ଜୁନିୟର ମ୍ୟାନେଜର ବିଜୟ କୁମାର ଉଦୟସିଂହଙ୍କୁ ଗିରଫ କରିଛି ଭିଜିଲାନ୍ସ । ଆୟ ବହିର୍ଭୂତ ସଂପତ୍ତି ଠୁଳ ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି । ସେ ୫ କୋଟି ୩୦ ଲକ୍ଷ ୭୨ ହଜାର ୭୧୭ ଟଙ୍କାର ସଂପତ୍ତି ଠୁଳ କରିଛନ୍ତି, ଯାହା ତାଙ୍କ ଆୟଠାରୁ ୭୩୬ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି । ବିଜୟ କୁମାର ଉଦୟସିଂହଙ୍କ ସମ୍ପତ୍ତି ମଧ୍ୟରେ ରହିଛି, ରାଜଧାନୀ ଭୁବନେଶ୍ୱରର ରାଜାରାଣୀ ମୌଜାର ଆର୍ଯ୍ୟ ବିହାର ସ୍ଥିତ ୩ କୋଟି ୨୨ ଲକ୍ଷ ଟଙ୍କା ମୂଲ୍ୟର ଏକ ବିଳାସପୂର୍ଣ୍ଣ ୪ ମହଲା କୋଠା ।

| | |
|---|---|
| ସେନ୍‌ସେକ୍ସ | ୭୯,୫୪୧ |
| ନିଫ୍ଟି | ୨୪,୧୯୯ |
| ସୁନା/୧୦ଗ୍ରା | ୭୯,୦୨୦ |
| ରୂପା/କିଗ୍ରା | ୯୩,୦୦୦ |
| ଡଲାର | ୮୪.୨୮ |

### ପାଣିପାଗ

| | |
|---|---|
| ସର୍ବାଧିକ | |
| ଭୁବନେଶ୍ୱର: | ୩୨.୫° |
| କଟକ: | ୩୦.୫° |
| ସର୍ବନିମ୍ନ | |
| ଭୁବନେଶ୍ୱର: | ୨୩.୫° |
| କଟକ: | ୨୨.୦° |

### ହାଲ୍‌ଚାଲ୍



ଉପର ପଡ଼ିଆ ବାଲିଯାତ୍ରା ପାଇଁ ହାଇକୋର୍ଟଙ୍କ ଅନୁମତି ମିଳିଲା ରାସ୍ତାକଡ଼ ବ୍ୟବସାୟକୁ ସମ୍ପୂର୍ଣ୍ଣ ନିଷେଧ ହୋଇଲା ଆସନ୍ତା ସପ୍ତାହରୁ ଆରମ୍ଭ ହେବ ପ୍ରସ୍ତୁତି ଜୋରରେ ଚାଲିଲା ।

### ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଜାଗୃତିକରଣ କାର୍ଯ୍ୟକ୍ରମ

# ଲୋକଙ୍କ ପାଖରେ ପହଞ୍ଚିବ ନ୍ୟାୟ ବ୍ୟବସ୍ଥା: ମୁଖ୍ୟମନ୍ତ୍ରୀ

- ଆଇନ ସମ୍ବନ୍ଧରେ ଜନସାଧାରଣଙ୍କୁ ସଚେତନତା କରିବାର ଆବଶ୍ୟକତା ରହିଛି
- ପୁରୁଣା, ନିଷ୍କ୍ରିୟ ଓ ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରାଯିବ
- ପୁରୁଣା ଆଇନ ଅପରାଧୀ-କୈନ୍ଦ୍ରିକ ଥିବାବେଳେ, ଏବେ ପୀଡିତ-କୈନ୍ଦ୍ରିକ କରାଯାଇଛି

**ଭୁବନେଶ୍ୱର, ୭।୧୧:** ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନ କନ୍‌ଭେନ୍‌ସନ ସେଂଟର ଠାରେ ଆୟୋଜିତ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ଜାଗୃତିକରଣ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ଯେ, ଓଡିଶାରେ ଅନେକ ପୁରୁଣା, ନିଷ୍କ୍ରିୟ ଓ ଅପ୍ରାସଙ୍ଗିକ ଆଇନକୁ ଚିହ୍ନଟ କରାଯାଇ ରଦ୍ଦ କରାଯିବ । ଏ ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଥିଲେ ।

ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ନ୍ୟାୟ ସଂହିତା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ନାଗରିକ ସମାଜ ର ପ୍ରତିନିଧି, ମହିଳା ଓ ଶିଶୁ ବିକାଶ କର୍ମୀ, ସୂଚନା ଅଧିକାର କର୍ମୀ, ପାରା-ଲିଗାଲ ଆକ୍ଟିଭିଷ୍ଟ, ଯୌନଶୋଷଣ ସୁରକ୍ଷା କର୍ମୀ, ଆଇନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଅନ୍ୟ ବିଭିନ୍ନ ବର୍ଗର ପ୍ରତିନିଧିମାନେ ଯୋଗ ଦେଇଥିଲେ । ଏହି ଦୁଇ ଯୁଗାନ୍ତକାରୀ ଆଇନର ପ୍ରଣୟନ ସମ୍ବନ୍ଧରେ ବ୍ୟକ୍ତିଗତ ସ୍ତରରେ ତଥା ସାମାଜିକ ସ୍ତରରେ ସଚେତନତା ସୃଷ୍ଟି ପାଇଁ କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲା ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ , ଆମ ଦେଶରେ ଆଇନ କାନୁନ ବହୁତ ଅଧିକ । ସେଥିରୁ ଅଧିକାଂଶ ଆଉ ପ୍ରାସଙ୍ଗିକ ନୁହେଁ । ଗତ ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ ୧,୫୫୦ ରୁ ବି ଅଧିକ ଅପ୍ରାସଙ୍ଗିକ ଆଇନକୁ ରଦ୍ଦ କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆମ ନ୍ୟାୟ ପ୍ରଣାଳୀ ବା ନ୍ୟାୟ ବ୍ୟବସ୍ଥାର ମେରୁଦଣ୍ଡ ହେଉଛି ଭାରତୀୟ ସମ୍ବିଧାନ ଏବଂ ନ୍ୟାୟ ସଂହିତା । ଏହି



ସଂହିତାକୁ ଆଧାର କରି ଆମ ନ୍ୟାୟ ବ୍ୟବସ୍ଥା ପରିଚାଳିତ ହୋଇଥାଏ । କିନ୍ତୁ ୧୮୬୦ ମସିହାରୁ ବ୍ରିଟିଶ ସରକାର ଯେଉଁ ସଂହିତାର ପ୍ରଣୟନ କରିଥିଲେ ତାକୁ ଆମେ ଆଜି ପର୍ଯ୍ୟନ୍ତ ପାଳନ କରୁଥିଲୁ । କିନ୍ତୁ ଭାରତ ପରି ଏକ ବିବିଧତାରେ ପରିପୂର୍ଣ୍ଣ ସମାଜରେ ୧୬୪ ବର୍ଷର ନିୟମ କେତେଦୂର ପ୍ରାସଙ୍ଗିକ ଆପଣମାନେ ଜାଣିଛନ୍ତି । ଏହା ଛଡା ଆଜିର ଦ୍ରୁତ ପରିବର୍ତ୍ତନଶୀଳ ସମାଜରେ ଏତେ ପୁରୁଣା ଆଇନ ଉଚିତ ନ୍ୟାୟ ଦେବାରେ ସଂପୂର୍ଣ୍ଣ ରୂପେ କ୍ଷମତାସମ୍ପନ୍ନ ନ ଥିଲା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ।

ତେଣୁ ଏହାର ସମୟୋପଯୋଗୀ ପରିବର୍ତ୍ତନର ଆବଶ୍ୟକତାକୁ ଉପଲବ୍ଧ କରି ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗଠିତ ସରକାର ଏହି ଦୁଇଟି ନୂତନ ଆଇନକୁ ପ୍ରବର୍ତ୍ତନ କଲେ । ଚଳିତ ବର୍ଷ ଜୁଲାଇ ୧ ତାରିଖରୁ ଏହି ତିନୋଟି ଆଇନ କାର୍ଯ୍ୟକାରୀ ହେଉଛି ବୋଲି ସେ କହିଥିଲେ । ନୂତନ ଭାବେ ପ୍ରଣିତ ଏହି ଆଇନକୁ ପୀଡିତ-କୈନ୍ଦ୍ରିକ କରାଯାଇଛି ବୋଲି ମତ ଦେଇ ସେ କହିଲେ ଯେ, ପୂର୍ବରୁ ଏହା ଅପରାଧୀ-କୈନ୍ଦ୍ରିକ ଥିଲା । ଏହି ମୌଳିକ ପରିବର୍ତ୍ତନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସ୍ୱଚ୍ଛ ପ୍ରକ୍ରିୟାରେ ନିରପେକ୍ଷ ଭାବେ ତ୍ୱରିତ ନ୍ୟାୟ ପ୍ରଦାନ । ଭାରତୀୟ ନାଗରିକ ସୁରକ୍ଷା ସଂହିତାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାଗରିକଙ୍କ ମୌଳିକ ଅଧିକାରକୁ ସୁରକ୍ଷିତ କରିବା । ପୋଲିସର କାର୍ଯ୍ୟକୁ ନ୍ୟାୟ ସଙ୍ଗତ, ବିଧି ସଙ୍ଗତ କରିବା ପାଇଁ ମୂଳ ଆଇନ ରେ ଅନେକ କିଛି ପରିବର୍ତ୍ତନ କରାଯାଇଛି ବୋଲି ସେ କହିଥିଲେ ।

ନିଜ ଅଭିଭାଷଣରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୂତନ ଆଇନରେ ପୋଲିସ ପାଖରେ ଅଭିଯୋଗ ପଞ୍ଜୀକରଣ ସୁନିଶ୍ଚିତ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା ରହିଛି । ଇଲେକ୍ଟ୍ରୋନିକ ମାଧ୍ୟମ ସହିତ ଜିରୋ ଏଫଆଇଆର ର ବ୍ୟବସ୍ଥା ମଧ୍ୟ କରାଯାଇଛି ବୋଲି ସେ କହିଥିଲେ । ସେହିପରି ଭାବେ ୧୫ ବର୍ଷରୁ କମ ଏବଂ ୬୦ ବର୍ଷର ବ୍ୟକ୍ତି, ଶାରୀରିକ ଓ ମାନସିକ ସ୍ତରରେ ଭିନ୍ନକ୍ଷମ ବ୍ୟକ୍ତି ତଥା ମହିଳା ଥାନାକୁ ନଯାଇ ମଧ୍ୟ ବିବୃତ୍ତି ରେକର୍ଡ କରିପାରିବାର ବ୍ୟବସ୍ଥା, ପୋକସୋ ଆଇନରେ ୬୦ ଦିନ ମଧ୍ୟରେ ଫଇସଲାର ପ୍ରାବଧାନ, ସାଇବର କ୍ରାଇମ, ଅର୍ଗାନାଇଜ୍‌ଡ କ୍ରାଇମ ଆଦି ବିଷୟରେ ଏହି ନୂତନ ସଂହିତାରେ ପ୍ରାବଧାନ ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ବିଭିନ୍ନ ପ୍ରକାରର ଛୋଟ ଛୋଟ ଅପରାଧ ପାଇଁ ଜେଲ କିମ୍ବା ଜୋରିମାନା ବଦଳରେ ସେମାନଙ୍କୁ ଗୋଷ୍ଠୀ ସେବା କରିବା ପାଇଁ ବ୍ୟବସ୍ଥା ରଖାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ଦ୍ୱାରା ଜେଲ ଗୁଡିକରୁ ଅତ୍ୟଧିକ ଭିଡ କମିବା ସହିତ ଛୋଟ ଛୋଟ ଅପରାଧ ପାଇଁ ଜଣେ ବ୍ୟକ୍ତିକୁ ଅନ୍ୟ ବଡ ଅପରାଧୀଭାବେ ବିଚାର ନ କରି ପରିବର୍ତ୍ତନ କରିବା ପାଇଁ ସୁଯୋଗ ମିଳିପାରିବ । ଏହା ନିଶ୍ଚିତ ଭାବେ ଅନେକ ଯୁବ ବର୍ଗଙ୍କୁ, ବେଶେଷ ଭାବେ ଯେଉଁମାନେ ପେଷାଦାର ଅପରାଧୀ ନୁହନ୍ତି, ତାଙ୍କୁ ମୁଖ୍ୟ ଧାରାରେ ପ୍ରତ୍ୟାବର୍ତ୍ତନ କରିବା ପାଇଁ ସୁଯୋଗ ମିଳିବ ସେ କହିଥିଲେ ।



କଟକ: ବିହାରୀ ସମ୍ପ୍ରଦାୟଙ୍କ ଛଟ୍‌ପୂଜା (ଫଟୋ: ମାତୃଭାଷା)

## ନୂଆବର୍ଷରୁ ହିତାଧିକାରୀଙ୍କୁ ଚାଉଳ ସହ ଗହମ

**ଭୁବନେଶ୍ୱର, ୭।୧୧:** ଜାନୁଆରୀ ପ୍ରଥମ ସପ୍ତାହରୁ ହିତାଧିକାରୀଙ୍କୁ ମିଳିବ ଚାଉଳ ସହ ଗହମ । ଏନେଇ ଆଜି ସୂଚନା ଦେଇଛନ୍ତି ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ।

- ଯୋଗାଣ ମନ୍ତ୍ରୀ ଦେଲେ ସୂଚନା
- ୮୫ ପ୍ରତିଶତ ଇ-କେୱାଇସି କାମ ଶେଷ

ସେ କହିଛନ୍ତି, ଗହମ ଆସିଛି କିନ୍ତୁ ସରକାରୀ ସ୍ତରରେ କାମ ସାରି ନଥିବାରୁ ଦୁଇ ମାସ ବିଳମ୍ବ ହେବ । କିଛି ଲୋକ ଚାଉଳ ସହ ଗହମ ନେବାକୁ ଚାହୁଁ ନାହାନ୍ତି । ଆଉ କିଛି ଲୋକ ଗହମ ନେବାକୁ ଚାହୁଁଛନ୍ତି । କେଉଁ ଜିଲ୍ଲାରୁ କେତେ ହିତାଧିକାରୀ ଗହମ ଚାହୁଁଛନ୍ତି, ସେନେଇ ତାର



ଡାଟା ମଗାଯାଇଛି । ସେହି ଅନୁସାରେ ପ୍ରତି ଜିଲ୍ଲାକୁ ଗହମ ପଠାଯିବ । ଏହି କାମ କେଉଁ କମ୍ପାନୀ ନେବ, ସେଥିପାଇଁ ଗୋଟିଏ ଟେଣ୍ଡର କରାଯିବ । ଏଥିପାଇଁ ଟିକିଏ ଡେରି ହେଉଛି । ହେଲେ ଜାନୁଆରୀ ମାସରୁ ଚାଉଳ ସହ ଗହମ ଦିଆଯିବ ବୋଲି ଆମେ ନିଷ୍ପତ୍ତି ନେଇଛୁ ।

ମନ୍ତ୍ରୀ ଆହୁରି କହିଛନ୍ତି, ଇ-କେୱାଇସି କାମ ଚାଲିଛି । ୮୫ ପ୍ରତିଶତ ଇ-କେୱାଇସି କାମ ସରିଯାଇଛି । ଆଉ ୧୦ରୁ ୧୫ ପ୍ରତିଶତ କାମ ବାକି ରହିଛି । ସଂପୂର୍ଣ୍ଣ କାମ ସାରିବାକୁ ଆହୁରି ୧୫ ଦିନ ସମୟ ଲାଗିବ । ସେହିଭଳି ନଭେମ୍ବର ଶେଷ ସୁଦ୍ଧା ବରଗଡ଼ ସୋହେଲାରେ ଚାଷୀ ସମାବେଶ ହେବ । ଏନେଇ ମୁଖ୍ୟମନ୍ତ୍ରୀ ତାରିଖ ଘୋଷଣା କରିବେ । ମୁଖ୍ୟମନ୍ତ୍ରୀ ଯେଉଁ ତାରିଖ ଘୋଷଣା କରିବେ ସେହିଦିନ ଚାଷୀ ସମାବେଶ କରାଯିବ । ଏହି ସମାବେଶରେ ୧ ଲକ୍ଷରୁ ଅଧିକ ଚାଷୀ ଯୋଗ ଦେବେ ବୋଲି ମନ୍ତ୍ରୀ କହିଛନ୍ତି ।

ସୂଚନାଯୋଗ୍ୟ, ପୂର୍ବ ସରକାର ସରକାର ୨୦୨୦-୨୧ ମସିହାରୁ ରାଜ୍ୟରେ ରାସନ କାର୍ଡ ହିତାଧିକାରୀଙ୍କୁ ସାଧାରଣବଣ୍ଟନ ବ୍ୟବସ୍ଥାରେ ଗହମ ଦେବା ବନ୍ଦ କରି ଦେଇଥିଲେ । ରାଜ୍ୟର ହିତାଧିକାରୀଙ୍କୁ କେବଳ ଚାଉଳ ଦେବା ପାଇଁ ସେତେବଳେ ନିଷ୍ପତ୍ତି ନେଇଥିଲେ ।

## 'ରିଲିଫ କୋଡ'ର ନାଁ ବଦଳି ହେବ ଅଧିକାର ଆଇନ

**ଭୁବନେଶ୍ୱର, ୭।୧୧:** ରାଜସ୍ୱ ବିଭାଗରୁ ହଟିଲା ବର୍ଷ ବର୍ଷ ଧରି ଚଳି ଆସୁଥିବା ପୁରୁଣା ନାଁ ରିଲିଫ୍ । ଏହା ବଦଳରେ ଆସିବ ନୂଆ ନାଁ । ଯେଉଁଥିରେ ଲୋକଙ୍କୁ ନିଜର ଅଧିକାର ମିଳିବ । ଏନେଇ ରାଜସ୍ୱ ବିଭାଗ ପକ୍ଷରୁ ନିଆଯାଇଛି ବଡ ନିଷ୍ପତି ।

ହଟିବ ବର୍ଷ ବର୍ଷର ପରମ୍ପରା । ଓଡିଶା ଅମଲାତନ୍ତ୍ରରୁ ବିଦାୟ ନେବ ପୁରୁଣା ବ୍ରିଟିଶ ଅମଳରୁ ଚାଲି ଆସିଥିବା ବ୍ୟବସ୍ଥାର ନାଁ । ବାତ୍ୟା, ବନ୍ୟା ଓ ମରୁଡିରେ ଲୋକଙ୍କୁ ଯେଉଁ ରିଲିଫ ମିଳେ, ତାର ପରିଭାଷା ବଦଳିଯିବ । ରାଜସ୍ୱ ବିଭାଗ ସମୀକ୍ଷା ବୈଠକରେ ଏଭଳି କିଛି ବଡ ନିଷ୍ପତି ନିଆଯାଇଛି । ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ରିଲିଫ ଏକ ଦୟାର ଶବ୍ଦ । ଆଉ ଦୟା ନୁହେଁ, ଏଥର ଲୋକଙ୍କୁ ଅଧିକାର ମିଳିବ । ରିଲିଫ କୋଡ ଅଧିକାର ଆଇନରେ ପରିଣତ ହେବ ।

ରାଜସ୍ୱ ସେବାର କାମ କେତେ ଠିକ୍ ଭାବେ ଗରିବ ଲୋକଙ୍କ ପାଖରେ ପହଞ୍ଚିଛି ତାହା ଉପରେ ଗୁରୁତ୍ୱ ଦିଆଯାଇଛି । ଲୋକଙ୍କୁ ସେବା ଯୋଗାଇ ଦେବାରେ କୌଣସି ବାହାନା ବରଦାସ୍ତ କରାଯିବନି



- ୩୧ ସୁଦ୍ଧା ଶିକ୍ଷାନୁଷ୍ଠାନକୁ ମିଳିବ ଜମିପଟ୍ଟା
- ବରଦାସ୍ତ କରାଯିବନି ବାହାନା: ରାଜସ୍ୱ ମନ୍ତ୍ରୀ

ବୋଲି ରୋକଠୋକ ଅଧିକାରୀଙ୍କୁ ଶୁଣାଇଦେଇଛନ୍ତି ମନ୍ତ୍ରୀ ସୁରେଶ ପୂଜାରୀ । ଏଥିସହ ବିଭିନ୍ନ ପ୍ରମାଣ ପତ୍ର କାହିଁକି ବିଳମ୍ବ ହେଉଛି, ତାକୁ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ପେଣ୍ଡିଙ୍ଗ୍ କେସ ଯେମିତି ରହିବ ନାହିଁ ସେ ନେଇ ଅଧିକାରୀଙ୍କୁ ତାଗିଦ କରାଯାଇଛି । ଏପରିକି ପ୍ରତ୍ୟକ ଶିକ୍ଷାନୁଷ୍ଠାନକୁ ଡିସେମ୍ବର ୩୧ ସୁଦ୍ଧା ଜମି ପଟ୍ଟା ଦେବା ପାଇଁ କୁହାଯାଇଛି ।

ସେପଟେ ଜାନୁଆରୀ ୧ରୁ ଜନଗଣନା ହେବା ନେଇ ସଙ୍କେତ ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ । ଦୀର୍ଘ ୧୩ ବର୍ଷ ପରେ ଜନଗଣନା ପାଇଁ କେନ୍ଦ୍ର ସରକାର ମଧ୍ୟ ପ୍ରସ୍ତୁତ ହେଉଛନ୍ତି ।

## ୧୧ ହତ୍ୟା ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଗଞ୍ଜାମ, ୭।୧୧:** ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟାକାଣ୍ଡର ଆଜି ରାୟ ପ୍ରକାଶ ପାଇଛି । ୧୧ ବର୍ଷ ପରେ ୧୧ ଜଣ ହତ୍ୟା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ମାମଲାକୁ ବିଚାର କରି ସମସ୍ତଙ୍କୁ ଆଜୀବନ କାରାଦଣ୍ଡାଦେଶରେ ଦଣ୍ଡିତ କରିଛନ୍ତି । ତେବେ ଅନ୍ୟତମ ଅଭିଯୁକ୍ତ ଏବେ ସୁଦ୍ଧା ଫେରାର ରହିଛି ।



୨୦୧୩ ଜାନୁଆରୀ ୨୯ ତାରିଖ ସକାଳେ ଶାନ୍ତି ମିଶ୍ର ଗୋଶାଣୀନୂଆଗାଁ ଥାନାରେ ହାଜିରା ଦେଇଥିଲେ । ସେଠାରୁ ସେ ବାଇକ୍‌ରେ ଘରକୁ ଫେରିଲା ବେଳେ ଗୋଷାଣୀ ନୂଆଗାଁ ଗୁଣ୍ଡିଚା ମନ୍ଦିର ନିକଟରେ କିଛି ସମୟ ପାଇଁ ଅଟକିଥିଲେ । ସେଠାରେ ଥିବା ଏକ ଦୋକାନରେ ଚା' ପିଉଥିଲେ । ଠିକ୍ ସେହି ସମୟରେ ରାକେଶ ପଣ୍ଡା, ଟୁକୁନା ବେହେରା, ସନ୍ତୋଷ କୁମାର ସାହୁ, ମୃତ୍ୟୁଞ୍ଜୟ ସାବତ, ସନ୍ତୋଷ ପାଣିଗ୍ରାହୀ, ବୁଡୁ ଦାସ, ଗଣେଶ ପାଣିଗ୍ରାହୀ, ଏସ. କେ ଜାଫର, ବାବାଜୀ ରଣା, ସଂକର୍ଷଣ ପାଢ଼ୀ, ମଉଜ ମିଶ୍ର ଓ ଶଙ୍କର ବେହେରା ତାଙ୍କୁ ସଙ୍ଘବଦ୍ଧ ଭାବେ ଆକ୍ରମଣ କରିଥିଲେ । ଗୋଡ଼ାଇ ଗୋଡ଼ାଇ ଖଣ୍ଡା ହାଣିବା ସହିତ ବୋମା ଓ ଗୁଳି ମାଡ କରିଥିବା ଅଭିଯୋଗ ହୋଇଥିଲେ । ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଆକ୍ରମଣ ପରେ ଅଭିଯୁକ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ । ଏ ନେଇ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୧ ବର୍ଷରେ ଅର୍ଥାତ ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି । ୨୬ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟାନ୍ୟ ପ୍ରମାଣ ଆଧାରରେ ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ମାମଲାର ବିଚାର କରି ୧୧ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ୧୧ ଜଣଙ୍କୁ ଆଜୀବନ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି କୋର୍ଟ । ତେବେ ଅନ୍ୟତମ ଅଭିଯୁକ୍ତ ମଉଜ ମିଶ୍ର ଜାମିନରେ ଆସି ଏବେ ସୁଦ୍ଧା ଫେରାର ରହିଛନ୍ତି ।

## ଉପର ପଡ଼ିଆ ବାଲିଯାତ୍ରା ପାଇଁ ହାଇକୋର୍ଟଙ୍କ ଅନୁମତି

**କଟକ, ୭।୧୧:** ଐତିହାସିକ ବାଲିଯାତ୍ରା ନେଇ ଓଡ଼ିଶା ହାଇକୋର୍ଟ ବଡ଼ ନିର୍ଦ୍ଦେଶ ଦେଇଛନ୍ତି । କେବଳ ଉପର ପଡ଼ିଆରେ ବାଲିଯାତ୍ରାର ଆୟୋଜନ ପାଇଁ ହାଇକୋର୍ଟ ଅନୁମତି ଦେଇଛନ୍ତି । ଚଳିତ ବର୍ଷ ଉଭୟ ଉପର ଏବଂ ତଳ ପଡ଼ିଆରେ ବାଲିଯାତ୍ରା ଅନୁଷ୍ଠିତ ହେବ । କିନ୍ତୁ ଆସନ୍ତା ବର୍ଷ ଉପର ପରିବର୍ତ୍ତେ କେବଳ ତଳ ପଡ଼ିଆରେ ବାଲିଯାତ୍ରା ପାଇଁ ପ୍ରଶାସନ ପଦକ୍ଷେପ ବୋଲି ହାଇକୋର୍ଟ କହିଛନ୍ତି ।

ଓଡ଼ିଶାର ଅନ୍ୟତମ ବଡ଼ ପର୍ବ ବାଲିଯାତ୍ରା ଡ଼ଙ୍ଗାଭସା ବା ବୋଇତ ବନ୍ଦାଣ ନାମରେ ମଧ୍ୟ ଜଣାଶୁଣା । ଏହି ପର୍ବ ଓଡ଼ିଶାର ଗୌରବପୂର୍ଣ୍ଣ ଐତିହ୍ୟ ସହିତ ସଂପର୍କ ରହିଛି । ବାଲିଯାତ୍ରା ଏପରି ଏକ ଗଣମହୋତ୍ସବ ଯାହା ଓଡ୍ର, କଳିଙ୍ଗ, ଉତ୍କଳ, ତୋଷାଳୀ, କଙ୍ଗୋଦ ଓ କୋଶଳର ସମନ୍ୱୟଭିତ୍ତିକ ଯାତ୍ରା ।

**ରାସ୍ତାକଡ଼ ବ୍ୟବସାୟ ସମ୍ପୂର୍ଣ୍ଣ ନିଷେଧ**

ଆଧୁନିକ ଓଡ଼ିଶା ଉପରୋକ୍ତ ରାଷ୍ଟ୍ରଗୁଡିକର ପରିବର୍ତ୍ତିତ ରୂପ । ଏହି ଯାତ୍ରା କାର୍ତ୍ତିକ ମାସର ପୂର୍ଣ୍ଣିମାଠାରୁ ଆରମ୍ଭ ହୋଇଥାଏ । ଅତୀତରେ ସାଧବପୁଅମାନେ ନିଜ ବୋଇତରେ ଜାଭା, ବାଲି, ସୁମାତ୍ରା,ବୋର୍ଣ୍ଣିଓ (ଇଣ୍ଡୋନେସିଆ) ଆଦି ସ୍ଥାନକୁ ବେପାର ବଣିଜ କରିବାକୁ ଯାଉଥିଲେ, ଯାହାର ସ୍ମୃତିରେ ଉପକୂଳ ଅଞ୍ଚଳମାନଙ୍କରେ



ବାଲିଯାତ୍ରାର ଆୟୋଜନ କରାଯାଇଥାଏ ।

ହାଇକୋର୍ଟ କହିଛନ୍ତି ଯେ, ବାଲିଯାତ୍ରାରେ ଅସମ୍ଭାଳ ଭିଡ ନିୟନ୍ତ୍ରଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବାର ଆବଶ୍ୟକତା ରହିଛି । ବାଲିଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ରାସ୍ତାର ବ୍ୟବସ୍ଥା କରିବ । ରାସ୍ତାକଡ଼ କିମ୍ବା ଫୁଟପାଥ ଉପରେ ବ୍ୟବସାୟକୁ ସମ୍ପୂର୍ଣ୍ଣ ନିଷେଧ କଲେ ହାଇକୋର୍ଟ । ଆମ୍ବୁଲାନ୍ସ ଏବଂ ଅତ୍ୟାବଶ୍ୟକୀୟ ସେବା ପାଇଁ ଗ୍ରୀନ କରିଡର ବ୍ୟବସ୍ଥା କରୁଛି ପ୍ରଶାସନ । ଗ୍ରୀନ କରିଡର ବାବଦରେ କୋର୍ଟଙ୍କୁ ଅବଗତ କଲେ କଟକ ଜିଲ୍ଲାପାଳ ।

ସୂଚନାଯୋଗ୍ୟ, ଆସନ୍ତା ନଭେମ୍ବର ୧୫ରୁ ମହାନଦୀପଠାରେ ବାଲିଯାତ୍ରା ଆରମ୍ଭ ହେବ । ଏହି ଯାତ୍ରା ନଭେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ଜାରି ରହିବ । କଟକ ଜିଲ୍ଲାପାଳ ପୂର୍ବରୁ ଏନେଇ ଗଣମାଧ୍ୟମକୁ ବିସ୍ତୃତ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏଥର ବହୁ ସଂଖ୍ୟାରେ ବ୍ୟବସାୟୀଙ୍କୁ ବ୍ୟବସାୟ ସୁଯୋଗ ମିଳିବ । ବାଲିଯାତ୍ରାକୁ ଆକର୍ଷଣୀୟ କରିବାକୁ ସବୁ ପ୍ରକାର ପ୍ରସ୍ତୁତି କରାଯିବ । ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯିବ ।

### ଆମ୍ବ ଟାକୁଆ ଟ୍ରାଜେଡି

## ବିଷାକ୍ତ ଖାଦ୍ୟ ଖାଇ ହୋଇଛି ମୃତ୍ୟୁ

**ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ ରିପୋର୍ଟ**

**କନ୍ଧମାଳ, ୭।୧୧:** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆରେ ପ୍ରସ୍ତୁତ ଜାଉ ଖାଇ ୨ ଜଣଙ୍କ ମୃତ୍ୟୁ ଓ ୬ ଜଣ ଅସୁସ୍ଥ ହେବା ଘଟଣାରେ ସାମ୍ନାକୁ ଆସିଛି ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ତଦନ୍ତ ରିପୋର୍ଟ । ଖାଦ୍ୟ ବିଷାକ୍ତ ହୋଇଥିବାରୁ ତାକୁ ଖାଇ ମୃତ୍ୟୁ ଘଟିଥିବା ଏହି ରିପୋର୍ଟରେ ଦର୍ଶାଯାଇଛି । ଖାଦ୍ୟ ସାମ୍ପଲରୁ ରୋଗ ସୃଷ୍ଟିକାରୀ ଜୀବାଣୁ ମିଳିଥିବା ତଥା ଖାଦ୍ୟରେ ହାଇଡ୍ରୋଜେନ୍ ସଲଫାଇଡ୍ ଟେଷ୍ଟ ପଜିଟିଭ୍ ଥିବା ରିପୋର୍ଟରେ ଦର୍ଶାଯାଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ, ଗତ କିଛି ଦିନ ତଳେ ଦାରିଙ୍ଗବାଡ଼ି ବ୍ଲକ



ଅନ୍ତର୍ଗତ ମାଣ୍ଡିପଙ୍କା ଗ୍ରାମରେ ଆମ୍ବ ଟାକୁଆରେ ପ୍ରସ୍ତୁତ ଜାଉ ଖାଇ ୨ ଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା । ୬ ଜଣ ଅସୁସ୍ଥ ହୋଇଥିଲେ । ତନ୍ମଧ୍ୟରୁ ୨ ଜଣ ବର୍ତ୍ତମାନ କଟକ ବଡ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି ।

ମାତୃଭାଷା



# ହାଲୋ ବଲିଉଡ୍



## ଦୁଇ ଭାଗରେ ରିଲିଜ୍ ହେବ ନିତେଶ ତିୱାରୀଙ୍କ 'ରାମାୟଣ'

ନିତେଶ ତିୱାରୀଙ୍କ ବହୁ ପ୍ରତିକ୍ଷୀତ ଫିଲ୍ମ 'ରାମାୟଣ'କୁ ନେଇ ଔପଚାରିକ ଘୋଷଣା ହୋଇଛି । ଫିଲ୍ମଟି ଦୁଇ ଭାଗରେ ମୁକ୍ତିଲାଭ କରିବ। ପ୍ରଥମ ଭାଗ ୨୦୨୬ ମସିହା ଓ ୨ୟ ଭାଗ ୨୦୨୭ ଦୀପାବଳି ଅବସରରେ ମୁକ୍ତିଲାଭ କରିବ । ଫିଲ୍ମରେ ଶ୍ରୀରାମ ଭୂମିକାରେ ଅଭିନୟ କରିଛନ୍ତି ରଣବୀର କପୁର । ସୀତା ଭୂମିକାରେ ନଜର ଆସିବେ ସାଇ ପଲ୍ଲବୀ । ରାବଣ ଭୂମିକା ନିର୍ବାହ କରିଛନ୍ତି କେଜିଏଫ୍ ଷ୍ଟାର୍ ଯଶ। ଫିଲ୍ମର ପ୍ରଥମ ପୋଷ୍ଟର୍ ଶେୟାର କରି ପ୍ରଯୋଜକ ନମିଲ ମଲହୋତ୍ରା ଲେଖିଛନ୍ତି 'ମୁଁ ଏହି ମହାକାବ୍ୟକୁ ବଡ଼ ପରଦାକୁ ଆଣିବା ପାଇଁ ଏକ ମହାନ ଅନ୍ୱେଷଣ ଆରମ୍ଭ କରିଥିଲି । ଏହା ୫୦୦୦ ବର୍ଷରୁ ଅଧିକ ସମୟ ପର୍ଯ୍ୟନ୍ତ କୋଟି କୋଟି ଲୋକଙ୍କ ହୃଦୟରେ ରାଜ୍ କରିଛି । ମୁଁ ଏହାକୁ ସୁନ୍ଦର ଆକାର ଦେବା ନେଇ ଖୁବ୍ ରୋମାଞ୍ଚିତ । ଆମ ଟିମ୍‌ର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଆମ ଇତିହାସ, ଆମ ସତ୍ୟ ଓ ଆମ ସଂସ୍କୃତି- ଆମ ରାମାୟଣର ସବୁଠୁ ପ୍ରାମାଣିକ ଓ ପବିତ୍ର ରୂପ ବିଶ୍ୱବାସୀଙ୍କ ସାମ୍ନାରେ ଉପସ୍ଥାପନ କରିବା । ଆମ ସହ ଯୋଡ଼ିହୁଅନ୍ତୁ । କାରଣ ଆମେ ଆମ ମହାନତମ ମହାକାବ୍ୟକୁ ଗର୍ବ ଓ ଶ୍ରଦ୍ଧାର ସହ ଜୀବନ୍ତ କରିବାର ସ୍ୱପ୍ନକୁ ପୂରଣ କରୁଛୁ ।' ନିକଟରେ ଯଶ୍ ଦ ହଲିଉଡ୍ ରିପୋର୍ଟର୍ ସହ ସାକ୍ଷାତକାରରେ ରାବଣ ଭୂମିକା ନିର୍ବାହ କରିବା ବିଷୟରେ ସ୍ପଷ୍ଟ କରିଥିଲେ । ୫୦୦ କୋଟିରୁ ଅଧିକ ବଜେଟ୍‌ରେ ନିର୍ମାଣ ହେଉଥିବା ଏହି ଫିଲ୍ମ ହିନ୍ଦୀ, ତାମିଲ, ତେଲୁଗୁ ସମେତ ଅନେକ ଭାଷାରେ ରିଲିଜ୍ ହେବ । ଏହାର ଭିଏଫ୍ଏକ୍ସରେ ଓସ୍କାର ବିଜେତା କମ୍ପାନି ଡିଏନ୍ଇଜି କାମ କରିବ । ସଙ୍ଗୀତ ଓ ମୂଳ ସ୍କୋର ଉପରେ ହାନ୍ସ ଜିମର ଓ ଏଆର୍ ରହମାନଙ୍କ ଭଳି ଓସ୍କାର ବିଜେତା କଳାକାର କାମ କରୁଛନ୍ତି।

### ପିଏମ୍ଏଲ୍ଏ ଉପରେ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

# ସରକାରୀ କର୍ମଚାରୀଙ୍କ ବିରୋଧରେ ମାମଲା ପୂର୍ବରୁ ଅନୁମତି ଜରୁରୀ

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟ ପିଏମଏଲଏ ସହ ଜଡିତ ଏକ ମାମଲାରେ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ କରିଛନ୍ତି । କୋର୍ଟ କହିଛନ୍ତି, ସରକାରୀ ଅଧିକାରୀ ଓ ବିଚାରପତିଙ୍କ ବିରୋଧରେ ପିଏମଏଲଏ ମାମଲା ପୂର୍ବରୁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିବ ।

ସିଆରପିସିର ଧାରା୧୯୭ (୧) ଅଧୀନରେ ସରକାରୀ କର୍ମଚାରୀ, ବିଚାରପତିଙ୍କ ବିରୋଧରେ ମାମଲା ଚଳାଇବା ଲାଗି ସରକାରଙ୍କ ସହ ସମ୍ବନ୍ଧିତ ଅଥରିଟିଙ୍କ ମଞ୍ଜୁରି ନେବାକୁ ପଡିଥାଏ । ସିଆରପିସିର ଏହି ପ୍ରାବଧାନ ପିଏମଏଲଏ ମାମଲାରେ ବି ଲାଗୁ ହେବ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ଘଟଣାଟି ଏହିପରି । ତେଲଙ୍ଗାନା ହାଇକୋର୍ଟ ଜଣେ ଆଇଏଏସ୍ ଅଧିକାରୀଙ୍କ ବିରୋଧରେ



ସରକାରୀ ସ୍ୱୀକୃତି ବିନା ପିଏମଏଲଏ ମାମଲାକୁ ଖାରଜ କରିଦେଇଥିଲେ । ହାଇକୋର୍ଟଙ୍କ ସେହି ରାୟକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୁପ୍ରିମକୋର୍ଟରେ ଚାଲେଞ୍ଜ କରିଥିଲା । ସୁପ୍ରିମକୋର୍ଟର ଜଷ୍ଟିସ ଏଏସ୍ ଓକାଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଇଡିର ଆବେଦନକୁ ଖାରଜ କରିଦେଇଛନ୍ତି । ଏହି ମାମଲାରେ ଇଡି ସଂପୃକ୍ତ ସରକାରୀ ଅଧିକାରୀଙ୍କ ବିରୋଧରେ ଅଭିଯୋଗ କରିଥିଲା ଯେ, ସେ ଜମି ଆବଣ୍ଟନରେ ନିଜର ଅଧିକାରିକ ପଦର ଦୁରୁପଯୋଗ କରି ସମ୍ପତ୍ତିର ଅବମୂଲ୍ୟାୟନ କରିଥିଲେ । ଏଥିସହ ନିଜର ଅଧିକାର କ୍ଷେତ୍ର ବାହାରକୁ ଯାଇ କିଛି ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିଥିଲେ । ଫଳରେ ଆନ୍ଧ୍ରର ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ୍ ଜଗନ ରେଡ୍ଡୀଙ୍କ ସହ ଜଡ଼ିତ କଂପାନିକୁ ଲାଭ ପହଞ୍ଚିଥିଲା । ଏଥିଲାଗି ସେ ଷଡ଼ଯନ୍ତ୍ର ରଚନା କରିଥିଲେ ଯାହାଦ୍ୱାରା ସରକାରଙ୍କୁ ଆର୍ଥିକ କ୍ଷତି ପହଞ୍ଚିଥିଲା । ତେବେ ସଂପୃକ୍ତ ଅଧିକାରୀ ଏହାକୁ ଖଣ୍ଡନ କରିଥିଲେ। ମାମଲା ରୁଜୁ ପୂର୍ବରୁ ସରକାରୀ ଅନୁମତି ଜରୁରି ଥିଲା ବୋଲି ସେ ଦର୍ଶାଇଥିଲେ ।

## ସାରୁଅ ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ ଷ୍ଟୁଡିଓରେ ଭୟାବହ ଅଗ୍ନିକାଣ୍ଡ

**ଖୋର୍ଦ୍ଧା:** ସାରୁଅ ଶିଳ୍ପାଞ୍ଚଳ ସ୍ଥିତ ଏକ ଘରୋଇ ଷ୍ଟୁଡିଓରେ ଭୟାବହ ଅଗ୍ନିକାଣ୍ଡ ଘଟିଛି । ଅଗ୍ନିକାଣ୍ଡରେ ପାଖାପାଖି କୋଟିଏ ଟଙ୍କାର ସମ୍ପତି ନିଆଁ ଲାଗି ନଷ୍ଟ ହୋଇଥିବା ଜଣାପଡିଛି। ତେବେ ଏହି ଅଗ୍ନିକାଣ୍ଡର କାରଣ ଅସ୍ପଷ୍ଟ ରହିଛି। ଖବର ପାଇ ବେଗୁନିଆ ଓ ଖୋର୍ଦ୍ଧାର ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ କରୁଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ସାରୁଅ ଶିଳ୍ପାଚଂଳରେ ଥିବା ଘରୋଇ ଷ୍ଟୁଡିଓର ୪ ନମ୍ବର ସେଟରେ ଗତକାଲି ବିଳମ୍ବିତ ରାତିରେ ଓଡିଆ ପୌରାଣିକ ଧାରାବାହିକ 'ମହାଲକ୍ଷ୍ମୀ' ସୁଟିଂ ଶେଷ ହୋଇଥିଲା ବୋଲି ଜଣାପଡିଛି। ହେଲେ ଆଜି ସକାଳୁ ସେଠାରେ ନିଆଁ ଲାଗିଥିବା ଜଣାପଡିବା ପରେ ପ୍ରଥମେ ବେଗୁନିଆ ଓ ପରେ ଖୋର୍ଦ୍ଧା ଅଗ୍ନିଶମ ବାହିନୀ ପହଂଚି ନିଆଁ ଲିଭା କାମରେ ଲାଗିଛି।

### ପୁଡୁଚେରୀରେ ନାବାଳିକାଙ୍କୁ ଗଣଦୁଷ୍କର୍ମ

# ଓଡ଼ିଶାରୁ ୨ ଓ ଆନ୍ଧ୍ରରୁ ଜଣେ ଗିରଫ

**ମୁମ୍ବାଇ:** ମୁମ୍ବାଇର ଜଣେ ୧୬ ବର୍ଷୀୟ ଝିଅଙ୍କୁ ପୁଡୁଚେରୀରେ ଗଣଦୁଷ୍କର୍ମ କରାଯାଇଛି। ପ୍ରଥମେ ଜଣେ ଅଟୋ ଡ୍ରାଇଭର ଓ ପରେ କିଛି ସଫ୍ଟୱେୟାର ଇଞ୍ଜିନିୟର ନାବାଳିକାଙ୍କୁ ଗଣଦୁଷ୍କର୍ମ କରିଥିଲେ।

**ନାବାଳିକାଙ୍କୁ ମୁର୍ମୁଷ ଅବସ୍ଥାରେ ପୁଡୁଚେରୀର ଗୋଟିଏ ସମୁଦ୍ର କୂଳରୁ ଉଦ୍ଧାର କରିଥିଲା**



ପୁଲିସ୍ ନାବାଳିକାଙ୍କୁ ମୁର୍ମୁଷ ଅବସ୍ଥାରେ ପୁଡୁଚେରୀର ଗୋଟିଏ ସମୁଦ୍ର କୂଳରୁ ଉଦ୍ଧାର କରିଥିଲା।

ପୁଡୁଚେରୀରେ ରହୁଥିବା ପରିବାର ଲୋକଙ୍କ ପାଖକୁ ନାବାଳିକା ଜଣଙ୍କ ଦୀପାବଳି ପାଇଁ ବୁଲିବାକୁ ଆସିଥିଲେ। ହେଲେ ସେ ଦୁଇ ଦିନ ହେଲା ନିଖୋଜ ରହିଥିଲେ। ପୁଲିସ୍ ଘଟଣାର ତଦନ୍ତ କରି ଅଭିଯୁକ୍ତ ଅଟୋ ଡ୍ରାଇଭର ସମେତ ୨ ଜଣଙ୍କୁ ଓଡ଼ିଶାରୁ ଓ ଜଣଙ୍କୁ ଆନ୍ଧ୍ରରୁ ଗିରଫ କରିଛି। ପୁଲିସ୍‌ର ସୂଚନା ଅନୁଯାୟୀ, ସମୁଦ୍ର କୂଳରୁ ନାବାଳିକାଙ୍କୁ ଅତ୍ୟନ୍ତ ମୁର୍ମୁଷ ଅବସ୍ଥାରେ ଉଦ୍ଧାର କରାଯିବା ପରେ ଜେଆଇପିଏମଇଆର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତରୀ ମାଇନାରୁ ନାବାଳିକା ଜଣଙ୍କ ଗଣଦୁଷ୍କର୍ମର ଶିକାର ହୋଇଥିବା ଜଣାପଡ଼ିଥିଲା।

ଅକ୍ଟୋବର ୩୧ରେ ନାବାଳିକାଙ୍କ ମା' ଝିଅର ନିଖୋଜ ନେଇ ଗ୍ରାଣ୍ଡ ବଜାର ପୁଲିସ୍‌ରେ ଅଭିଯୋଗ କରିଥିଲେ। ଘରେ ପାଟିତୁଣ୍ଡ ହେବାରୁ ଝିଅ କେଉଁ ଆଡ଼େ ଚାଲି ଯାଇଥିବା ସେମାନେ କହିଥିଲେ। ଅଭିଯୋଗର ଦୁଇ ଦିନ ପରେ ନାବାଳିକାଙ୍କୁ ସମୁଦ୍ର କୂଳରୁ ଉଦ୍ଧାର କରାଯାଇଥିଲା।

ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ପୁଲିସ ଜାଣିବାକୁ ପାଇଥିଲା ଯେ କାଜା ମୋହିଦୀନ ନାମକ ଜଣେ ଅଟୋ ଚାଳକଙ୍କ ଗାଡ଼ିରେ ନାବାଳିକା ଜଣଙ୍କ ବସିଥିଲେ। ନାବାଳିକା କହିଥିବା ସ୍ଥାନକୁ ନେବା ପରବର୍ତ୍ତେ ମୋହିଦୀନ ତାଙ୍କୁ ଗୋଟିଏ ଗେଷ୍ଟ ହାଉସ ଓ ପରେ ନିଜ ଘରକୁ ନେଇ ଯାଇଥିଲା। ସେଠାରେ ତାଙ୍କୁ ଦୁଷ୍କର୍ମ କରିବା ପରେ ଅଉରୋଭିଲ୍ଲେରେ ଛାଡ଼ି ଚାଲି ଯାଇଥିଲା। ଏହି ସମୟରେ ନାବାଳିକା ଜଣଙ୍କର ଦେଖା କିଛି ସଫ୍ଟୱେୟାର ଇଞ୍ଜିନିୟରଙ୍କ ସହ ହୋଇଥିଲା। ସେମାନେ ଚେନ୍ନାଇ ଯାଉଥିବାରୁ ନାବାଳିକା ଜଣଙ୍କ ସେଠାରେ ରହୁଥିବା ବନ୍ଧୁଙ୍କୁ ଦେଖା କରିବାକୁ ଚାହିଁଥିଲେ। ତେଣୁ ସେ ସଫ୍ଟୱେୟାର ଇଞ୍ଜିନିୟରଙ୍କ ସହ ଗାଡ଼ିରେ ବସିଥିଲେ।

ହେଲେ ସେମାନେ ନାବାଳିକାଙ୍କୁ ଗୋଟିଏ ରୁମକୁ ନେବା ସହ ସେଠାରେ ଗଣଦୁଷ୍କର୍ମ କରିଥିଲେ। ଦୁଇ ଦିନ କାଳ ତାଙ୍କୁ ଗୋଟିଏ ରୁମରେ ବନ୍ଦ କରି ରଖିଥିଲେ। ଏହାପରେ କ୍ୟାବ ବୁକ କରି ତାଙ୍କୁ ପୁଣି ପୁଡୁଚେରୀ ପଠାଇ ଦେଇଥିଲେ।

ଗ୍ରାଣ୍ଡ ବଜାର ପୁଲିସ ଘଟଣାର ତଦନ୍ତ କରି କାଜା ମୋହିଦୀନ ସମେତ ଆନ୍ଧ୍ରରୁ ଜଣଙ୍କୁ ଓ ଓଡ଼ିଶାରୁ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୋକ୍ସୋ ଆଇନର ଧାରା ୬ ଓ ଭାରତୀୟ ନ୍ୟାୟ ସଂହିତାର ଧାର ୧୩୮ ଆଧାରରେ ସେମାନଙ୍କୁ ଗିରଫ କରାଯାଇଛି। ଏବେ ଘଟଣାର ଅଧିକ ତଦନ୍ତ କରାଯାଉଥିବା ପୁଲିସ୍ କହିଛି।

# ଜମ୍ମୁ-କଶ୍ମୀରର ବିଧାନସଭାରେ ହଙ୍ଗାମା

**ଜମ୍ମୁ-କାଶ୍ମୀର:** ଜମ୍ମୁ-କଶ୍ମୀର ବିଧାନସଭାରେ ହେଲା ଜୋରଦାର ହଙ୍ଗାମା। ଗୃହ କାର୍ଯ୍ୟ ଚାଲିଥିବା ବେଳେ ଠେଲାପେଲା ହେଲେ ବିଧାୟକ। ନିଜ ନିୟନ୍ତ୍ରଣ ହରାଇଲେ ଶାସକ ଓ ବିରୋଧୀ ଦଳର ନେତା। ପରସ୍ପରକୁ ଦେଲେ ଧକ୍କା। ଧାରା ୩୭୦କୁ ନେଇ ବିଧାନସଭା ପରିସର ପାଲଟିଲା ରଣକ୍ଷେତ୍ର। ଚିରାଗଲା ପୋଷ୍ଟର। ଫଳରେ ଗୃହକୁ ମୁଲତବୀ କରାଯାଇଛି।

ସୂଚନା ମୁତାବକ, ଗତକାଲି ଧାରା ୩୭୦ ହଟାଇବାକୁ ବିରୋଧରେ ଜମ୍ମୁ-କଶ୍ମୀର ବିଧାନସଭାରେ ପ୍ରସ୍ତାବ ପାରିତ ହୋଇଥିଲା। ଏହାକୁ ନେଇ ଗତକାଲି ଠାରୁ ଗୃହରେ ହଙ୍ଗାମା ଜାରି ରହିଥିଲା। ତେବେ ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଏହାକୁ ନେଇ ଦୁଇ ପକ୍ଷର ବିଧାୟକ ପରସ୍ପର ମୁହାଁମୁହିଁ ହୋଇଥିଲେ। ପରସ୍ପର ସହ ପିଟାପିଟି ହେବା ସହ ଠେଲାପେଲା ମଧ୍ୟ ହୋଇଥିଲେ। କୁହାଯାଉଛି ଯେ ବିଧାୟକ ଇଞ୍ଜିନିୟର ରସିଦଙ୍କ ଭାଇ ଖୁରସିଦ ଅହମ୍ମଦ ଶେଖ ଲାଗୁ କରିବା

**ଠେଲାପେଲା ହେଲେ ବିଧାୟକ**

ପାଇଁ ଦାବି କରି ଗୃହରେ ଧାରା ୩୭୦ର ବ୍ୟାନର ଦେଖାଇଥିଲେ। ବିଧାନସଭାରେ ବିରୋଧୀଦଳ ନେତା ସୁନୀଲ ଶର୍ମା ବ୍ୟାନର ପ୍ରଦର୍ଶନକୁ ବିରୋଧ କରିଥିଲେ। ଏହି ପୋଷ୍ଟର ଦେଖିବା ପରେ ବିଜେପି ବିଧାୟକମାନେ ରାଗି ଯାଇଥିଲେ। ସେମାନେ ତାଙ୍କ ହାତରୁ ବ୍ୟାନର ଛଡ଼ାଇ ନେଇଥିଲେ।



ଏହା ପରେ ଦଳର ବିଧାୟକ ଏବଂ ବିରୋଧୀଙ୍କ ମଧ୍ୟରେ ଝଗଡ଼ା ଆରମ୍ଭ ହୋଇଥିଲା। ବିଜେପି ବିଧାୟକମାନେ ଶେଖ ଖୁରସିଦଙ୍କ ହାତରୁ ବ୍ୟାନର ନେଇ ଏହାକୁ ଚିରି ଦେଇଥିଲେ। ଏପରିକି ବିଧାୟକଙ୍କ ମଧ୍ୟରେ ପିଟାପଟି ମଧ୍ୟ ହୋଇଥିଲେ। ଏହାପରେ ମାର୍ଶଲ ଯେଉଁମାନେ ହଙ୍ଗାମା ସୃଷ୍ଟି କରିଥିଲେ ସେହି ବିରୋଧୀ ବିଧାୟକଙ୍କୁ ଗୃହରୁ ବାହାର କରି ଦେଇଥିଲେ। ଏହା ପରେ ଗୃହ କାର୍ଯ୍ୟକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଥିଲା। ବିଜେପି ନେତା ରବିନ୍ଦ୍ର ରାଇନା କହିଛନ୍ତି ଯେ ଜମ୍ମୁ-କଶ୍ମୀରରେ ଧାରା ୩୭୦ ବର୍ତ୍ତମାନ ଇତିହାସରେ ପରିଣତ ହୋଇଛି । ଓମାର ଅବଦୁଲ୍ଲା ସରକାର ପାକିସ୍ତାନର ମନୋବଳ ବୃଦ୍ଧି କରୁଛନ୍ତି। ଧାରା ୩୭୦ ଜମ୍ମୁ କଶ୍ମୀରରେ ଆତଙ୍କବାଦ, ବିଚ୍ଛିନ୍ନତାବାଦ ଏବଂ ପାକିସ୍ତାନ ମାନସିକତାକୁ ଜନ୍ମ ଦେଇଥିଲା।

ଏଭଳି ପରିସ୍ଥିତିରେ ବିଧାନସଭାରେ ଧାରା ୩୭୦ ପ୍ରସ୍ତାବକୁ ଅସାମ୍ବିଧାନିକ ଢଙ୍ଗରେ ଆଣିବା ଏବଂ ଏହାକୁ ଶୀଘ୍ର, ଗୁପ୍ତ ଭାବରେ ଚୋରଙ୍କ ପରି ଉପସ୍ଥାପନ କରିବା ଦର୍ଶାଏ ଯେ ଜମ୍ମୁ କଶ୍ମୀରରେ ନ୍ୟାସନାଲ କନ୍‌ଫରେନ୍ସ ଏବଂ କଂଗ୍ରେସ ପୁଣି ପରିସ୍ଥିତିକୁ ଆହୁରି ଖରାପ କରିବାକୁ ଚାହୁଁଛି ।

### ଇଣ୍ଟରନେଟ ବ୍ୟବହାରରେ ଭାରତକୁ ନୂଆ ସଫଳତା

# ୯୬ କୋଟିରେ ପହଞ୍ଚିଲା ସବସ୍କ୍ରାଇବରଙ୍କ ସଂଖ୍ୟା

**ନୂଆଦିଲ୍ଲୀ:** ବିଶ୍ୱର ସବୁଠୁ ଅଧିକ ଇଣ୍ଟରନେଟ ସବସ୍କ୍ରାଇବର ଥିବା ଦେଶ ହେଲା ଭାରତ। ଦେଶରେ ଏବେ ପ୍ରାୟ ୯୬ କୋଟି ଇଣ୍ଟରନେଟ ୟୁଜର ରହିଛନ୍ତି। ବଡ଼ କଥା ହେଲା ଏହି ୟୁଜରଙ୍କ ସଂଖ୍ୟା ଆମେରିକା, ଜାପାନ ଏବଂ ରୁଷର ସମୁଦାୟ ଜନସଂଖ୍ୟା ଠାରୁ ବି ଅଧିକ। ଆଉ ଏହି ୯୬ କୋଟି ଇଣ୍ଟରନେଟ ସବସ୍କ୍ରାଇବର ସହ ନୂଆ ଇତିହାସ ରଚିଲା ଭାରତ । ଟେଲିକମ ମନ୍ତ୍ରଣାଳୟର ରିପୋର୍ଟ ଅନୁସାରେ, ଏପ୍ରିଲ-ଜୁନ୍ ତ୍ରୈମାସିକରେ ଭାରତର ଇଣ୍ଟରନେଟ ୟୁଜରଙ୍କ ସଂଖ୍ୟା ୯୫.୪୪ କୋଟି ଟଙ୍କାରୁ ୯୬.୯୬ କୋଟିକୁ ବୃଦ୍ଧି ପାଇଛି। ଏଥିରେ ପ୍ରାୟ ୧.୫୯% ବୃଦ୍ଧି ହୋଇଛି।



ସମୁଦାୟ ୯୬.୯୬ କୋଟି ଗ୍ରାହକଙ୍କ ମଧ୍ୟରୁ ୪.୨ କୋଟି ୱାୟରଡ କନେକ୍ସନ ଏବଂ ୯୨ କୋଟି ୱାୟାରଲେସ କନେକ୍ସନ ରହିଛି। ବଡ଼ କଥା ହେଲା ଏହି ସଂଖ୍ୟା ଆମେରିକା, ଜାପାନ ଏବଂ ରୁଷର ସମୁଦାୟ ଜନସଂଖ୍ୟା ଠାରୁ ମଧ୍ୟ ଅଧିକ । ଆଉ ଏହି ତଥ୍ୟ ହିଁ ଭାରତରେ ବଢୁଥିବା ଇଣ୍ଟରନେଟ୍ର ଚାହିଦାକୁ ଦର୍ଶାଉଛି।

ନିକଟରେ ଟ୍ରାଇ ଜାରି କରିଥିବା ରିପୋର୍ଟରେ, ଡାଟା ଟ୍ରାଫିକରେ ରିଲାଏନ୍ସ ଜିଓ ବିଶ୍ୱର ସର୍ବବୃହତ ନେଟୱର୍କ ହୋଇଥିବା କୁହାଯାଇଥିଲା। ଏମିତିକି ଜିଓ ଚୀନର କମ୍ପାନି 'ଚାଇନା ମୋବାଇଲ୍'କୁ ମଧ୍ୟ ପଛରେ ପକାଇବା କଥା ମଧ୍ୟ କୁହାଯାଇଛି। ସେହିଭଳି ଡାଟା ଟ୍ରାଫିକରେ ଚାଇନା ଟେଲିକମ୍ ତୃତୀୟ ସ୍ଥାନ, ଭାରତୀୟ କମ୍ପାନୀ ଏୟାରଟେଲ ଚତୁର୍ଥ ସ୍ଥାନରେ ଏବଂ ଭୋଡା ଆଇଡିଆ ଷଷ୍ଠ ସ୍ଥାନରେ ରହିଥିବା ଟ୍ରାଇ ରିପୋର୍ଟରୁ ପ୍ରକାଶ ।

## ଜନ ଆରୋଗ୍ୟ ସମିତିର ଗଭର୍ଣ୍ଣିଂବଡି ବୈଠକ

**ଗଂଜାମ:** ଶେରଗଡ ବ୍ଲକର ପିତଳ ନୂତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜନଆରୋଗ୍ୟ ସମିତିର ପରିଚାଳନା କମିଟିର ବୈଠକ ପିତଳ ୫୮ ନମ୍ବର ଜିଲା ପରିଷଦ ସଭ୍ୟା ମନୋରମା ପୋଲାଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଡାକ୍ତର ମାନସକୁମାର ବିଷୋଇ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ପରେ ଆୟୁଷଡାକ୍ତର ଦେବାଶିଷ ଶତପଥୀ ବିବରଣୀପାଠ କରିଥିଲେ । ବୈଠକରେ ମେଡିକାଲ ମଧ୍ୟରେ ଜନସାଧାରଣଙ୍କ ପାଇଁ ଶୌଚାଳୟ ନିର୍ମାଣ, ଇନଡୋର ଶୌଚାଳୟ, ନିର୍ମାଣ, ଆୟୁଷ ଡାକ୍ତରଖାନା ଓ ଟୀକାକରଣ ଗୃହରେ ନୂତନ ପାଣି ଟାଙ୍କି ସ୍ଥାପନ, ଲେବରରୁମକୁ ବିଦ୍ୟୁତ ଓ ପାଣିଯୋଗାଣ ବ୍ୟବସ୍ଥା, ମେଡିକାଲ୍ ଅଫିସରଙ୍କ ପୁରୁଣା କ୍ୱାଟର ମରାମତି, ବିଦ୍ୟୁତ ପାଣି ଯୋଗାଣ ବ୍ୟବସ୍ଥା, କାଓ କ୍ୟାଚର ସ୍ଥାପନ, ଏକ୍ୱାଗାର୍ଡ ସ୍ଥାପନ, ଟିଭି, ୱାଇଫାଇ ସଂଯୋଗ, ଡ୍ରେସିଂରୁମ ଡ୍ରେନଜ ସିଷ୍ଟମ, ମହିଳା ନର୍ସ ନିଯୁକ୍ତି ଓ କଂପାଉଣ୍ଡ ୱାଲ ନିର୍ମାଣ ପାଇଁ ବୈଠକରେ ପ୍ରସ୍ତାବ ଗ୍ରହଣ କରାଯାଇଛି ।

# ରାହୁଲଙ୍କୁ ଚିଠି ଲେଖିଲେ ଆତଙ୍କୀ ୟାସିନ ମଲ୍ଲିକର ପତ୍ନୀ

**ଜମ୍ମୁ କଶ୍ମୀରରେ ଶାନ୍ତି ବଜାୟ ରଖିବାରେ ତାଙ୍କ ସ୍ୱାମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି ବୋଲି ମୁଶାଲ ଦାବି କରିଛନ୍ତି । ଏଥିସହ ମିଥ୍ୟା ମାମଲାରେ ତାଙ୍କ ସ୍ୱାମୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି ।**

**ଜମ୍ମୁ-କାଶ୍ମୀର:** ଲୋକସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କୁ ଚିଠି ଲେଖିଲେ ଜମ୍ମୁ କଶ୍ମୀର ଲିବରେସନ ଫ୍ରଣ୍ଟ (ଜେଏଫଏଲଏଫ) ମୁଖ୍ୟ ତଥା ଆତଙ୍କବାଦୀ ୟାସିନ ମଲ୍ଲିକଙ୍କ ପତ୍ନୀ ମୁଶାଲ ହୁସେନ୍ ମଲ୍ଲିକ। ଜେଲରେ ଥିବା ସ୍ୱାମୀ ୟାସିନଙ୍କ ବିଷୟରେ ସଂସଦରେ ପ୍ରସଙ୍ଗ ଉଠାଇବାକୁ ଚିଠିରେ ମୁଶାଲ ଅନୁରୋଧ କରିଛନ୍ତି।

ଜମ୍ମୁ କଶ୍ମୀରରେ ଶାନ୍ତି ବଜାୟ ରଖିବାରେ ତାଙ୍କ ସ୍ୱାମୀ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରନ୍ତି ବୋଲି ମୁଶାଲ ଦାବି କରିଛନ୍ତି। ଏଥିସହ ମିଥ୍ୟା ମାମଲାରେ ତାଙ୍କ ସ୍ୱାମୀଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଛି ବୋଲି ସେ ଚିଠିରେ ଉଲ୍ଲେଖ କରିଛନ୍ତି। ମାନବ ଅଧିକାର ତଥା



ମହିଳା ସଶକ୍ତିକରଣ ପ୍ରସଙ୍ଗରେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ସହାୟକ ରହିସାରି ଥିବା ମୁଶାଲ ରାହୁଲ ଗାନ୍ଧିଙ୍କୁ ଲେଖିଥିବା ଚିଠିରେ ୩ ଦଶନ୍ଧି ପୁରୁଣା ଦେଶଦ୍ରୋହ ମାମଲାରେ ମଲିକଙ୍କ ବିରୋଧରେ ଚାଲିଥିବା ମକଦ୍ଦମା ପ୍ରତି ଦୃଷ୍ଟି ଆକର୍ଷଣ କରିଛନ୍ତି।

ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଇବା ମାମଲାରେ ବିଚ୍ଛିନ୍ନତାବାଦୀ ନେତା ତଥା ଆତଙ୍କବାଦୀ ୟାସିନ ମଲ୍ଲିକ ବିରୋଧରେ ଦିଲ୍ଲୀ ହାଇକୋର୍ଟରେ ମକଦ୍ଦମା ଚାଲିଛି। ୨୦୧୭ର ୟାସିନଙ୍କ ସମେତ ଅନେକ ବ୍ୟକ୍ତିଙ୍କ ବିରୋଧରେ ଏଜେନ୍ସି ଏକ ଚାର୍ଜସିଟ୍ ମଧ୍ୟ ଦାଖଲ କରିଥିଲା। ଏହି ମାମଲାରେ ଜାତୀୟ ଅନୁସନ୍ଧାନ ଏଜେନ୍ସି ଯଥା ଘଓଇ ତାଙ୍କୁ ମୃତ୍ୟୁ ଦଣ୍ଡ ଦେବାକୁ ଦାବି କରିଛି। ୨୦୨୨ମସିହାରେ, ଏକ ନିମ୍ନ ଅଦାଲତ ୟାସିନ ମଲ୍ଲିକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ।

ମୁଶାଲ ନିଜ ଚିଠିରେ ଲେଖିଛନ୍ତି ଯେ ଜେଲରେ ଥିବା ଅମାନୁଷିକ ବ୍ୟବହାରକୁ ବିରୋଧ କରି ୟାସିନ ନଭେମ୍ବର ୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ଅଛନ୍ତି। ସିଏ ଅସ୍ତ୍ର ଛାଡି ଅହିଂସା ପଥ ଅନୁସରଣ କରିଛନ୍ତି। ଏହି ଅନଶନ ମଲ୍ଲିକଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ପ୍ରଭାବ ପକାଇବ। ଏହାଦ୍ୱାରା ତାଙ୍କ ଜୀବନ ପ୍ରତି ମଧ୍ୟ ବିପଦ ରହିଛି।

ମୁଶାଲ ରାହୁଲ ଗାନ୍ଧିଙ୍କ ନିକଟକୁ ଲେଖିଥିବା ଚିଠିରେ ୨୦୧୯ ମସିହାରୁ ବିଜେପି ସରକାର ୟାସିନ ମଲ୍ଲିକଙ୍କୁ ହଇରାଣ କରୁଥିବା ଅଭିଯୋଗ କରିଛନ୍ତି। ମଲ୍ଲିକଙ୍କୁ ୩୫ ବର୍ଷ ପୁରୁଣା ମାମଲାରେ ଫସାଇ ଦିଆଯାଇଛି। ତାଙ୍କ ବିରୋଧରେ ମକଦ୍ଦମା ଚାଲଛି। ବର୍ତ୍ତମାନ ତାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାରେ ଏନଆଇଏ ତାଙ୍କ ପାଇଁ ମୃତ୍ୟୁଦଣ୍ଡ ଦାବି କରୁଛି। ତେଣୁ ମୁଁ ଆପଣଙ୍କୁ(ରାହୁଲ ଗାନ୍ଧି) ଅନୁରୋଧ କରୁଛି ଯେ ସଂସଦରେ ଆପଣଙ୍କ ଉଚ୍ଚ ନୈତିକ ଏବଂ ରାଜନୈତିକ ପ୍ରଭାବ ବ୍ୟବହାର କରନ୍ତୁ। ୟାସିନ ମଲ୍ଲିକଙ୍କ ମାମଲା ଉପରେ ଆଲୋଚନା ଯାହା ଦ୍ୱାରା ଜାମ୍ମୁ କାଶ୍ମୀରରେ ଦେଖାଣିଆ ନୁହେଁ, ପ୍ରକୃତ ଶାନ୍ତି ଫେରିପାରିବ ବୋଲି କୁଶାଳ ନିଜ ଚିଠିରେ ଉଲ୍ଲେଖ କରିଛନ୍ତି ।

## ରାଶିଫଳ

**ମେଷ :** ଦିବା ୧୧ଟା ୪୭ ମିନିଟ୍ ପରେ ଘାତତିଥି ଯୋଗୁ ଘାତ ତିଥିର ପ୍ରଭାବ ରହିବ । ଯଶ, ସମ୍ମାନ, ସାମାଜିକ ପ୍ରତିଷ୍ଠା ଏବଂ ଜନ ସମ୍ପର୍କ ବୃଦ୍ଧି ପାଇବ । ମନରେ ଉନ୍ନତ ଚିନ୍ତାଧାରା, ଉଚ୍ଚାଭିଳାଷ ପ୍ରକାଶ ପାଇବ ଏବଂ ଉନ୍ନତିମୂଳକ କର୍ମରେ ଧ୍ୟାନ ଅଧିକ ରହିବ ।

**ବୃଷ :** ଅଷ୍ଟମ ଚନ୍ଦ୍ର ଯୋଗୁ ମନରେ ବିରକ୍ତି ଭାବ ଓ ଚିଡ଼ିଚିଡ଼ାପଣ ପ୍ରକାଶ ପାଇବ ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ବିବାଦୀୟ ହେବ । ମନରେ ଅସ୍ଥିରତା, ପରିବାରରେ ମତାନ୍ତର ଏବଂ ଶାରୀରିକ ପୀଡ଼ା ଭୋଗିବେ ।

**ମିଥୁନ :** ସପ୍ତମ ଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା, ଦାମ୍ପତ୍ୟ ଜୀବନରେ ମଧୁରତା ଏବଂ ପରିଚିତ ମହିଳାଙ୍କଠାରୁ ସାହାଯ୍ୟ, ସହଯୋଗ ଓ ଧନ ମିଳିବ । ପରିବାର ପ୍ରତି ଅଧିକ ଯତ୍ନଶୀଳ ହେବେ ଏବଂ ପରିବାରର ସମସ୍ତ ସଦସ୍ୟଙ୍କ ମଧ୍ୟରେ ଉତ୍ତମ ବୁଝାମଣା ରହିବ ।

**କର୍କଟ :** ଷଷ୍ଠ ଚନ୍ଦ୍ର ଯୋଗୁ ମନରେ ପ୍ରସନ୍ନତା, ଶରୀରରେ ସୁସ୍ଥତା, ପରିବାରରେ ମିତ୍ରତା, ସମସ୍ତଙ୍କ ସହ ବନ୍ଧୁତା, ଚାଲିଚଳନରେ ସଂଯମତା, ବଚନରେ ମଧୁରତା ଏବଂ ସମସ୍ତ କର୍ମରେ ସ୍ୱଚ୍ଛତା ଓ ସମୟାନୁବର୍ତ୍ତିତା ଆପଣାଇବେ । ଗୁରୁଜନଙ୍କ ପ୍ରତି ସମ୍ମାନ ଏବଂ ଲଘୁଜନଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା ଓ ଆନ୍ତରିକତା ଅଧିକ ରହିବ ।

**ସିଂହ:** ପଞ୍ଚମ ଚନ୍ଦ୍ର ଯୋଗୁ ବିଦ୍ୟା, ବୁଦ୍ଧି, ଜ୍ଞାନ, ଗରିମା, ପ୍ରତ୍ୟୁତ୍ପନ୍ନମତି, ଦୂରଦୃଷ୍ଟି ଓ ଧୀଶକ୍ତିର ବିକାଶ ଘଟିବ । ସନ୍ତାନମାନଙ୍କ ଶିକ୍ଷା, ଦୀକ୍ଷା, ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ଓ କର୍ମକୁ ନେଇ ଗର୍ବ ଅନୁଭବ କରିବେ ।

**କନ୍ୟା:** ଚତୁର୍ଥ ଚନ୍ଦ୍ର ଯୋଗୁ ଧନକ୍ଷତି, ମାନସିକ ଅସ୍ଥିରତା, ପରିବାରରେ ମତାନ୍ତର, ଯାନବାହନରେ ଖର୍ଚ୍ଚାନ୍ତ ଏବଂ ମାଲିମକଦ୍ଦମାରେ ପଡ଼ିପାରନ୍ତି । ମୂଲ୍ୟବାନ ପଦାର୍ଥ ନଷ୍ଟ କିମ୍ବା ହଜିଯାଇପାରେ ଏବଂ ଆର୍ଥିକ ଠକାମିରେ ପଡ଼ିପାରନ୍ତି ।

**ତୁଳା:** ଘାତଚନ୍ଦ୍ର, ଘାତବାର ଯୋଗୁ ବାଦବିବାଦ, ସ୍ୱାସ୍ଥ୍ୟ, ଭାଇଭଉଣୀଙ୍କ ସହ କଥାବାର୍ତ୍ତା ବେଳେ ସତର୍କ ରହିବେ । ମନରେ ଅସ୍ଥିରତା, ପରିବାରରେ ମତାନ୍ତର, ସ୍ୱଜନରେ ବିବାଦ ଏବଂ ଭାଇଭଉଣୀଙ୍କ ସହ ବିବାଦ ଦେଖାଦେବ ।

**ବିଛା :** ଦ୍ୱିତୀୟ ଚନ୍ଦ୍ର ଯୋଗୁ ଧନ, ସମ୍ପଦ ବୃଦ୍ଧି ପାଇବ ଏବଂ ଆୟର ନୂତନ ମାର୍ଗ ଖୋଲିବ । ଧନ ପ୍ରତି ମନରେ ଅଧିକ ଆଗ୍ରହ ରହିବ ଏବଂ ଧନ ଯେତେ ଅଧିକ ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ଅତି ଉତ୍ତମ ହେବ ଏବଂ ଆର୍ଥିକ ସ୍ଥିତିରେ ଉନ୍ନତି ଆସିବ ।

**ଧନୁ :** ଶ୍ରୀଚନ୍ଦ୍ର ଯୋଗୁ ସ୍ୱଜନରେ ସୁସମ୍ପର୍କ, ପରିବାରରେ ସୁଖଶାନ୍ତି ଏବଂ ଚାଲିଚଳନ, ବ୍ୟବହାର, କଥାବାର୍ତ୍ତା ମାର୍ଜିତ ହେବ । ଆମୋଦପ୍ରମୋଦ ଏବଂ ମଉଜ ମଜଲିସ୍‌ରେ ଅଧିକ ଆଗ୍ରହ ରହିବ ଏବଂ ପରିବାର ପ୍ରତି ଅଧିକ ଯତ୍ନଶୀଳ ହେବେ ।

**ମକର :** ଦ୍ୱାଦଶ ଚନ୍ଦ୍ର ଯୋଗୁ ମନରେ ଦୁଶ୍ଚିନ୍ତା, ଦୁର୍ଭାବନା ଓ ହତୋତ୍ସାହ ଭାବ ପ୍ରକାଶ ପାଇବ ଏବଂ ସମସ୍ତ କର୍ମରେ ଭୁଲ୍ ନିଷ୍ପତ୍ତି ନେବେ । ଅଯଥା ଖର୍ଚ୍ଚ, ବୃଥା ଭ୍ରମଣ ଲାଗି ରହିବ ଏବଂ ସତ୍‌ସଙ୍ଗ ପରିତ୍ୟାଗ କରି କୁସଙ୍ଗରେ ପଡ଼ିବେ ।

**କୁମ୍ଭ :** ଘାତଚନ୍ଦ୍ର ଓ ଘାତବାର ଯୋଗୁ ଆର୍ଥିକ କାରବାର ଏବଂ ଯେକୌଣସି କର୍ମ କରିବା ପୂର୍ବରୁ ଭଲ ଭାବରେ ଚିନ୍ତା କରି ଆରମ୍ଭ କରିବେ । ମନରେ ଅସ୍ଥିରତା, ସମସ୍ତ କର୍ମରେ ଅନିୟମିତତା ଏବଂ ବିନା କାରଣରେ ବହୁତ ବ୍ୟସ୍ତ ରହିବେ ।

**ମୀନ :** ଦଶମ ଚନ୍ଦ୍ର ଏବଂ ଘାତତିଥି ଯୋଗୁ ସମସ୍ତ କର୍ମରେ ଓ ବ୍ୟବସାୟରେ ଶୁଭଫଳ ମିଳିଲେ ମଧ୍ୟ କିଛି ସମସ୍ୟା ଦେଖାଦେବ । କର୍ମ ପ୍ରତି ଏକାଗ୍ରତା ଓ ଆନ୍ତରିକତା ଅଧିକ ରହିବ ଏବଂ କର୍ମରେ ସଫଳତା ମିଳିଲେ ମଧ୍ୟ ମନରେ ଆତ୍ମସନ୍ତୋଷ ମିଳିବ ନାହିଁ । ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଆୟ ମଧ୍ୟମ ହେବ ଏବଂ ନୂତନ ବ୍ୟବସାୟର ସୁଯୋଗ ଜୁଟିବ ।

ମାତୃଭାଷା

କଟକ, ଶୁକ୍ରବାର, ନଭେମ୍ବର-୮, ୨୦୨୪ ପୃଷ୍ଠା:୪

# ପୁଣି ଫେରିଲେ ଟ୍ରମ୍ପ – ଭାରତ ଆଉ ଆମେରିକା ସମ୍ପର୍କ ମାରିବ ଜମ୍ପ

ସୁପର ପାୱାରର ସୁପରବସ୍ ଡୋନାଲ୍ଡ ଟ୍ରମ୍ପ । କମାଲ କରିପାରିଲେନି କମଲା ହାରିସ, ଆମେରିକାରେ ଟ୍ରମ୍ପ ଝଡ଼ । ଆସିଲା ବିଶ୍ୱର ବହୁ ପ୍ରତୀକ୍ଷିତ ଜନାଦେଶ। ଆମେରିକାରେ ପୁଣି ଟ୍ରମ୍ପ ସରକାର । ୪ବର୍ଷ ପରେ ପୁଣି ଆମେରିକା ରାଷ୍ଟ୍ରପତି ହେବେ ରିପବ୍ଲିକାନ ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ । ହାରିସଙ୍କୁ ହରାଇ ଟ୍ରମ୍ପ ଆମେରିକାର ୪୭ତମ ରାଷ୍ଟ୍ରପତି ହେବାକୁ ଯାଉଛନ୍ତି।

ଜିତିବା ପରେ ଆମେରିକାବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଟ୍ରମ୍ପ । ଆମେରିକା ଇତିହାସର ଏହା ସବୁଠୁ ବଡ ବିଜୟ। ଆମେରିକା ଅଭୂତପୂର୍ବ ଜନାଦେଶ ଦେଇଥିବା ଟ୍ରମ୍ପ କହିଛନ୍ତି। ତେବେ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେଲେ ଭାରତ ପାଇଁ ଭଲ ଖବର ନା ଖରାପ ? କେମିତି ବଦଳିବ ଭାରତ-ଆମେରିକା ଦ୍ୱିପାକ୍ଷିକ ସଂପର୍କ ? ଆମେରିକାରେ ଟ୍ରମ୍ପ ୨.୦, ଭାରତରେ କେମିତି ରହିବ ପ୍ରଭାବ ?

ଭାରତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଭଲ ସଂପର୍କ ରହିଛି । ହାଓଡି ମୋଦି ଓ ନମସ୍ତେ ଟ୍ରମ୍ପ ପରି ହାଇପ୍ରୋଫାଇଲ୍ କାର୍ଯ୍ୟକ୍ରମରେ ଏହାର ଝଲକ ଦେଖିବାକୁ ମିଳିଛି । ଉଭୟ ନେତାଙ୍କ ଆଦର୍ଶଗତ ସମାନତା ମଧ୍ୟ ରହିଛି । ଦୀପାବଳିରେ ମୋଦିଙ୍କୁ ନିଜ ବନ୍ଧୁ କହିବା ସହ ସରକାରକୁ ଆସିଲେ ଦୁଇ ଦେଶ ମଧ୍ୟରେ ସଂପର୍କ ଆହୁରି ମଜବୁତ କରିବାକୁ ପ୍ରତିବଦ୍ଧତା ଦେଖାଇଥିଲେ ଟ୍ରମ୍ପ । ତେଣୁ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଆମେରିକା ରାଷ୍ଟ୍ରପତି ହେଲେ, ମୋଦିଙ୍କ ସହ ଭଲ ତାଳମେଳ ସହ ଭାରତ ସହ ସଂପର୍କ ଆହୁରି ନିବିଡ ହୋଇପାରେ । ଜୋ ବାଇଡେନଙ୍କ ଅପେକ୍ଷା ଟ୍ରମ୍ପ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ କମ୍ ହସ୍ତକ୍ଷେପ କରିବେ ବୋଲି ବୈଦେଶିକ ବ୍ୟାପାର ବିଶେଷଜ୍ଞ କହିଛନ୍ତି ।

ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱାଧୀନ ପ୍ରଶାସନ ଆମେରିକା ସ୍ୱାର୍ଥ କେନ୍ଦ୍ରିତ ବାଣିଜ୍ୟ ନୀତି ଉପରେ ହିଁ ଜୋର୍ ଦେବ । ଭାରତ ଉପରେ ବ୍ୟାପାରରେ ବାଧା କମ୍ କରିବା ସହ ଶୁଳ୍କକୁ ନେଇ ଚାପ ପକାଇବ । ଫଳରେ ଭାରତର ଆଇଟି, ଫାର୍ମାସ୍ୟୁଟିକାଲ ଓ ଟେକ୍ସଟାଇଲ୍ କ୍ଷେତ୍ର ପ୍ରଭାବିତ ହେବ । ଭାରତୀୟ ଆଇଟି କମ୍ପାନୀ ପାଇଁ ଆମେରିକା ବାଟ ଖୋଲିପାରେ । ଭାରତୀୟ ଉତ୍ପାଦ ପାଇଁ ଆମେରିକା ବଡ ବଜାର । ଟ୍ରମ୍ପ ସେପ୍ଟେମ୍ବରରେ ଆମଦାନୀ ଶୁଳ୍କକୁ ନେଇ ଭାରତ, ଚୀନ୍ ଓ ବ୍ରାଜିଲ ନୀତିକୁ ସମାଲୋଚନା କରିଥିଲେ । ତେଣୁ ଭାରତ ତାଙ୍କ ନେତୃତ୍ୱରେ ଆମେରିକାଠାରୁ ଅଧିକ ଆଶା କରିବା ଠିକ୍ ହେବନି । ଯଦି ଟ୍ରମ୍ପ ଶାସନ ଆମେରିକୀୟ କମ୍ପାନୀଙ୍କୁ ସପ୍ଲାଏ ଚେନ୍ ପାଇଁ ଚୀନ ଉପରେ ନିର୍ଭରଶୀଳତା କମ୍ କରିବାକୁ ପ୍ରୋତ୍ସାହିତ କରେ ତେବେ ପରୋକ୍ଷରେ ଭାରତ ଲାଭ ପାଇପାରେ ।

ଟ୍ରମ୍ପ ପ୍ରଶାସନର ନେତୃତ୍ୱରେ ଭାରତ ଓ ଆମେରିକା ମଧ୍ୟରେ ପ୍ରତିରକ୍ଷା ସହଯୋଗ ବଢିବା ସହ ଆହୁରି ମଜବୁତ ହୋଇପାରେ । ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳରେ ହିଁ ଇଣ୍ଡୋ-ପାସିଫିକ୍ କ୍ଷେତ୍ରରେ ଚୀନ ପ୍ରଭାବର ମୁକାବିଲା ପାଇଁ ଏକାଠି ହୋଇଥିଲେ ଆମେରିକା, ଭାରତ, ଜାପାନ ଓ ଅଷ୍ଟ୍ରେଲିଆ । ଚୀନ୍ ଓ ପାକିସ୍ତାନ ଭଳି ପଡୋଶୀ ଦେଶ ସହ ସୀମାରେ ଅଶାନ୍ତି ରହିଥିବା ବେଳେ ଆମେରିକା ସହ ଅତିରିକ୍ତ ମିଳିତ ସମରାଭ୍ୟାସ, ଅସ୍ତ୍ରଶସ୍ତ୍ର ବିକ୍ରି, ଟେକ୍ନୋଲୋଜି ଆଦାନପ୍ରଦାନ ଭାରତର ପ୍ରତିରକ୍ଷା ଶକ୍ତିକୁ ମଜବୁତ କରିପାରିବ ।

ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବ କାର୍ଯ୍ୟକାଳ ବେଳେ ତାଙ୍କ ପ୍ରବାସୀ ନୀତି ଓ ଏଚ୍- ୧ବି ଭିସାକୁ ନେଇ ଆଭିମୁଖ୍ୟ ଭାରତୀୟଙ୍କ ଉପରେ ପ୍ରଭାବ ପକାଇଥିଲା। ସମାନ ନୀତି ଏଥର ଫେରିଲେ ଆମେରିକାରେ ଚାକିରି କରିବା ଭାରତୀୟଙ୍କ ପାଇଁ କଷ୍ଟକର ହୋଇପାରେ । ଏଥିସହ ଭାରତୀୟଙ୍କ ଉପରେ ନିର୍ଭରଶୀଳ କ୍ଷେତ୍ର ବି ପ୍ରଭାବିତ ହେବ । ୨୦୨୦ରେ କରୋନା ସଂକଟ ବେଳେ ଭିସା କଟକଣା ଲଗାଇଥିଲେ ଟ୍ରମ୍ପ ।

ଦକ୍ଷିଣ ଏସିଆରେ ଡୋନାଲ୍ଡ ଟ୍ରମ୍ପଙ୍କ ନୀତି ଭାରତର ସ୍ୱାର୍ଥକୁ ପ୍ରଭାବିତ କରିପାରେ । ନିକଟରେ ପାକିସ୍ତାନ ସହ କାମ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ ଟ୍ରମ୍ପ । ତେବେ ଆତଙ୍କବାଦ ନିରୋଧୀ ଉଦ୍ୟମ ନେଇ ପାକିସ୍ତାନର ଉତ୍ତର ଉପରେ ଜୋର ଦେଇଥିଲେ। ଟ୍ରମ୍ପଙ୍କ ଶକ୍ତି ଦ୍ୱାରା ଶାନ୍ତି ମନ୍ତ୍ର ନେଇ ଆମେରିକା ଆତଙ୍କବାଦ ବିରୋଧରେ କଡା ଆଭିମୁଖ୍ୟ ଦେଖାଇପାରେ । ଯାହା ଭାରତ ସପକ୍ଷରେ କାମ କରିବ । ପୂର୍ବ କାର୍ଯ୍ୟକାଳରେ ଟ୍ରମ୍ପ ପାକିସ୍ତାନକୁ ଦିଆଯାଉଥିବା ସୈନ୍ୟ ସହାୟତା କମ୍ କରିଥିଲେ ।

ଡେମୋକ୍ରାଟିକ ପାର୍ଟିର ପ୍ରାର୍ଥୀ ତଥା ଭାରତୀୟ ବଂଶୋଦ୍ଭବ କମଲା ହାରିସ ହାରିଛନ୍ତି। ଶେଷ ପର୍ଯ୍ୟନ୍ତ ତାଙ୍କୁ ଦମଦାର ପ୍ରାର୍ଥୀ କୁହାଯାଉଥିଲେ ବି କମଲା ଶେଷରେ ଆଣ୍ଠେଇଛନ୍ତି ।

ଇଲେକ୍ଟୋରାଲ ଭୋଟର ଗଣତି ଶେଷ ହେଲେ ଟ୍ରମ୍ପ ମୋଟ ୩୦୬ ଭୋଟ ପାଇବେ ବୋଲି ମଧ୍ୟ ଆକଳନ କରାଯାଉଛି ରିପୋର୍ଟ ଅନୁସାରେ । ସେପଟେ କମଲାଙ୍କୁ ପ୍ରାୟ ୨୩୨ ଟି ଇଲେକ୍ଟୋରାଲ ଭୋଟ ମିଳିବ । ତେବେ କ'ଣ ପାଇଁ ଏତେ ଲୋକପ୍ରିୟ କୁହାଯାଉଥିବା କମଲା ହାରିଛନ୍ତି, ତାହାର ୫ ଟି ମୁଖ୍ୟ କାରଣ ରହିଛି। କମଲା ହାରିସଙ୍କ ପ୍ରତି ମହିଳାଙ୍କ ସହ ଏସିଆ ସମୁଦାୟର ମଧ୍ୟ ସମର୍ଥନ ଥିଲା । ମାତ୍ର ସେ ଡୋନାଲ୍ଡ ଟ୍ରମ୍ପ ସାମ୍ନାରେ ବାଧ୍ୟ ହୋଇଛନ୍ତି ହାରିବା ପାଇଁ । ଏହି ପାଞ୍ଚ କାରଣ ପାଇଁ ହିଁ ଡୋନାଲ୍ଡଠୁ ହାରିଛନ୍ତି କମଲା ।

ପ୍ରକାଶଥାଉ ଯେ, ଆମେରିକାରେ ମତଦାତା ଆର୍ଥିକ ଅର୍ଥ ବ୍ୟବସ୍ଥାକୁ ବେଶ୍ ଗୁରୁତ୍ୱ ଦେଇଥାନ୍ତି । ଟ୍ରମ୍ପଙ୍କୁ ଆର୍ଥିକ ମାମଲା କ୍ଷେତ୍ରରେ ଅଧିକ ଅନୁକୂଳ ଭାବରେ ଦେଖାଯାଏ ଆମେରିକାରେ । ମତଦାତାଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ଆର୍ଥିକ ନୀତିରେ କମଲାଙ୍କଠୁ ବେଶୀ ଟ୍ରମ୍ପଙ୍କ ଉପରେ ଭରସା କରନ୍ତି । ଫଳରେ ସ୍ୱିଂ ଭୋଟ ଅନେକାଂଶରେ ଡୋନାଲ୍ଡଙ୍କ ଆଡକୁ ଢଳିଲା । କମଲା ହାରିସଙ୍କୁ ବିଶ୍ୱାସ କଲେନି ମତଦାତା । ଟ୍ରମ୍ପ ବିଶେଷ ରୂପରେ ଶ୍ୱେତ ମତଦାତାଙ୍କ ମଧ୍ୟରେ ଏକ ଅନୁକୂଳତା ସୃଷ୍ଟି କରି ପାରିଥିଲେ । ଫଳରେ ହାରିସଙ୍କଠୁ ସେ ଅଧିକ ଆଗରେ ଥିଲେ । ତାହାସହ ଡୋନାଲ୍ଡ ଟ୍ରମ୍ପଙ୍କ ସହ ତାଙ୍କର ଭୋଟର ଧୋକା ଦେଇ ନ ଥାଆନ୍ତି । ଏହି ମାମଲାରେ ହାରିସଙ୍କଠୁ ବେଶୀ ମତଦାତା ଟ୍ରମ୍ପଙ୍କ ଉପରେ ଭରସା ରଖନ୍ତି ।

କମଲାଙ୍କ ଭାଷଣ ଲୋକଙ୍କୁ କରିଥିଲା ନିରାଶ। କମଲା ହାରିସଙ୍କୁ ତାଙ୍କର ଭାଷଣ ପାଇଁ ବି ସମାଲୋଚିତ ହେବାବାକୁ ପଡିଛି । କାରଣ ତାଙ୍କର ଭାଷଣ ଅସ୍ପଷ୍ଟ ଓ ଅନିର୍ଣ୍ଣାୟକ ଥିଲା । ଫଳରେ ଲୋକେ ତାଙ୍କ ଉପରେ ସହଜରେ ଭରସା କରି ପାରି ନଥିଲେ । ତାଙ୍କର ଯୋଗ୍ୟତା ମତଦାତାଙ୍କୁ ସିଧାସଳଖ ପ୍ରଭାବିତ କରି ନଥିଲା । ହେଲେ ଟ୍ରମ୍ପଙ୍କ ଭାଷଣ ଲୋକଙ୍କୁ ଆକର୍ଷିତ କରିଥିଲା। ସେହିଭଳି ସ୍ୱିଙ୍ଗ୍ ଭୋଟିଂକୁ ଯଦି ଦେଖାଯାଏ, ତେବେ ତାହା ଡୋନାଲ୍ଡ ଟ୍ରମ୍ପଙ୍କ ପାଇଁ ଭାଗ୍ୟଶାଳୀ ବିବେଚିତ ହେଲା । ଇଲେକ୍ଟୋରାଲ ଭୋଟ ଅଧିକ ସଂଖ୍ୟାରେ ତାଙ୍କ ଆଡକୁ ଚାଲିଯାଇଥିଲା । ହାରିସ ପ୍ରଭାବଶାଳୀ ଭାବରେ ଏ କ୍ଷେତ୍ରରେ ସମର୍ଥନ ଜୁଟାଇ ପାରି ନଥିଲେ । ହାରିସଙ୍କୁ ପ୍ରାର୍ଥୀ କରିବା ପରେ ଅନେକ ଡେମୋକ୍ରାଟିକ ମତଦାତା ଅସନ୍ତୁଷ୍ଟ ଥିଲେ । କାରଣ ସେମାନେ ଭାବୁଥିଲେ ଯେ, ଡେମୋକ୍ରେଟିକ ପାର୍ଟି ଦୀର୍ଘ ୪ ବର୍ଷରୁ ଆମେରିକାକୁ ମଜବୁତ ନେତୃତ୍ୱ ଦେଇ ନଥିଲା । ଫଳରେ ଡୋନାଲ୍ଡ ଟ୍ରମ୍ପ ସେମାନଙ୍କ ପାଇଁ ମଜବୁତ ବିକଳ୍ପ ଭାବରେ ଉଭା ହେଲେ ।

# ସୁରକ୍ଷିତ ଡିଜିଟାଲ ଭବିଷ୍ୟତ ଦିଗରେ ଅଗ୍ରସର ରାଷ୍ଟ୍ର



ଜ୍ୟୋତିରାଦିତ୍ୟ ଏମ. ସିନ୍ଧିଆ

ପ୍ରଯୁକ୍ତିଗତ ପ୍ରଗତି ସହିତ ସୃଷ୍ଟି ହେଉଥିବା ବିପଦରୁ ନାଗରିକମାନଙ୍କୁ ସୁରକ୍ଷିତ ରଖିବା ଦିଗରେ ସୁଦୃଢ଼ ସାଇବର ବ୍ୟବସ୍ଥା ସହିତ ରାଷ୍ଟ୍ର ନିର୍ମାଣ କରିବାକୁ ପଡ଼ିବ।

ଭାରତରେ ଦୂରସଞ୍ଚାର ଉପଯୋଗିତା ସହିତ ଜନସାଧାରଣଙ୍କୁ ଯୋଡ଼ିବା ଠାରୁ ଅଧିକ କିଛି କାର୍ଯ୍ୟ ସଂପାଦନ କରୁଛି। ଏହା ଏଭଳି ଏକ ମହତ୍ତ୍ୱପୂର୍ଣ୍ଣ ଉପକରଣ, ଯାହା ବିକାଶ ଧାରା ସହିତ ଜଡ଼ିତ ଲୋକମାନଙ୍କ ଉତ୍ଥାନ ନିମନ୍ତେ ଶତତ କାର୍ଯ୍ୟ କରିଚାଲିଛି। ବିଗତ ଏକ ଦଶନ୍ଧି ମଧ୍ୟରେ, ଦେଶ ଡିଜିଟାଲ ସଂଯୋଗିକରଣ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ବିଶ୍ୱର ସବୁଠାରୁ ଶସ୍ତା ଡାଟା ମୂଲ୍ୟ ଯୋଗାଣ ସହିତ, ଭାରତରେ ବର୍ତ୍ତମାନ ୯୫୪.୪୦ ନିୟୁତରୁ ଅଧିକ ଇଣ୍ଟରନେଟ୍ ଗ୍ରାହକ ଅଛନ୍ତି। ସେମାନଙ୍କ ମଧ୍ୟରୁ ୩୯୮.୩୫ ନିୟୁତରୁ ଅଧିକ ଇଣ୍ଟରନେଟ୍ ଗ୍ରାହକ କେବଳ ଗ୍ରାମୀଣ କ୍ଷେତ୍ରରେ ରହିଥିବା ପରିସଂଖ୍ୟାନରୁ ଜଣାପଡ଼ିଛି। ବିଗତ ଏକ ଦଶନ୍ଧି ମଧ୍ୟରେ ବ୍ରଡ୍‌ବ୍ୟାଣ୍ଡ୍ ସଂଯୋଗ ସଂଖ୍ୟା ୬୪ ନିୟୁତରୁ ବୃଦ୍ଧି ପାଇ ୯୨୪ ନିୟୁତରେ ପହଞ୍ଚି ସାରିଛି। ଏହି ବ୍ୟାପକ ସଂଯୋଗୀକରଣ କେବଳ ଡିଜିଟାଲ ଅର୍ଥ ବ୍ୟବସ୍ଥା ବୃଦ୍ଧିରେ ସହାୟକ ହୋଇନାହିଁ ଅପର ପକ୍ଷେ ଆହୁରି ଅନେକ କ୍ଷେତ୍ରରେ ଦେଶ ଓ ଦେଶବାସୀଙ୍କୁ ଆଗକୁ ଆଗେଇ ନେବାରେ ସହାୟକ ହୋଇଛି। ଡିଜିଟାଲ ଅର୍ଥ କାରବାର ଆମର ମୋଟ ଆର୍ଥିକ ପରିଦୃଶ୍ୟରେ ୧୦ ପ୍ରତିଶତ ଯୋଗଦାନ ଦେଉଛି।୨୦୨୬ ମସିହା ସୁଦ୍ଧା ଏହି ଯୋଗଦାନ ସାମଗ୍ରିକ ଘରୋଇ ଉତ୍ପାଦ (ଜି. ଡି. ପି.)ର ଏକ ପଞ୍ଚମାଂଶ ଭାଗ ଅର୍ଥାତ୍, ୨୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚିବାର ଆକଳନ କରାଯାଉଛି। ବ୍ୟାଙ୍କିଙ୍ଗ୍ ସେବା, କେ. ୱାଇ. ସି. ସତ୍ୟାପନ, ଡିଜିଟାଲ ପେମେଣ୍ଟ୍ ଏବଂ ମୋବାଇଲ୍ ଆଧାରିତ ପ୍ରମାଣୀକରଣ ଭଳି କାର୍ଯ୍ୟାବଳୀ ଭାରତର ଡିଜିଟାଲ ବିପ୍ଳବର ମୂଳ ଆଧାର ରହିଆସିଛି ଏବଂ ଏଥିରେ ଜନ ଧନ, ଆଧାର, ମୋବାଇଲ (ଜେ.ଏ.ଏମ.) ଭଳି ତ୍ରିବିଧ ସେବାକୁ ସ୍ୱାଭାବିକ ଭାବରେ କାର୍ଯ୍ୟ କରିବାକୁ ପର୍ଯ୍ୟାପ୍ତ ସହାୟତା ମିଳିପାରୁଛି। କେବଳ ୨୦୨୪ ମସିହା ଅକ୍ଟୋବର ମାସରେ ଦେଶରେ ଆଧାର ସମର୍ଥିତ କାରବାର ପ୍ରଣାଳୀ ମାଧ୍ୟମରେ ୧୨୬ ନିୟୁତ ଡିଜିଟାଲ ନେଣ ଦେଣ ହୋଇଥିବାର ରେକର୍ଡ଼ କରାଯାଇଛି।

ମୁଖ୍ୟତଃ ଏହି ଡିଜିଟାଲ ବିପ୍ଳବ ଅନେକ ପ୍ରକାର ଜଟିଳ ସମସ୍ୟାମାନଙ୍କୁ ମଧ୍ୟ ଜନ୍ମ ଦେଇ ଚାଲିଛି। ବିଶେଷ କରି, ପ୍ରଯୁକ୍ତିଗତ ପ୍ରଗତି ସହିତ ମୁଣ୍ଡ ଟେକିଥିବା ବିପଦରୁ ଦେଶର ନାଗରିକମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ଅଗ୍ନି ପରୀକ୍ଷା। ଆମ ହାତରେ ଉପଲବ୍ଧ ସୁବିଧାର ଏହି ଉପକରଣ ସ୍ପାମ୍ କାଲ, ଘୋଟାଲା ଭଳି ସଂଦେଶ, ଟେଲି ମାର୍କେଟିଂର ଅନୁଚିତ କାଲ, ଫିସିଂ ଦୁର୍ନୀତି, ନକଲି ନିବେଶ ଏବଂ ଋଣ ଆଦି ଅବସର ଭଳି ସାଇବର ଅପରାଧଗୁଡ଼ିକର ଜାଲରେ ମଧ୍ୟ ଘେରି ରହିଛି।

ଏକ ବିଶେଷ ସଂକଟ ଏବେ ଆମ ସାମ୍ନାକୁ ଆସିଛି। ତାହା ହେଲା: 'ଡିଜିଟାଲ ଆରେଷ୍ଟ'ର ଦୁର୍ନୀତି ଆଜି ଚିନ୍ତାଜନକ ମାତ୍ରାରେ ଦେଶରେ ବୃଦ୍ଧି ପାଇବାରେ ଲାଗିଛି। ଏହାର କାର୍ଯ୍ୟ ପ୍ରଣାଳୀ ଅଧୀନରେ ଅପରାଧୀମାନେ ପର୍ଦ୍ଦା ପଛରେ ରହି ସରକାରୀ ଅପରାଧୀମାନଙ୍କ ରୂପରେ ନିର୍ଦ୍ଦୋଷ ବ୍ୟକ୍ତିମାନଙ୍କୁ ଡରାଇ ଧମକାଇ ଚାଲିଛନ୍ତି ଏବଂ ଜୋର ଜବରଦସ୍ତ ସେମାନଙ୍କ ଠାରୁ ଅର୍ଥ ଅସୁଲ କରିଚାଲିଛନ୍ତି। ଏହା ଫଳରେ ବିପୁଳ ଆର୍ଥିକ ହାନି ସହିତ ଏଭଳି ଦୁର୍ଭାଗ୍ୟଜନକ କାର୍ଯ୍ୟ ପ୍ରଣାଳୀ ଲୋକମାନଙ୍କ ଜୀବନଜୀବିକାରେ ବାଧା ପହଞ୍ଚାଉଛି। ଲୋକମାନଙ୍କ ମନରୁ ବିଶ୍ୱାସ ଓ ଆସ୍ଥା ତୁଟି ଯାଉଛି ଏବଂ ସେମାନଙ୍କ ଆତ୍ମବିଶ୍ୱାସକୁ ଦୁର୍ବଳ କରିପକାଉଛି ଯାହା ନାଗରିକମାନଙ୍କ ମନରେ ଡିଜିଟାଲ ଅର୍ଥ ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ଭାବରେ ରହିବା ଏକାନ୍ତ କାମ୍ୟ ଅଟେ।

ଏହା ସ୍ୱୀକାର୍ଯ୍ୟ ଯେ ମୁଣ୍ଡ ଟେକୁଥିବା ଏଭଳି ବିପଦ ବିରୁଦ୍ଧରେ ତ୍ୱରିତ ପ୍ରତିକ୍ରିୟା ପ୍ରକଟ କରି ଆମର ଅଧିକାରୀମାନେ ପୂର୍ଣ୍ଣ ତତ୍ପରତାର ସହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଆରମ୍ଭ କରିଛନ୍ତି। ସେମାନେ ଜାଲ ଭାବରେ ଆହରଣ କରାଯାଇଥିବା ମୋବାଇଲ୍ ସଂଯୋଗକୁ କାଟିବାକୁ ସକ୍ଷମ ହୋଇଛନ୍ତି ଏବଂ ୭.୬ ଲକ୍ଷ ଅଭିଯୋଗ ମାଧ୍ୟମରେ ପ୍ରାୟ ୨,୪୦୦ କୋଟି ଟଙ୍କାରୁ ଅଧିକ ହୃତ ରାଶିକୁ ବଞ୍ଚାଇ ପାରିଛନ୍ତି। ଏହା କେବଳ ଅର୍ଥକୁ ସୁରକ୍ଷିତ କରିବାରେ ସହାୟକ ହୋଇନାହିଁ ଅପରପକ୍ଷେ ଜୀବନ ସୁରକ୍ଷା ଏବଂ ଜନସାଧାରଣଙ୍କ ସ୍ୱପ୍ନର ସୁରକ୍ଷା ମଧ୍ୟ କରିପାରିଛି।

ବର୍ତ୍ତମାନ ଯେତେବେଳେ ଡିଜିଟାଲ ସ୍ପେସ୍‌ର ସୁରକ୍ଷା ନିମନ୍ତେ ନିଜର ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରାଯାଉଛି, ଆମର ନାଗରିକମାନଙ୍କ ସହଯୋଗ ବିନା ଏହା ନିରର୍ଥକ ବୋଲି ପ୍ରମାଣିତ ହେବ। ପ୍ରଧାନମନ୍ତ୍ରୀ (ପି.ଏମ.) ନରେନ୍ଦ୍ର ମୋଦୀ ନିକଟରେ ଆମର ନାଗରିକମାନଙ୍କୁ 'ରହିଯାଅ, ଚିନ୍ତା କର ଏବଂ କାର୍ଯ୍ୟପନ୍ଥା ଗ୍ରହଣ କର' ପାଇଁ ଆହ୍ୱାନ ଜଣାଇଛନ୍ତି। ତାଙ୍କର ଏହି ଆହ୍ୱାନ ଇଣ୍ଟରନେଟ୍‌ର ପୃଷ୍ଠଭୂମିରେ ବୃଦ୍ଧି ପାଉଥିବା ବିପଦକୁ ରେଖାଙ୍କିତ କରେ ଏବଂ ଏହାର ତାତ୍କାଳିକତା ଏବଂ ଦୂରଦର୍ଶିତାକୁ ମଧ୍ୟ ପ୍ରଦର୍ଶିତ କରେ। ଏହି ଆହ୍ୱାନ କେବଳ କ୍ରମବର୍ଦ୍ଧିଷ୍ଣୁ ସାଇବର ଅପରାଧ ବିରୁଦ୍ଧରେ ତାଙ୍କର ପ୍ରତିକ୍ରିୟା ମାତ୍ର ନୁହେଁ, ବରଂ, ଏକ ସତର୍କ ଏବଂ ସକ୍ରିୟ ସମାଜ ନିମାଣ ଦିଗରେ ଏକ ସମର୍ଥ ନିବେଦନ ବୋଲି ବିବେଚନା କରାଯାଇପାରେ। ନିଜର ନିୟମିତ 'ମନ୍ କି ବାତ୍' କାର୍ଯ୍ୟକ୍ରମ ଅବସରରେ ଦେଶବାସୀଙ୍କୁ ସମ୍ବୋଧିତ କରି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏଥି ନିମନ୍ତେ ସମର୍ପିତ ହେଲ୍ପଲାଇନ୍ ୧୯୩୦ ଏବଂ ମଚ୍ଛଭରକ୍ସମକ୍ସସଙ୍କର.ଶକ୍ଟଙ୍ଗ.ସଭ ପୋର୍ଟାଲ ମାଧ୍ୟମରେ ସନ୍ଦିଗ୍ଧ ଗତିବିଧିଗୁଡ଼ିକ ସମ୍ପର୍କରେ ରିପୋର୍ଟ କରିବାର ଅନିବାର୍ଯ୍ୟତାକୁ ଦୋହରାଇଛନ୍ତି। ସାଇବର ଅପରାଧୀମାନଙ୍କ ବିରୁଦ୍ଧରେ ସଂଗ୍ରାମରେ ଦେଶର ସଚେତନ ନାଗରିକମାନଙ୍କ ଭାଗୀଦାରୀ ଉପରେ ସେ ଗୁରୁତ୍ୱ ଆରୋପ କରିଛନ୍ତି।

ତଥାପି ସୁଦ୍ଧା ସାଇବର ଅପରାଧୀମାନେ ଅତି ଧୂର୍ତ୍ତ ପନ୍ଥା ଅବଲମ୍ବନ କରି ନୂଅଳ ନୂଆ ରଣନୀତି ଆପଣାଇ ଚାଲିଛନ୍ତି ଏବଂ ଅନ୍ତରାଷ୍ଟ୍ରୀୟ ସ୍ତରରେ ପ୍ରଚ୍ଛନ୍ନ ଢଙ୍ଗରେ ସ୍ଥାନୀୟ ନମ୍ବର (+୯୧-ଘଘଘଘଘଘଘଘଘଘ ) ମାନ ବ୍ୟବହାର ତଥା ଦୁରୂପଯୋଗ କରି ଚାଲିଛନ୍ତି। କଲିଂ ଲାଇନ୍ ଆଇଡେଣ୍ଟିଟି ( ସି.ଏଲ.ଆଇ.)ରେ କରାଯାଉଥିବା ବାକ୍ ଚାତୁରୀପୂର୍ଣ୍ଣ ଏଭଳି ହେରଫେରଯୁକ୍ତ ଏହିସବୁ କଲ୍‌ଗୁଡ଼ିକୁ ବୈଧ ସ୍ଥାନୀୟ ନମ୍ବର କଲ୍ ରୂପରେ ଛପାଇବାରେ ସକ୍ଷମ ହୋଇପାରିଛନ୍ତି। ଏଥିରେ ଠକାମୀର ପରିଦୃଶ୍ୟ ଆହୁରି ଜଟିଳ ହୋଇ ପଡ଼ିଛି।

ଦୂରସଞ୍ଚାର ବିଭାଗ (ଡି.ଓ.ଟି) ପକ୍ଷରୁ ସକ୍ରିୟ ରୂପରେ ହସ୍ତକ୍ଷେପ ପୂର୍ବକ ସ୍ୱଦେଶୀ ଭାବରେ ବିକଶିତ ଅନ୍ତରାଷ୍ଟ୍ରୀୟ ଇନ୍ କମିଂ ସ୍ପୁଫ୍‌ଡ କଲ୍ ପ୍ରିଭେନ୍ସନ୍‌ର ଶୁଭାରମ୍ଭ କରିଛନ୍ତି। ଏହି ଉପକରଣ ଏକ ଏଭଳି ବିପଦରୁ ସୁରକ୍ଷା ନିମନ୍ତେ ବେଶ୍ ଉପକାରସିଦ୍ଧ ବୋଲି ସାବ୍ୟସ୍ତ ହୋଇପାରିଛି ଯାହା ୮୬ ପ୍ରତିଶତ ନକଲି କଲ୍‌କୁ – ପ୍ରତିଦିନ ହାରାହାରି ୧.୩୫ କୋଟି କଲ୍‌କୁ ରୋକିବାକୁ ସକ୍ଷମ ହୋଇପାରିଛି।

ସାଇବର ସୁରକ୍ଷିତ ଭାରତରେ ଆମର ଦୃଷ୍ଟିକୋଣ କେନ୍ଦ୍ରରେ ନାଗରିକମାନଙ୍କ ଡିଜିଟାଲ ସଶକ୍ତିକରଣ ହିଁ ରହିଛି। 'ସଂଚାର ସାଥୀ' ପ୍ଲାଟଫର୍ମ ଏହି ମିଶନର ପ୍ରତୀକ ବୋଲି ବିବେଚନା କରାଯାଇପାରେ, ଯେଉଁଥିରେ ଚକ୍ଷୁ ଭଳି ଉପକରଣ ରହିଛି ଏବଂ ଏହା ଉପଯୋଗକର୍ତ୍ତାମାନଙ୍କୁ ସନ୍ଦିଗ୍ଧ ବାର୍ତ୍ତ, କଲ୍ ଏବଂ ହ୍ୱାଟ୍ସଆପ୍ ଗତିବିଧିମାନଙ୍କ ସମ୍ପର୍କରେ ରିପୋର୍ଟ କରିବାକୁ ସମର୍ଥ ହୋଇପାରିଛି। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ଶକ୍ତିର ଫାଇଦା ଉଠାଇ, ଡି.ଓ.ଟି. ୨.୫ କୋଟିରୁ ଅଧିକ ଠକ ମୋବାଇଲ୍ ସଂଯୋଗର ଠିକଣା କରିପାରିଛି। ଏଥି ସହିତ ୭୧,୦୦୦ ବିକ୍ରେତାମାନଙ୍କୁ ଏଥିପାଇଁ କଳା ତାଲିକାଭୁକ୍ତ କରାଯାଇଛି। ଏହା ବ୍ୟତୀତ ଦୂରସଞ୍ଚାର ସେବା ପ୍ରଦାତା (ଟି.ଏସ.ପି.ଏସ.)ମାନଙ୍କ ମାଧ୍ୟମରେ ୧,୯୦୦ ଅପରାଧୀଙ୍କ ବିରୁଦ୍ଧରେ ପ୍ରାଥମିକ ଅଭିଯୋଗ ଦରଜ କରାଯାଇଛି।

ଯୁବ, ପ୍ରଯୁକ୍ତି- ପ୍ରେମୀ ଜନସମୁଦାୟଙ୍କ ଉପକାର ସହିତ ଆମେ ବିଦ୍ୟାର୍ଥୀମାନଙ୍କୁ ମଧ୍ୟ କ୍ଷେତ୍ରୀୟ ସ୍ତରର ଏଭଳି କାର୍ଯ୍ୟକ୍ରମରେ ସାମିଲ କରିଛୁ। ଦେଶବ୍ୟାପୀ କଲେଜରେ ପାଠ ପଢୁଥିବା ବିଦ୍ୟାର୍ଥୀମାନେ ସଂଚାର ମିତ୍ର ସ୍ୱୟଂସେବକ ରୂପରେ ପଦକ୍ଷେପ ଗ୍ରହଣ କରିଛନ୍ତି ,ସମାନେ ସ୍ୱୟଂସେବକ ସମୁଦାୟମାନଙ୍କ ପର୍ଯ୍ୟନ୍ତ ପହଞ୍ଚିବାରେ ଲାଗିଛନ୍ତି ଏବଂ 'ସଞ୍ଚାର ସାଥୀ' ପୋର୍ଟାଲ ମାଧ୍ୟମରେ ଡିଜିଟାଲ ସୁରକ୍ଷା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ସଚେତନତାର ପ୍ରଚାର ଓ ପ୍ରସାର କରିବାରେ ଲାଗିଛନ୍ତି। ଏହି ଯୁବ ସଚେତନ ନାଗରିକମାନଙ୍କୁ ଦୂରସଞ୍ଚାର ଜରିଆରେ କରାଯାଉଥିବା ଏଭଳି ଠକେଇରୁ ରୋକିବା ନିମନ୍ତେ ଉପଲବ୍ଧ ଉପକରଣଗୁଡ଼ିକୁ ଉପଯୋଗ କରିବାରେ ସହାୟତାର ହାତ ବଢ଼ାଇଛନ୍ତି। ୨୦୨୩ ମସିହା ମେ' ମାସରେ ନିଜର ସ୍ଥାପନା ପରେ ଏହି ସଞ୍ଚାର ସାଥୀ ପୋର୍ଟାଲ ୭.୭ କୋଟି ଭିଜିଟ୍ ଏବଂ ପ୍ରତିଦିନ ହାରାହାରି ଦୁଇ ଲକ୍ଷ ଉପଯୋଗକର୍ତ୍ତାମାନଙ୍କୁ ସହିତ ଉଲ୍ଲେଖନୀୟ ଲୋକପ୍ରିୟତା ହାସଲ କରିଛି। ଏହି ପୋର୍ଟାଲ୍ ମୋଟ ୧୨ ଲକ୍ଷ ୫୯ ହଜାର ଚୋରି ଏବଂ ହଜିଥିବା ମୋବାଇଲ୍ ଫୋନ୍‌କୁ ଠାବ କରିବାରେ ମଧ୍ୟ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଏହି ଧାରଣାକୁ ମଜଭୁତ କରିବା ସହିତ ସାଇବର ରକ୍ଷା ଏବଂ ସୁରକ୍ଷାର ଏକ ସାମୂହିକ ଦାୟିତ୍ୱ ନିର୍ବାହ କରୁଛି। ଏହି ପୋର୍ଟାଲ ନିଜର ଡିଜିଟାଲ ଅନୁଭବର ସୁରକ୍ଷାକୁ ନେଇ ପ୍ରତିବଦ୍ଧ ନାଗରିକମାନଙ୍କ ସକାଶେ ଏକ ଉପଯୋଗୀ ଏବଂ ଆବଶ୍ୟକ ସଂସାଧନରେ ପରିଣତ ହୋଇଛି।

ସ୍ପାମ୍ କଲ୍, ଅବାଂଛିତ ଏସ.ଏମ.ଏସ ଏବଂ ଟେଲି ମାର୍କେଟିଂର ବିପଦରୁ ରକ୍ଷା ପାଇବା ସକାଶେ ଏକ ନିର୍ଣ୍ଣାୟକ ପ୍ରୟାସ ଅଧୀନରେ, ଭାରତୀୟ ଦୂରସଞ୍ଚାର ନିୟାମକ ପ୍ରାଧିକରଣ (ଟ୍ରାଇ) ଦେଶର ନାଗରିକମାନଙ୍କ ସୁରକ୍ଷା ନିମନ୍ତେ ଉତ୍ତରଦାୟୀ ଉପାୟର ଏକ ମଜଭୁତ ଶୃଙ୍ଖଳା ମଧ୍ୟ ପ୍ରବର୍ତ୍ତନ କରିଛି। ଏହିସବୁ ନିୟମଗୁଡ଼ିକୁ ଉଲ୍ଲଙ୍ଘନ ଉପରେ କଠୋର ଦଣ୍ଡ ବିଧାନ ଲାଗୁ କରାଯାଉଛି ଯାହା ଡିଜିଟାଲ ବିଶ୍ୱାସର ଉଲ୍ଲଙ୍ଘନ ପ୍ରତି ଶୂନ୍ୟ ସହନଶୀଳତା ( ଜିରୋ- ଟଲରାନ୍ସ) ନୀତିର ପରିଚାୟକ ହୋଇପାରିଛି। ଏବେ ସୁଦ୍ଧା, ଟ୍ରାଇ ଅସତ୍ୟାପିତ ପ୍ରଚାରମୂକ କଲ୍ ସହିତ ସଂଲଗ୍ନ ୮୦୦ରୁ ଅଧିକ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କୁ କଳା ତାଲିକାଭୁକ୍ତ କରିସାରିଛି ଯଦ୍ୟପି ୧.୮ ନିୟୁତରୁ ଅଧିକ ନମ୍ବରକୁ ରଦ୍ଦ କରିଦେଇଛି। ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ଏସ.ଏମ.ଏ. ସମ୍ବନ୍ଧୀୟ ଠକେଇ ମାମଲା କ୍ଷେତ୍ରରେ ମଧ୍ୟ ଗ୍ରହଣ କରାଯାଇଛି ଯାହା ଅଧୀନରେ ୩୫୦,୦୦୦ ଅପ୍ରଯୁକ୍ତ ଏବଂ ଅସତ୍ୟାପିତ ମେସେଜିଂ ହେଡର ଏବଂ ୧.୨ ନିୟୁତ କଣ୍ଟେଣ୍ଟ୍ ଟେମ୍ପ୍ଲେଟ୍‌କୁ କଳା ତାଲିକାଭୁକ୍ତ କରାଯାଇ ସାରିଛି।

ଆମର ସାଇବର ସୁରକ୍ଷା ରଣନୀତି କେନ୍ଦ୍ରରେ ଡିଜିଟାଲ ଇଣ୍ଟେଲିଜେନ୍ସ ପ୍ଲାଟଫର୍ମ (ଡି.ଆଇ.ପି.) ରହିଛି ଯାହା ୪୬୦ ବ୍ୟାଙ୍କ୍ ଏବଂ ଆଇନ ପ୍ରବର୍ତ୍ତନ ଏଜେନ୍ସିମାନଙ୍କ ସହିତ ୫୨୦ରୁ ଅଧିକ ହିତଧାରକମାନଙ୍କୁ ଏକଜୁଟ କରିଛି। ଏଭଳି ସହଯୋଗ ରିଅଲ୍ ଟାଇମ୍ (ବାସ୍ତବ ସମୟ)ରେ ସୂଚନା ପ୍ରଦାନ କରିବା ଏବଂ ସାଇବର ବିପଦଙ୍କ ବିରୁଦ୍ଧ ସମନ୍ୱିତ କାର୍ଯ୍ୟପନ୍ଥା ଗ୍ରହଣ ସମ୍ଭବ କରାଇ ପାରିଛି।

ଦ୍ରୁତ ଗତିରେ ବିକଶିତ ହେଉଥିବା ଏହି ଡିଜିଟାଲ ଯୁଗରେ, ସାଇବର ସୁରକ୍ଷାକୁ ପ୍ରାଥମିକତା ଦେବା ଚିନ୍ତାଧାରା କେବଳ ସାବଧାନତା ଅବଲମ୍ବନ ନୁହେଁ। ବରଂ ଏହା ଆମ ଦେଶର ଡିଜିଟାଲ ଭବିଷ୍ୟତର ସୁରକ୍ଷା ଦୃଷ୍ଟିରୁ ଏକ ଅତ୍ୟାବଶ୍ୟକ ପଦକ୍ଷେପ। ଏକ ସୁଦୃଢ଼ ଡିଜିଟାଲ ସାର୍ବଜନିକ ଭିତ୍ତିଭୂମି ଢାଞ୍ଚା, ପ୍ରଯୁକ୍ତି ପ୍ରେମୀ ଯୁବ ଜନସଂଖ୍ୟା ଏବଂ ମଜଭୁତ ସଂସ୍ଥାଗତ ଢାଞ୍ଚା ସହିତ, ଭାରତ ନିଜକୁ ଡିଜିଟାଲ ଇକୋସିଷ୍ଟମ୍‌ରେ ଏକ ଅଗ୍ରଣୀ ଦେଶ ଭାବରେ ସ୍ଥାପିତ କରିଛି। ଆମେ ଯେତେ ଯେତେ ଏହି ଜଟିଳ ପରିଦୃଶ୍ୟ ଦିଗରେ ଆଗକୁ ଅଗ୍ରସର ହେଉଛୁ, ନିରନ୍ତର ସୁଧାର ଏବଂ ଅନୁକୂଳନଶୀଳତା ପ୍ରତି ଆମର ପ୍ରତିବଦ୍ଧତାକୁ ସୁଦୃଢ଼ କରିଚାଲିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନର ଅନୁରୂପ କାର୍ଯ୍ୟ କରିବା ସହିତ ଆମେ ଏକ ସୁଦୃଢ଼ ସାଇବର ବ୍ୟବସ୍ଥାଯୁକ୍ତ ଭାରତର ନିର୍ମାଣ କରିବ- ଯେଉଁଠାରେ ପ୍ରତ୍ୟେକ ନାଗରିକ ଏକ ସୁରକ୍ଷିତ, ସଶକ୍ତ ଏବଂ ଏଭଳି ଡିଜିଟାଲ ଯୁଗରେ ସ୍ୱଚ୍ଛନ୍ଦରେ ଅବସ୍ଥାନ କରିବାକୁ ପ୍ରସ୍ତୁତ ହେଉଛନ୍ତି।

*କେନ୍ଦ୍ର ଦୂରସଞ୍ଚାର ତଥା ଉତ୍ତର-*
*ପୂର୍ବାଞ୍ଚଳ କ୍ଷେତ୍ର ବିକାଶ ମନ୍ତ୍ରୀ*

# ସାଙ୍ଗକୁ ଧାର ଦିଅନି

ଦିପ୍ତିମୟୀ ନାୟକ

ବନ୍ଧୁତା ଏକ ପବିତ୍ର ସମ୍ପର୍କ । ଯେଉଁ ସମ୍ପର୍କ ମଝିରେ ସନ୍ଦେହ ନଥାଏ । କେବଳ ପ୍ରେମ, ସ୍ନେହ, ସହାନୁଭୂତି, ସମ୍ବେଦନଶୀଳ, ସାଧୁତା, ନିଃସ୍ୱାର୍ଥପରତା, ପାରସ୍ପରିକ ବୁଝାମଣା, କରୁଣା ଓ ପରସ୍ପର ଉପସ୍ଥିତିରେ ଅଗାଢ଼ ଖୁସି ଲୁଚି ରହିଥାଏ । ଯେଉଁ ଖୁସି କେବଳ ବନ୍ଧୁଙ୍କ ମଧ୍ୟରେ ସୀମିତ ରହିଥାଏ । ପରିବାର ପରେ ଯେଉଁମାନେ ଆମମାନଙ୍କୁ ବେଶି ବୁଝନ୍ତି ସେମାନେ ହେଉଛନ୍ତି ଆମ ଜୀବନରେ ଥିବା କିଛି ସାଙ୍ଗସାଥି । ଯେଉଁମାନେ ରକ୍ତର ସମ୍ପର୍କ ନହୋଇ ମଧ୍ୟ ରକ୍ତର ସମ୍ପର୍କ ଭଳି ଲାଗନ୍ତି । କେତେବେଳେ ଭାଇଭଉଣୀ ପରି କେତେବେଳେ ବାପ-ମା'ଙ୍କ ପରି ଭଲପାଇବା ଦେଇଥାନ୍ତି । ହୃଦୟ ଭିତରେ ଯେତେବେଳେ ଅହରହ ଯନ୍ତ୍ରଣା ମନକୁ ଜାଳି ଦିଏ ସେତେବେଳେ ପ୍ରକୃତ ବନ୍ଧୁ ହିଁ ହୃଦୟ ଭିତରେ ଥିବା ଜ୍ୱାଳାକୁ ଲିଭେଇ ଦିଅନ୍ତି କାରଣ ସେମାନେ ସାଙ୍ଗ ହୋଇଥାନ୍ତି । ସବୁଠାରୁ ବଡ଼ କଥା ହେଲା ବନ୍ଧୁଟିଏ ଯଦି ଜୀବନରେ ଥାଏ ବିପଦଆପଦର ଭୟ ରହିନଥାଏ । ଆଉ ଯେତେବେଳେ ବନ୍ଧୁ ପ୍ରତି ବନ୍ଧୁର କିଛି ଭୟ ଆସିଯାଏ ସେତେବେଳେ ହୁଏତ କିଛି ଘଟଣା ମନକୁ ସ୍ତବିତ କରିଦେଇଥାଏ । ଯେଉଁଥିପାଇଁ କିଛି ବନ୍ଧୁଙ୍କ ନାଁ ଶୁଣୁ ଶୁଣୁ ମନରେ ଭୟ ସୃଷ୍ଟି ହୋଇଥାଏ । କହିବାକୁ ଗଲେ ଆଜିକାଲି ଏହି ଭୟଟା କେବଳ ସେହି ଧାର ନେଉଥିବା ବନ୍ଧୁ ପାଖରେ ରହିଥାଏ କାରଣ ସେ ବନ୍ଧୁ ନେଲାବେଳେ ନିଜର ଦେଲାବେଳେ ପର । ଟଙ୍କା ପାଇଁ ସମ୍ପର୍କ ଯୋଡ଼େ ଟଙ୍କା ସରିଲେ ସମ୍ପର୍କ ତୁଟାଇବା ଆଳରେ ସମ୍ପର୍କକୁ ଖରାପ କରେ । ଅବଶ୍ୟ ସାଙ୍ଗ ବିପଦ ବେଳେ ଯଦି ସାଙ୍ଗଟିଏ ଛିଡା ହେବନି ସେ କିଭଳି ସାଙ୍ଗ ହେଲେ ଯଦି ସାଙ୍ଗଟିଏ ସାଙ୍ଗକୁ ବିପଦ ମୁହଁକୁ ଠେଲେ ତେବେ ଆପଣ ମଧ୍ୟ ବିଚାର କରନ୍ତୁ ସେ କିଭଳି ସାଙ୍ଗ । ଥରେ ଭାବନ୍ତୁ ସାଙ୍ଗପାଖରେ ଯଦି ପୁଳାପୁଳା ପଇସା ଥାଏ ସେ ନିଦ୍ୱନ୍ଦରେ ସାଙ୍ଗ ମାନଙ୍କ ପାଇଁ ଖର୍ଚ୍ଚ କରିଦିଏ କିନ୍ତୁ ସାଙ୍ଗ ପାଖରେ ଯଦି ପଇସା ନଥାଏ ସେ ଉଦାସ ମନରେ କୌଣସି ସାହାଯ୍ୟ କରିବାପାଇଁ ମନା କରିଦିଏ କିନ୍ତୁ ମନ ସମ୍ଭାଳେନି ସାଙ୍ଗଟିର ଯେତିକି ପଇସା ଆବଶ୍ୟକ ଥାଏ ସେ ଅନ୍ୟ ମାନଙ୍କ ଠାରୁ ଧାର ଆଣି ସେହି ସାଙ୍ଗକୁ ପଇସା ଦେଇଥାଏ ହେଲେ ସେହି ସାଙ୍ଗ ସେହି ପଇସାକୁ ଗିଳି ଲୁଚକାଳି ଖେଳେ । କେବଳ ଆବଶ୍ୟକତା ବେଳେ ସାଙ୍ଗକୁ ଖୋଜିବା । ସାଙ୍ଗଠୁ ଲୁଚିବା ସାଙ୍ଗର ସମ୍ପର୍କ ହୋଇନଥାଏ । ସାଙ୍ଗ ସେ ହୋଇଥାଏ ଯିଏ ତୁମ ବିପଦ ସମୟରେ ଠିଆ ହୋଇଥାଏ । ସାଙ୍ଗର ସମ୍ମାନ ରକ୍ଷା କରିବା ପାଇଁ ତାଠାରୁ ଆଣିଥିବା ଟଙ୍କା ତାକୁ ଫେରସ୍ତ କରିଦେଇଥାଏ । ଗୋଟେ ଭଲ ସାଙ୍ଗ କେବେବି ଚାହିଁବନି ତାକୁ ସାହାଯ୍ୟ କରିବାକୁ ଆଗେଇ ଆସିଥିବା ବନ୍ଧୁକୁ କେବେ ହଇରାଣ କରିବାପାଇଁ କିନ୍ତୁ କିଛି ସାଙ୍ଗ ଥାଆନ୍ତି ଯେଉଁମାନେ ସାଙ୍ଗକୁ ହଇରାଣ କରିଥାଆନ୍ତି । ଆଉ ଏହି ସାଙ୍ଗପାଇଁ ସାଙ୍ଗଟିଏ ତଣ୍ଡ ଗଣିଥାଏ । ଅନ୍ୟଠୁ ଗାଳି ଶୁଣି ନିଜ ଆତ୍ମସମ୍ମାନ ହରାଇଥାଏ । ଦୁଃଖର ବିଷୟ ତଣ୍ଡ ଗଣେଇଥିବା ବନ୍ଧୁକୁ ଏନେଇ କିଛି ପ୍ରଭାବ ପଡ଼ିନଥାଏ । ନିଜର କଥା କହିବାର ଭିନ୍ନ ଶୈଳୀ ମାଧ୍ୟମରେ ଏମାନେ ବନ୍ଧୁ ରୂପକ ଲୁଟେରା ହୋଇଥାନ୍ତି ।

ଜୀବନରେ ଯଦି କାହା ସହ ସାଙ୍ଗ ହେଉଛନ୍ତି ତେବେ ପଇସା ସମ୍ପର୍କ ଠାରୁ ଦୂରେଇ ରୁହନ୍ତୁ ନଚେତ ତଣ୍ଡ ଗଣିବାପାଇଁ ପ୍ରସ୍ତୁତ ଥାଆନ୍ତୁ । ହୁଏତ ଏକଥା ଅନେକ ଜଣକୁ ଖରାପ ଲାଗିପାରେ ବନ୍ଧୁତା ଭଳି ସମ୍ପର୍କ ମଝିରେ ଦାଗ ଲାଗିପାରେ କିନ୍ତୁ ଏସବୁ ଅନେକ ଜଣକ ଜୀବନରେ ଘଟିଛି । ଯେଉଁଥିପାଇଁ ବନ୍ଧୁତା ଭଳି ସମ୍ପର୍କ ଅନେକ ଜଣଙ୍କର ଖରାପ ହୋଇଛି । ତେବେ ଯେଉଁମାନଙ୍କ ପାଖରେ ଯେତେବେଳେ ପଇସା ଅଛି ସେମାନେ ଅନ୍ୟକୁ ସେତେବେଳେ ଧାର ଦିଅନ୍ତୁ ଆଉ ଯେତେବେଳେ ଆପଣଙ୍କ ପାଖରେ ପଇସା ନଥିବ ଆପଣ ଅନ୍ୟଠୁ ଧାର ଆଣି ଆଉ କାହାକୁ ଧାର ଦ୍ୱେ ସେତେବେଳେ ଆପଣ ନିଜେ ତଣ୍ଡ ହିଁ ଗଣିବେ । ଯେମିତିକି ଥରେ ଗୋଟେ ସାଙ୍ଗ ପାଖରେ ପଇସା ନଥିଲା ସେ ତାର ଅନ୍ୟଜଣ ସାଙ୍ଗକୁ ଧାର ମାଗିଲା ହେଲେ ସେହି ବନ୍ଧୁ ପାଖରେ କିଛି ପଇସା ନଥିଲା । ସେ ମନା କରିଦେଲା ମୋ ପାଖରେ ପଇସା ନାହିଁ । ସେହି ବନ୍ଧୁ ଜଣକ ମୁହଁ ଶୁଖେଇ କହିଲେ ଆଚ୍ଛା ମୋ ପାଇଁ ଆଉ କେଉଁଠୁ ଟିକେ ବ୍ୟବସ୍ଥା କରେ । ବନ୍ଧୁ ଜଣକ ବନ୍ଧୁର ଉଦାସୀନତା ଚେହେରା ଦେଖି ଅନ୍ୟ ଜଣେ ବନ୍ଧୁଠୁ ମୋଟା ଅଙ୍କର ଟଙ୍କା ଆଣି ଦେଇଦେଲା । ସେଇଠୁ ହେବ କଣ ସେହି ବନ୍ଧୁ ଜଣକର ଆଉ କିଛି ଧରା ଛୁଆଁ ମିଳିଲାନି ଅନ୍ୟ ଜଣେ ବନ୍ଧୁ ତଣ୍ଡ ଗଣିଲେ । ସେଥିପାଇଁ ଜୀବନରେ ଏମିତି ବନ୍ଧୁ ରଖନ୍ତୁ ଯେଉଁମାନେ ତୁମକୁ କୌଣସି ଅସୁବିଧାରେ ପକାଉନଥିବେ । ଆଜିକାଲି ଦୁନିଆରେ କିଛି ବନ୍ଧୁ ସ୍ୱାର୍ଥବାଦୀ ବନ୍ଧୁ ମିଳିବେ ଆଉ କିଛି ବିନା ସ୍ୱାର୍ଥରେ ତୁମ ସହ ବନ୍ଧୁତା ଭଳି ପବିତ୍ର ସମ୍ପର୍କ ଯୋଡ଼ିବେ । ସାହାଯ୍ୟ କରନ୍ତୁ ମନା ନାହିଁ କିନ୍ତୁ ତଣ୍ଡ ଗଣଉଥିବା ସାଙ୍ଗଙ୍କ ସହ ବନ୍ଧୁ ବାନ୍ଧିବା କିଛି ଆବଶ୍ୟକ ନାହିଁ । ଆଜିକାଲି ପଇସା ପାଇଁ ଇଜ୍ଜତ ସରେ ଆଉ ଏହି ପଇସା ପାଇଁ ହିଁ ଇଜ୍ଜତ ମିଳେ । ତେଣୁ ପଇସାର ଆବଶ୍ୟକତା ସମସ୍ତଙ୍କର ରହିଛି । ଆବଶ୍ୟକତା ଠାରୁ ଯଦି ଅଧିକ କିଏ ଧାର ନେଇ ଉଧାର ଦିଏନି ସେତେବେଳେ ମଣିଷ ନିଜ ଆତ୍ମସମ୍ମାନ ହରାଏ । ଆଜିକାଲି କୁକୁରକୁ ତ ସମ୍ମାନ ମିଳୁଛି କିନ୍ତୁ ଧାର ଆଣିଥିବା ଲୋକକୁ କୁକୁର ମାଙ୍କଡ଼ଙ୍କ ଠାରୁ ହୀନ ଦୃଷ୍ଟିରେ ଦେଖିବାକୁ ମିଳୁଛି । ଶେଷରେ ଗୋଟେ କଥା କହିବି ସାଙ୍ଗ ହୁଅନ୍ତୁ କିନ୍ତୁ ସାଙ୍ଗକୁ ଧାର ଦିଅନ୍ତୁନି କି ସାଙ୍ଗପାଇଁ ନିଜେ ତଣ୍ଡ ଗଣନ୍ତୁନି ।

**ଯୁବ ସାମ୍ବାଦିକା ଅନ୍ଧାରୁଆ, ଭୁବନେଶ୍ୱର**
**୯୦୯୦୬୬୧୫୮୬**

# ସଦଗୁରୁଙ୍କ ଶରଣାପନ୍ନ ହୁଅ, ସତନାମ ମନନ କର...

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମର ଗୋଟାଏ ଦୋଷ ଏଇ ଯେ, କିଛି ନ ବୁଝି, ମହାପୁରୁଷଙ୍କ ଉପରେ ମୂଳରୁ ଭଗବତ୍ତ୍ୱ ଆରୋପ କରି, ଭଗବତ ଶକ୍ତିରେ ଅଲୌକିକ ଭାବରେ ସବୁ ସେ କରିଦେବେ - ଏଇ ଆଶାରେ ନିଶ୍ଚିନ୍ତ ହୋଇ ବସିଯାଉ। ଏହାଠାରୁ ବଡ଼ ଭୁଲ ଆଉ କିଛି ନାହିଁ। ଭଗବାନ ହେଲେ ବି ସିଏ ଯେ ଜଣେ ମଣିଷ, ଏବଂ ମଣିଷ ଜଗତରେ ମଣିଷକୁ ଯାହା କରିବାକୁ ହୁଏ ସେହି ମାନବୀୟ ଭାବରେ କାର୍ଯ୍ୟସିଦ୍ଧି କରିବା ଛଡ଼ା ତାଙ୍କର ମଧ୍ୟ ଯେ ଉପାୟ ନାହିଁ, ଏହା ବୁଝି, ଖଟିଖାଟି, ତାଙ୍କର ଚାହିଦା ପୂରଣ କରିବା ଦରକାର। ମହାପୁରୁଷଗଣ ଇଚ୍ଛା କରିଲେ ହିଁ ଅନେକ କିଛି କରିପାରନ୍ତି। ଏଇ କଥାର ତାତ୍ପର୍ଯ୍ୟ ଏଇ ଯେ, ସେମାନଙ୍କର ବିରାଟ ପରିପୂରଣକାରୀ ଓ ନିୟନ୍ତ୍ରଣକାରୀ ଶକ୍ତି, ପ୍ରେମ ଓ ଚରିତ୍ରବଳ ଥାଏ, ସେଇ କାରଣରୁ ଅନେକେ ତାଙ୍କ ପ୍ରତି ଆକୃଷ୍ଟ ହୋଇ ତାଙ୍କର କଲ୍ୟାଣକର ଇଚ୍ଛାକୁ ରୂପଦେବାକୁ ଚେଷ୍ଟା କରନ୍ତି ଏବଂ ବହୁ ଲୋକଙ୍କର ସମବେତ ଓ ସୁସଂଗଠିତ ଚେଷ୍ଟା ଫଳରେ ଅନେକ ଅସାଧ୍ୟ ସାଧନ ହୋଇଥାଏ। ଯାହାହେଉ, ଅବତାର ମହାପୁରୁଷଙ୍କ ଭୂତ-ମହେଶ୍ୱର ଭାବ କିନ୍ତୁ ତାଙ୍କୁ ଅନୁସରଣ କରିଲେ ହିଁ ବୁଝାଯାଏ। ମ୍ୟାନ ହୁଡ ଟୁ ଗଡ଼ ହୁଡ଼ (ମନୁଷ୍ୟତ୍ୱରୁ ଈଶ୍ୱରତ୍ୱକୁ) ପ୍ରୋସିଡ଼ ନକରିଲେ (ଅଗ୍ରସର ନହେଲେ) ଗଡ଼ହୁଡ଼ (ଈଶ୍ୱରତ୍ୱ) ବୁଝାଯାଏ ନାହିଁ, ତତ୍ ସମ୍ବନ୍ଧରେ ଅଳୀକ ମନଗଢ଼ା କଳ୍ପନାହିଁ ସାର ହୋଇଥାଏ।

ଜୀବନ ଗତିଶୀଳ, ଏକ ପ୍ରବହମାନ ଧାରା। ଏହି ଧାରାରେ ଧାବିତ ସକଳ ଜୀବଜଗତ, ମାତ୍ର ଧାବମାନ ଜୀବନକୁ ସୁନିୟନ୍ତ୍ରିତ କରି ନପାରିଲେ ଜନ୍ମ ନିରର୍ଥକ ହୋଇଯାଏ। ଜୀବନକୁ ସୁନିୟନ୍ତ୍ରିତ କରିବା ଲାଗି ସଦଗୁରୁଙ୍କ ଶରଣାପନ୍ନ ହେବା ଅପରିହାର୍ଯ୍ୟ। ସଦଗୁରୁଙ୍କ ନିର୍ଦ୍ଦେଶିତ ପଥରେ ଜୀବନକୁ ଚଳାଇପାରିଲେ ଜୀବନ ହୋଇଉଠେ ସମୁନ୍ନତ, ସୁମଧୁର। ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର 'ସତ୍ୟାନୁସରଣ'ରେ ଉଲ୍ଲେଖ କରିଛନ୍ତି - 'ସଦଗୁରୁଙ୍କ ଶରଣାପନ୍ନ ହୁଅ, ସତନାମ ମନନ କର ଆଉ ସତସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟକରି କହୁଛି ତୁମର ଉନ୍ନୟନ ପାଇଁ ତୁମକୁ ଆଉ ଚିନ୍ତା କରିବାକୁ ପଡ଼ିବ ନାହିଁ।' ଏ ଉନ୍ନୟନ ଉଭୟ ଭୌତିକ ଓ ଆତ୍ମିକ। ଆତ୍ମିକ ଉନ୍ନତି ବିନା କେବଳ ଭୌତିକ ଉନ୍ନତି ମୂଳହୀନ। ପୁଣି ଉଚ୍ଚ ବା ଶ୍ରେଷ୍ଠଜନଙ୍କ ପ୍ରତି ଶ୍ରଦ୍ଧାଭକ୍ତି ବିନା ଉନ୍ନତି ସମ୍ଭବ



ନୁହେଁ। କେତେକେ କହନ୍ତି, 'ପ୍ରଭୁ ତୁମେ ମୋର'। ଏହାର ଅର୍ଥ ପ୍ରଭୁ ତୁମେ କେବଳ ମୋର, ତୁମେ ଆଉ କାହାର ନୁହଁ। ଅବଶ୍ୟ ଏଠାରେ ସଂକୀର୍ଣ୍ଣ ସ୍ୱାର୍ଥପରତାର ଝଲକ ଫୁଟି ଉଠେ। କାରଣ ଏଭଳି କହୁଥିବା ବ୍ୟକ୍ତି ଚାହେଁ ପ୍ରଭୁ କେବଳ ତା'ରି କଥା ଶୁଣନ୍ତୁ, ତାରି ଅଭୀଷ୍ଟ ପୂରଣ କରନ୍ତୁ। ଅପରପକ୍ଷରେ 'ମୁଁ ତୁମର' କହିଲେ - ସମର୍ପଣର ଭାବ ପ୍ରକଟିତ ହୁଏ। ତେଣୁ ଠାକୁରଙ୍କ ପାଖରେ ସମର୍ପିତ ହେବାକୁ ହେଲେ - 'ମୁଁ ତୁମର' ଭାବଟିକୁ ନିଜ ଭିତରେ ଆରୋପିତ କରିବାକୁ ପଡ଼ିବ। ଏହା ହୋଇପାରିଲେ ଅହଙ୍କାର, ଆତ୍ମମ୍ଭରିତା ଉପରେ ନିୟନ୍ତ୍ରଣ ଆସିପାରିବ, ନିଜ ଭିତରେ ବିନୟସମନ୍ୱିତ ଭାବ ଗଜେଇ ଉଠିବ। ବ୍ୟକ୍ତିର ପ୍ରକୃତ ବ୍ୟକ୍ତିତ୍ୱ ପ୍ରସ୍ଫୁଟିତ ହୋଇପାରିବ।

ବର୍ତ୍ତମାନ ସମୟରେ ବ୍ୟକ୍ତିର ଜୀବନ ବହୁ ସଙ୍କଟ ଦେଇ ଗତି କରୁଛି। ଅବିଶ୍ୱାସ, ସ୍ୱାର୍ଥପରତା, ହିଂସା, ଅପରାଧ ଭୟଙ୍କର ଭାବରେ ସମାଜକୁ କଳୁଷିତ କରୁଛି ଓ ଆହୁରି ତୀବ୍ର ରୂପ ଗ୍ରହଣ କରିବାର ଆଭାସ ମିଳୁଛି। ବ୍ୟକ୍ତିର ଉନ୍ନତି କେବଳ ଭୌତିକ ଉନ୍ନତିରେ ସୀମିତ ହୋଇଯାଉଛି। ଅର୍ଥନୈତିକ ଉନ୍ନତି ସହିତ ଚରିତ୍ରର ଅବନତି ତାଳ ମିଳାଇ ଚାଲିଛି। ବ୍ୟକ୍ତିର ଜୀବନ ଆହର, ନିଦ୍ରା ଓ ମୈଥୁନ ମଧ୍ୟର ସୀମାବଦ୍ଧ ହୋଇଯାଉଛି। ଧର୍ମକୁ ବାଦ ଦେଇ ପ୍ରକୃତ ଉନ୍ନତି ସମ୍ଭବ ନୁହେଁ। ପ୍ରକୃତ ଧର୍ମ କିନ୍ତୁ ସଂପ୍ରଦାୟର ଉର୍ଦ୍ଧ୍ୱରେ। ଏହି ଧର୍ମ କିନ୍ତୁ ଜୀବନ୍ତ ହୋଇଥାଏ ସଦଗୁରୁଙ୍କ ଠାରେ। ଅତଏବ ସଦଗୁରୁଙ୍କୁ ବାଦ ଦେଇ ଓ ଧର୍ମକୁ ବାଦ ଦେଇ କେବେ ପ୍ରକୃତ ଉନ୍ନତି ହୋଇପାରେନା। ଶ୍ରୀ ଶ୍ରୀ ଠାକୁର ପୁଣ୍ୟପୁଥିରେ ଭାବସମାଧି ଅବସ୍ଥାରେ ଅମୋଘ ଆଶ୍ୱାସନା ଦେଇ କହିଛନ୍ତି, 'ଥରେ ପରମାତ୍ମାଙ୍କ ଭାବରେ ଭାବିତ ହୁଅ, ତୁମର ସବୁ ଜ୍ୱାଳା ଯନ୍ତ୍ରଣା ମୋ ହାତ ଦେଇ ପୋଛି ଦେବି।' 'ଚଲାର ସାଥୀ'ରେ ଉଲ୍ଲେଖ ରହିଛି ଦୁଃଖ ଓ ଅଭାବକୁ ଅତିକ୍ରମ କରି ସହଜ ସରଳ ଜୀବନ ଯାପନ କରିବା ଓ ସୁଖଶାନ୍ତିରେ ବଞ୍ଚିବା ସମ୍ଭବ ହୁଏ ସଦଗୁରୁଙ୍କୁ ନିଜ ଜୀବନର କେନ୍ଦ୍ର କରି। ସଦଗୁରୁଙ୍କର ପ୍ରତିଷ୍ଠା ଭିତର ଦେଇ ଧର୍ମର ପ୍ରତିଷ୍ଠା ହୁଏ ଓ ସମାଜର ମଙ୍ଗଳ ହୁଏ। ସେଥିପାଇଁ ନିଜକୁ ତିଆରି କରିବା ନିତାନ୍ତ ଆବଶ୍ୟକ। ଶ୍ରୀ ଶ୍ରୀ ଠାକୁରଙ୍କର କଥାରେ - 'ତୁମେ ଜାଣ ବା ନ ଜାଣ ପାର ବା ନପାର - ଅବ୍ୟାହତ ଥାଉ, - ସିଦ୍ଧିର ପଥ ଖୋଜିନିଅ - କୃତାର୍ଥ ହେବ, କୃତକାର୍ଯ୍ୟତା ଆସିବ; ଆଉ, ତୁମର ପ୍ରତିଷ୍ଠା ତୁମର ଆଦର୍ଶକୁ ପ୍ରତିଷ୍ଠିତ କରିବ ହିଁ - ନିଶ୍ଚୟଁ ଜାଣ।'

***ସହପ୍ରତିରତ୍ୱିକ ଓ ପ୍ରଫେସର,***
***ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ***
***ମେଡ଼ିକାଲ କଲେଜ, କଟକ,***
***ଦୂରଭାଷ : ୯୪୩୭୦୫୧୯୫୭***

ମାତୃଭାଷା

# ଶିଶୁ ଦୁନିଆ





— ଆମ ଠିକଣା —
ମାତୃଭାଷା, ସାର୍ଥକ ପ୍ୟାଲେସ୍, ପ୍ଲଟ୍ ନଂ-୧୫୭୦/୧୫୭୧, ସେକ୍ଟର-୬, ସିଡିଏ, କଟକ

## ହିମ ସକାଳ

ହିମ ସକାଳରେ ଶିଶିର ଟୋପା
ମୁକ୍ତା ବିନ୍ଦୁ ପରି ଦିଶେ
ସୂର୍ଯ୍ୟ କିରଣରେ ଉଜ୍ଜ୍ୱଳ ଦିଶଇ
ଆମ ଆଖି ତହିଁ ମିଶେ ।
ଗଛପତରରେ କାକର ପଡ଼ି
ବର୍ଷା ହେବା ପରି ଲାଗେ
ଫୁଲ ତୋଳିବାରେ ହାତେ ପାଣି ଲାଗେ
ତୋଳି ହୁଏନାହିଁ ବାଗେ ।
ସକାଳୁ କୁହୁଡି ଘେରି ଯାଇଥାଏ
ସବୁଆଡେ ଭାସିବୁଲେ
ଅନ୍ଧକାର ସାଥେ ପ୍ରତିଯୋଗୀ ସାଜେ
ହେବ ବୋଲି ସମତୁଲେ ।
ସୁରୁଜ କିରଣ ସହଜେ ପଡ଼େନା
ହୁଅଇ ଟିକିଏ ଡେରି
କୁହୁଡି ନିଜର ବଡ଼ିମା ଦେଖାଇ
ଚଉଦିଗେ ଥାଏ ଘେରି ।
ଗାଆଁଦାଣ୍ଡଟାରେ ଗାଈଗୋରୁ ବାନ୍ଧି
ନିଆଁ ପୋହୁଥାନ୍ତି ଲୋକେ
ଫସଲ ଅମଳେ ଲାଗିଥାଏ ଚାଷୀ
ନ ରହିବେ କେହି ଭୋକେ ।
ଅନ୍ଧାର ଥାଉଣୁ ବେଙ୍ଗଳା ପଡଇ
ଅମଳ ହୁଅଇ ଧାନ
କାର୍ତ୍ତିକ ହବିଷେ ହବିଷିଆଳିଏ
ସକାଳୁ ସାରନ୍ତି ସ୍ନାନ ।
ନୂଆନୂଆ ଶୀତ ଥୁରୁଥୁରୁ କରେ
ଚାଦର ଦର୍କାର ହୁଏ
କଅଁଳିଆ ପିଲା ଅଳସ କରିକି
ଆହୁରି ଘଡିଏ ଶୁଏ ।
ଚାହା ଦୋକାନରେ ଭାରି ଭିଡ଼ ହୁଏ
ଚାଲେ କେତେ ଗପସପ
କାକର କୁହୁଡି ଭିତରେ ବୁଲିଲେ
ମୁଣ୍ଡ ବିନ୍ଧି ଖପଖପ ।
ହିମ ସକାଳରେ ଫସଲ କିଆରୀ
ଦିଶୁଥାଏ ଶୋଭାମୟ
କୁହୁଡି କାକର ବେଖାତିର କରି
ଚାଷୀର କ୍ଷେତରେ ଲୟ ।
କାର୍ତ୍ତିକ ପଞ୍ଚକେ ସକାଳୁ ସିନାନ
ପୂର୍ଣ୍ଣିମାରେ ଡ଼ଙ୍ଗାଭସା
ଚଉଁରା ମୂଳରେ ମୁରୁଜ ପକାଇ
ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ବସା ।
ମାର୍ଗଶିର ଗୁରୁବାର ସକାଳରୁ
ଲକ୍ଷ୍ମୀ ପୂଜାକରେ ମାଆ
ଲକ୍ଷ୍ମୀଙ୍କ କୃପାରୁ ଅନ୍ନକଷ୍ଟ ଦୂର
ଲକ୍ଷ୍ମୀଙ୍କ ପୁରାଣ ଗାଥା ।
ହିମ ସକାଳର ପରିକା ସକାଳ
କେଉଁ ଋତୁରେ ବା ହେବ
ଖରା, ବର୍ଷା, ଶୀତ ସକାଳ ହାରିବେ
ହିମ ବାହାଦୁରୀ ନେବ ।

*ନିରଞ୍ଜନ ସାହୁ*
*ନିହଲ ପ୍ରସାଦ, ଗଁଦିଆ ପାଟଣା*
*ଢେଙ୍କାନାଳ -- ୭୫୯୦୧୬*
*ମୋ :-- ୯୯୩୮୭୪୧୫୮୩*

## ଶୀତ ପରା ଆମ ମିତ



ବରଷକ ଥରେ ଧରା ପରେ ଆସି
ଶୀତ ଥାପେ ତା'ର ପାଦ
ତରୁ ଲତା ପ୍ରାଣୀ ସଭିଙ୍କୁ ଥରାଏ
ମାନେ ନାହିଁ ପ୍ରତିରୋଧ ।।
ବହେ ଶିରି ଶିରି ଶୀତଳ ପବନ
ଉତ୍ତର ଦିଗରୁ ପରା
ହେଲେ ସେ ଆସନ୍ତେ ସୁଜଳା ସୁଫଳା
କ୍ଷେତ ଦିଶେ ଭାରି ତୋରା ।।
ସୋରିଷ କ୍ଷେତରେ ସୂରୁଜ କିରଣ
ସତେକି ମୁରୁଜ ବୁଣେ
ଧାନ କିଆରୀରେ ସୁନାର ଲହରୀ
ଚାଷୀଭାଇ ମନ ଜିଣେ ।।
ଶୀତ ଦିନ ଖରା ସତେ ସୁଧା ଝରା
ଶୀତଳ ଚନ୍ଦନ ପ୍ରାୟ
ନ ଲାଗେ ଦେହକୁ ଶ୍ରମ, ନତୁବା
ଥାଏ ଅଂଶୁଘାତ ଭୟ ।।
ବିଜେ ହୋଇଯାନ୍ତି ନାନାଜାତି ପକ୍ଷୀ
ହୋଇ ଆମ ଅଭ୍ୟାଗତ,
କ୍ଷେତରେ ଖଳାରେ ଶସ୍ୟ ଭରା ଦେଖି
ପ୍ରାଣ ହୁଏ ପୁଲକିତ ।।
ଶୀତ ଆଗମନେ ବନ ଉପବନେ
ଫୁଲ ଫୁଟେ ନାନାଜାତି
ପନି ଓ ପରିବା ହୁଅଇ ଅମଳ
ଘରେ ଭରେ ସୁଖ ଶାନ୍ତି ।।
ଗରିବ ଲୋକର ପାଇଁ ଶୀତ ସିନା
ଆଣେ ବହୁବିଧ ଦୁଃଖ
ସସାଗରା ଧରା ଉଲ୍ଲାସେ କହନ୍ତି
ଶୀତ ପରା ଆମ ମିତ ।।

*ସୁଦର୍ଶନ ମହାପାତ୍ର*
*କୁଞ୍ଜବିହାରୀ ଲେନ, କଟକ*
*୯୪୩୮୧୭୫୫୪୨*

## ଗୋଟେ ଅଣ୍ଡା

ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ କରିବା ପାଇଁ ସୂଚନା ମିଳିଲା । ପିଲାମାନେ ମୁହଁ ହାତ ଧୋଇ ହୋଇ ଧାଡ଼ିରେ ଖାଇବାକୁ ବସିଲେ । ଉକ୍ତ ଦିନରେ ସମସ୍ତଙ୍କ ପାଇଁ ଭାତ ଆଉ ଅଣ୍ଡା ତରକାରୀ ବନ୍ଦୋବସ୍ତ ହୋଇଥିଲା । ଖାଇ ବସିଥିବା ପିଲାମାନଙ୍କ ଭିତରୁ ଜଣେ ତାର ଘର ବିଦ୍ୟାଳୟ ହତାକୁ ଲାଗି ଥିବାରୁ ଅଧାରୁ ଉଠି ଥାଳି ଧରି ଚାଲି ଯିବାକୁ ପ୍ରସ୍ତୁତ ହେଉଥିଲା । ସେଦିନ ପିଲାମାନଙ୍କ ଖାଇବା ଦେଖା ଶୁଣା କରୁଥିବା ଶିକ୍ଷକ ତାକୁ ଅଟକାଇ ଦେଲେ ।

ପିଲାଟି ରହି ଯାଇ ମୁଣ୍ଡ ତଳକୁ କିଛି ନ କହି ଠିଆ ହୋଇଥିଲା । ତାକୁ ଯିବାର କାରଣ ପଚାରିବାରୁ ଅଚାନକ କାନ୍ଦିଲା । ଶିକ୍ଷକ ଜଣଙ୍କ ତାକୁ ବିନା ମାଡ଼ରେ କିଏ କ'ଣ ଏପରି କାନ୍ଦେ ପାଖକୁ ଯାଇ ବୁଝାଇ କହିଲେ।

ସେ କାନ୍ଦୁରା ପାଟିରେ କହିଥିଲା ବୋଉକୁ ମୋର ଜ୍ୱର ହୋଇ ଥିବାରୁ ଡାକ୍ତରଖାନା ଯାଇଥିଲା । ବାପା କାମକୁ ନ ଯାଇ ତା ପାଖରେ ଜଗି ବସିଛି । ଔଷଧ ଖାଉଥିବାରୁ ତା ପାଟିକୁ କିଛି ରୁଚି ନ ଥିଲା । କାଳେ ଅଣ୍ଡା ଦେଖିଲେ ତାର ଖାଇବାକୁ ମନ ହେବ ଭାବି ନେବାକୁ ଯାଉଥିଲି ।

ଅଭାବ ଅସୁବିଧା ଭିତରେ ଦିନ କାଟୁଥିବା ଲୋକମାନଙ୍କର ପାଇଁ ସାମାନ୍ୟ ଅଣ୍ଡାଟିଏ ବଡ଼ ପରି ଲାଗିଥାଏ ବୋଲି କାହିଁକି କେଜାଣି ସେ ହୃଦୟଙ୍ଗମ କରିଥିଲେ । ପିଲାଟିକୁ ଆଉ ଗୋଟେ କ୍ଷଣ ରହିବାକୁ ନ କହି ଯିବାକୁ ଦେଇଥିଲେ । ପିଲାଟି ଆଖିରୁ ବହି ଯାଇଥିବା ଲୁହକୁ ପୋଛି ଆନନ୍ଦ ମନରେ କୁଦା ମାରି ଡେଇଁ ଚାଲି ଯିବା ପରେ ପୁଣି ଫେରି ଆସିଥିଲା ସେତେବେଳେ ମୁହଁଟି ତାର ହସିଲା ପରି ଦେଖା ଯାଉଥିଲା ।।

*ସତ୍ୟନାରାୟଣ ପ୍ରଧାନ, ସା / ପୋ - ଅଣ୍ଟିଆ, ଭାୟା /ଥାନା - ଜେନାପୁର, ଜିଲ୍ଲା - ଯାଜପୁର, ପିନ୍ - ୭୫୫୦୨୩, ମୋ ୯୧୭୮୩୧୩୬୪୪*

## ଫେରିଆସ ଚାଚା ତୁମକୁ ହେଉଛୁ ଖୋଜି

ଚାଚା ନେହେରୁଙ୍କ ଜନମ ତିଥିକୁ
ପାଳିବା ହରଷ ମନେ
ଶିଶୁଙ୍କ ପାଇଁକି ଶିଶୁ ଦିବସଟି
ବରଷକେ ଆସେ ଦିନେ ।
ତାଙ୍କର ଆଦର୍ଶ ନୀତିବାଣୀ ସବୁ
ପିଲାଏ ପଢିବ ବସି
ସୁପଥରେ ଯାଇ କାମ କରୁଥିଲେ
ଜୀବନେ ଭରିବ ଖୁସି ।
ପିତା ମୋତିଲାଲ୍ ମାତା ସ୍ୱରୁପାଙ୍କ
କୋଳରେ ଥିଲେ ଜନମି
ତାଙ୍କର ଆଶିଷେ ଭଲକାମ କଲେ
ଝୁରେ ଆଜି ମାତୃଭୂମି ।
ଗାନ୍ଧିଙ୍କ ସାଥିରେ ରହିଥିଲେ ଚାଚା
ଦେଶର ସାଧୀନ ପାଇଁ
ଅହିଂସା ମନ୍ତ୍ରରେ ଦୀକ୍ଷିତ ହୋଇଲେ
ଗୋରା ଗଲେଟି ପଳାଇ ।
ତ୍ରିରଙ୍ଗା ଉଡ଼ାଇ ଦେଶରେ ପାଇଲେ
ପ୍ରଧାନମନ୍ତ୍ରୀଙ୍କ ଆସନ
ସୁନାର ଭାରତ ଗଢ଼ିବା ପାଇଁକି
କରିଥିଲେ ସେ ଶାସନ ।
ଶିଶୁ ଭବିଷ୍ୟତ ଉଜ୍ଜ୍ୱଳ ହେବାକୁ
ଚାଚା ଭାବୁଥିଲେ ବସି
ଶିଶୁଙ୍କ ଓଠରେ ହସ ଫୁଟୁଥିଲେ
ହେଉଥିଲେ ଭାରି ଖୁସି ।
କାରାଗାରେ ରହି ଲେଖିଥିଲେ ଚିଠି
ଝିଅ ଇନ୍ଦିରା ଙ୍କୁ ଦେଇ
ବିଶ୍ୱ ଇତିହାସ ଜାଣିବୁ ପଢ଼ିଲେ
କହିଲେ ତାଙ୍କୁ ବୁଝାଇ ।
ଆମଦେଶ ଶିଶୁ ଖୋଜନ୍ତି ତୁମକୁ
କେଉଁଠି ଯାଇଛ ହଜି
ଫେରିଆସ ଚାଚା ଅଫେରା ରାଇଜୁ
ତୁମକୁ ହେଉଛୁ ଖୋଜି ।

*ନଳିନୀ ଦାଶ, ଭିକାରିପଡା,*
*ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*



## କେ ଆସିଛି ଥିରି ଥିରି

ଆସିଲାଣି କିଏ ଥିରି ଥିରି ସିଏ
ପାଦ ପକାଇ ସଅଳ
ହିମ ହେମାଳିଆ ତା' ଛୁଆଁ ଶୀତୁଆ
କରିଲାଣି କଲବଲ ।
ତା' ଛୁଆଁ କିମିଆଁ ଅସୁଖ ଛାନିଆ
ଥଣ୍ଡା ଦେଲାଣି ଅସୁଖ
ଥଣ୍ଡାରେ ଅସୁଖ ଥଣ୍ଡାକୁ ବିମୁଖ
ଥଣ୍ଡା ହରିଲାଣି ସୁଖ ।
ତା' ଛୁଆଁରେ ଆଜି ପବନ କାଲୁଆ
ପାଣି ହେଉଛି ହେମାଳ
କାଲୁଆ ପବନ ଦେହରେ ବାଜିଲେ
ମନ ପରାଣ ବିକଳ ।
ସୂରୁଯଙ୍କ ତେଜ ଲାଗୁନି ପ୍ରଖର
କଅଁଳ ଖରା ବଢ଼ିଆ
ସକାଳର ମୁହଁ ଅସ୍ୱଚ୍ଛ ମଳିନ
ଦିଶି ଆସି କୁହୁଡ଼ିଆ ।
ସାଥିରେ ଆଣିଛି କୁହୁଡ଼ି କାକର
କାକରେ ଭିଜୁଛି ରାତି
କୁହୁଡ଼ି ମାଡୁଛି ରାତି ଅଧରୁ ଯେ
ସକାଳ ଭିଜେ ସେମିତି ।
ପଙ୍ଖା ଘୁରୁନାହିଁ ଆଉ ସାଇଁ ସାଇଁ
କମୁଛି ପଙ୍ଖାର ବେଗ
ପେଡ଼ିରେ ସାଇତା ଶୀତଲୁଗାସବୁ
ବାହାରିବେ ଆଗ ପଛ ।
ଆଗ ଭଳି କୁନା ଉଠୁନି ସକାଳେ
ଶେଯ ଛାଡ଼ି ଧଡ଼ପଡ଼
ଉଠିବାରେ ଡେରି ପଢ଼ିବାରେ ଡେରି
ସବୁଥିରେ ଗଡ଼ବଡ଼ ।

*ଧ୍ରୁବ ଚରଣ ଘିବେଲା*
*ବଉଦରାଜ, ଜି ବୌଦ୍ଧ*
*ମୋ.୯୪୩୭୪୭୮୪୬୬*

## ଶୀତ ଆସୁଅଛି ଥିରି ଥିରି

ଶୀତ ଆସୁଅଛି ଥିରି ଥିରି
ବରଷା ବି ନାହିଁ ଫିରି ଫିରି
ବାଟ ଘାଟ ଏବେ
ସଫା ସଫା ଦିଶେ
ଜହ୍ନ ହସୁଅଛି କିରି କିରି ।
ହେମନ୍ତର ଦିନ ସରି ନାହିଁ
ଶୀତୁଆ ପବନ ବହି ନାହିଁ
ଏଇ ପାଗ ଏବେ
ଭଲ ଲାଗେ ଯେବେ
ହରବର ହେବା କାହିଁ ପାଇଁ ।
କ୍ଷେତରେ ଫସଲ ହସି ଉଠେ
ଚାଷୀ ଭାଇ ମନ ପୂରି ଉଠେ
ଫସଲ ଯେବେରେ
ଅମଳ ହେବରେ
ମନର ଆଶଙ୍କା ଯାଇ ତୁଟେ ।
ଆସି ଯାଏ ଗେଣ୍ଡୁଫୁଲ ବେଳ
ନାନା ଫୁଲ ଫୁଟି ହେବ ମେଳ
ଫୁଲ ଦେଖି ଦେଖି
ମନ ଯିବ ଲାଖି
ଚାଲି ଥିବ ଛୁଆଙ୍କର ଖେଳ ।
ପହିଲି ଶୀତରେ ଭଲ ଲାଗେ
କେତେ ଯେ ପୁଲକ ମନେ ଜାଗେ
ଟିକେ ଟିକେ ଶୀତ
ସତେ ଅବା ମିତ
କାମ କରି ହୁଏ ବଡ ବାଗେ ।

*କୀର୍ତ୍ତନ ସାହୁ*
*ମିଶ୍ର କଲୋନୀ*
*ଶାଳପଡ଼ା , କେନ୍ଦୁଝର*
*ଦୂରଭାଷ - ୯୪୩୮୪୧୪୭୦୧*



## ସେ ପରା ଦେଶ ରତନ...

ନଭେମ୍ବର ମାସ ଚଉଦ ତାରିଖ
ଶିଶୁ ଦିବସେ ନାମିତ
ଚାଚା ନେହେରୁଙ୍କ ଜନମ ଦିବସ
ଦେଶରେ ହେବ ପାଳିତ ।
କୋମଳ ଶିଶୁଙ୍କ ଖୁସି ପାଇଁ ତାଂକ
ବିଚାର ଥିଲା ମଧୁର
ଶିଶୁଙ୍କ ବିକାଶେ ଦେଶର ବିକାଶ
ଭାବୁଥିଲେ ନିରନ୍ତର ।
ଶିଶୁ ହିତ ପାଇଁ ମୁକ୍ତ ଶିକ୍ଷା ନୀତି
ଦେଶେ ହେଲା ପ୍ରଚଳନ
ପ୍ରତି ବିଦ୍ୟାଳୟେ ମଧ୍ୟାହ୍ନ ଭୋଜନ
ତାଂକରି ମହତ ଦାନ ।
ବିଜ୍ଞାନ ଭିତ୍ତିକ ଶିକ୍ଷାର ପ୍ରସାର
ଥିଲା ତାଂକ ମୂଳ ମନ୍ତ୍ର
ସେଥିପାଇଁ ଆଜି ବିଶ୍ୱ ଦରବାରେ
ଆମ ଦେଶ ପରିଚିତ ।
ଇଂରେଜ ଶାସନ ବିରୁଦ୍ଧ କରି ସେ
ଭୋଗିଥିଲେ କାରାବାସ
ବାପୁ ସହ ମିଳି ସଂଗ୍ରାମ କରିଲେ
ସ୍ୱାଧୀନ ହୋଇଲା ଦେଶ ।
ତାଂକ ଜନ୍ମଦିନେ ଆସରେ ସଭିଏଁ
ହୃଦୟେ ସଂକଳ୍ପ ନେବା
ଦେଶ ବିକାଶରେ ଶିଶୁଙ୍କ ଭୂମିକା
ଦୁନିଆଁକୁ ଦେଖାଇବା ।
ଗାଆଁ ଗାଆଁ ବୁଲି ସଭିଁଙ୍କୁ କହିବା
ଶିଶୁଙ୍କ ନିଅ ଯତନ
ଶ୍ରମିକ ନକରି ଶିକ୍ଷା ଦିଅ ଭରି
ସେ ପରା ଦେଶ ରତନ ।

*ରାମଚନ୍ଦ୍ର ବେହେରା*
*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

## ।। ଦେବତା ଆସିଲେ ।।

ଗାୟ ନାମକ ଜଣେ ଗନ୍ଧର୍ବ ଥାଏ ।ଦିନେ ସେ ଘୋଡା ଉପରେ ବସି ଦ୍ୱାରିକା ନଗରୀ ଭ୍ରମଣ କରୁଥାଏ ।ସେଇବେଳେ ଶ୍ରୀକୃଷ୍ଣ ନଦୀରୁ ସ୍ନାନ ସାରି ରାସ୍ତାରେ ଫେରୁଥା'ନ୍ତି ।ଗାୟ ଶ୍ରୀକୃଷ୍ଣଙ୍କ ନିକଟବର୍ତ୍ତି ହୋଇ ଯାଉଥିବାବେଳେ ଘୋଡା ଟାପୁର ଧୂଳିକଣା ଉଡ଼ିଆସି ତାଙ୍କ ଶରୀରରେ ପଡିଲା । ସହସା ସେ କ୍ରୋଧିତ ଅବସ୍ଥାରେ ଗାୟକୁ କହିଲେ-ତୁମେ ଦୁଇଟି ଅପରାଧ କରିଛ ।ଏକରେ ଦ୍ୱାରିକାରେ ଘୋଡା ପିଠିରେ ବସି ଯିବା ବିବର୍ଜିତ ଥିବା ସତ୍ତ୍ୱେ ତାହା ଅମାନ୍ୟ କରିଛ ।ଦ୍ୱିତୀୟରେ ମୁଁ ସ୍ନାନ ସାରି ଫେରିବା ଅବସ୍ଥାରେ ତୁମ ଘୋଡା ଟାପୁର ଧୂଳି ଉଡ଼ିଆସି ମୋତେ ଧୂସରିତ କରିଛି । ଏହି ଦୁଇଟି ଅପରାଧ ପାଇଁ ମୁଁ ତୁମକୁ ମୃତ୍ୟୁ ଦଣ୍ଡ ଦେବି ।

ଶ୍ରୀକୃଷ୍ଣଙ୍କର ନିର୍ଣ୍ଣୟ ଶୁଣିବା କ୍ଷଣି ଗାୟ ସେଠାରୁ ଯଥାଶୀଘ୍ର ପଳାଇ ଯାଇ ଇନ୍ଦ୍ରଙ୍କ ନିକଟରେ ପହଞ୍ଚି ନିଜର ବ୍ୟଥା ଶୁଣେଇଲା ।ଇନ୍ଦ୍ର ନିଜର ଅସମର୍ଥତା ପ୍ରକଟ କରି କହିଲେ-ବଞ୍ଚିବାକୁ ଚାହୁଁଛ ତ ଶୀଘ୍ର ଶ୍ରୀକୃଷ୍ଣଙ୍କଠାରୁ କ୍ଷମା ମାଗିନିଅ ।

ଶ୍ରୀକୃଷ୍ଣଙ୍କ ସମ୍ମୁଖକୁ ଯିବାପାଇଁ ଗାୟ ନିକଟରେ ଆଉ ସାହାସ ହେଉ ନଥାଏ ।କିଛି ଉପାୟ ନ ପାଇ ଭଗବାନ ଶଙ୍କରଙ୍କ ପାଖରେ ପହଞ୍ଚି ସବୁକିଛି ଜଣାଇଲା । ଶଙ୍କର ମଧ୍ୟ ଇନ୍ଦ୍ରଙ୍କ ଭଳି ଶ୍ରୀକୃଷ୍ଣଙ୍କଠାରୁ କ୍ଷମା ମାଗିବାକୁ କହିଲେ । ନିରାଶିତ ଗାୟ ଶଙ୍କରଙ୍କଠାରୁ ଫେରିବା ବେଳେ ନାରଦ ମୁନିଙ୍କ ସହିତ ଭେଟ ହେଲା । ତୁରନ୍ତ ସେ ତାଙ୍କ ଗୋଡ଼ ତଳେ ପଡି ଉପାୟ ଜଣାଇବାକୁ ଅନୁରୋଧ କଲା । ନାରଦ ତ ଉପାୟ ବିତେଇବାକୁ ସଦା ତତ୍ପର ଥାଆନ୍ତି । ନାରାୟଣ-ନାରା ୟଣ ଉଚ୍ଚାରଣ କରି କହିଲେ-ଜଣେ ବ୍ୟକ୍ତି ତୁମକୁ ସହାୟତା କରି ପାରିବେ । ଅର୍ଜୁନ ! ତୁମେ ତୁରନ୍ତ ତାଙ୍କ ପାଖକୁ ଯାଅ । ଏବେ ପାଣ୍ଡବ ମାନେ ବନବାସରେ ରହୁଛନ୍ତି । ପୁଣିଥରେ ଶ୍ରୀକୃଷ୍ଣଙ୍କ ସମ୍ମୁଖକୁ ଆସିବା ପୂର୍ବରୁ ତୁମେ ଅର୍ଜୁନଙ୍କ ନିକଟରେ ପହଞ୍ଚି ଯାଅ ।ଅର୍ଜୁନଙ୍କୁ ନିଜ ରକ୍ଷା ନିମନ୍ତେ ବଚନବଦ୍ଧ କରେଇ ପାରିଲେ ସମସ୍ୟା ସମା ଧାନ ହେଇଯିବ ।

ନାରଦଙ୍କଠାରୁ ଉପାୟ ପାଇ ଗାୟ ଅର୍ଜୁନଙ୍କ ନିକଟରେ ପହଞ୍ଚି ତାଙ୍କ ଚରଣ ତଳେ ପଡି କହିଲା-ମୁଁ ବହୁ ଦୂରରୁ ଆପଣଙ୍କ ଶରଣ କୁ ଆସିଛି । ମୋତେ ରକ୍ଷା କରନ୍ତୁ ।ଆପଣଙ୍କ ଅତିରିକ୍ତ ମୋତେ ଆଉ କେହି ରକ୍ଷା କରିପାରିବେ ନାହିଁ । ଜଣେ ବ୍ୟକ୍ତି ମୋ ପ୍ରାଣ ନେବାକୁ ଚାହୁଁଛନ୍ତି ।

ଅର୍ଜୁନ ପଚାରିଲେ-କିଏ ତୁମର ପ୍ରାଣ ନେବାକୁ ଚାହୁଁଛନ୍ତି ?

ଗାୟ ଚତୁରତା ସହକାରେ କହିଲା-ଯେ ପର୍ଯ୍ୟନ୍ତ ଆପଣ ମୋତେ କଥା ଦେଇ ନାହାନ୍ତି ମୁଁ ତାଙ୍କ ନାମ କହିବି ନାହିଁ ।ଅର୍ଜୁନ ଧର୍ମ ସଙ୍କଟ

ରେ ପଡିଗଲେ ।ଯୁଧିଷ୍ଠିର ଏସବୁ ଶୁଣି ଅର୍ଜୁନଙ୍କୁ କହିଲେ-ଶରଣାଗତ

କୁ ରକ୍ଷା କରିବା ଆମର ଧର୍ମ ।ବଡ଼ ଭାଇଙ୍କ ଆଦେଶରେ ଅର୍ଜୁନ କହିଲେ-ଠିକ୍ ଅଛି !ତୁମର ରକ୍ଷା ମୁଁ କରିବି ।ସେ ଯେ କେହି ହୋଇ ଥା'ନ୍ତୁ ତୁମେ ମୋ ଶରଣକୁ ଆସିଛ ନିଶ୍ଚୟ ସୁରକ୍ଷା ପାଇବ ।

ଅର୍ଜୁନଙ୍କଠାରୁ ବଚନ ପାଇ ଗାୟ ଆତ୍ମ ସନ୍ତୋଷ ହୋଇ କହିଲା- ମୋର ଶତ୍ରୁ ଶ୍ରୀକୃଷ୍ଣ ।ସେ ମୋତେ ମାରିବା ପାଇଁ ପଣ କରିଛନ୍ତି ।ଗାୟର କଥା ଶୁଣି ଅର୍ଜୁନ ସମେତ ଅନ୍ୟ ଚାରି ପାଣ୍ଡବ ଚିନ୍ତାରେ ପଡିଗଲେ । ଶ୍ରୀକୃଷ୍ଣ ପାଣ୍ଡବଙ୍କ ରକ୍ଷକ,ମିତ୍ର,ପଥ ପ୍ରଦର୍ଶକ । ତାଙ୍କୁ ବିରୋଧ କରିବା କଥା ସେମାନେ କେବେବି ଭାବି ନାହାନ୍ତି ।କିନ୍ତୁ ଶରଣାଗତର ରକ୍ଷା ନିମନ୍ତେ ଅର୍ଜୁନ ବଚନବଦ୍ଧ ହୋଇ ସାରିଛନ୍ତି ।

ହଠାତ୍ ଭୀମ ଗର୍ଜନ କରି କହିଲେ-ଗାୟର ହାତ ଗୋଡ଼ ବାନ୍ଧି ସିଧା ବାସୁଦେବଙ୍କୁ ସମର୍ପି ଦେ- । ହୁଏତ ତାଙ୍କ ମନରେ ଦୟା ଆସି ପାରେ !ହେଲେ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏକଥା ଉଚିତ ମନେ ହେଲା ନାହିଁ । ତତକ୍ଷଣାତ୍ ନାରଦ ସେଠାରେ ପହଞ୍ଚିଲେ ।ପାଣ୍ଡବ ପାଞ୍ଚ ଭାଇ ନାରଦଙ୍କ ନିକଟରେ ସବୁ ଜଣାଇବାରୁ ନାରଦ ନିଜ ବିଚାର ଜଣାଇଲେ । କିନ୍ତୁ ସ୍ୱୟଂ ଗାୟକୁ ଅର୍ଜୁନଙ୍କ ନିକଟକୁ ପଠାଇଛନ୍ତି ବୋଲି କିଛି ନ କହି ସେଠାରୁ ଯାଇ ଶ୍ରୀକୃଷ୍ଣଙ୍କ ପାଖରେ ପହଞ୍ଚି ଗଲେ । ସେତେବେଳେ ଶ୍ରୀକୃଷ୍ଣ ଗାୟକୁ ଖୋଜିବା ପାଇଁ ପ୍ରସ୍ତୁତ ହୋଇ ବାହାରୁଥା'ନ୍ତି । ନାରଦ କଥା ଛଳରେ କହିଲେ-ଗାୟକୁ ଖୋଜିବା କୌଣସି ଆବଶ୍ୟକତା ନାହିଁ ପ୍ରଭୁ ! ସେ ତ ଏବେ ଅର୍ଜୁନଙ୍କ ଶରଣରେ ଅଛି । ତା'ର ରକ୍ଷା ନିମନ୍ତେ ଅର୍ଜୁନ ଆପଣଙ୍କ ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଲେଣି ।

ନାରଦଙ୍କ ବାକ୍ୟ ଶୁଣି ଶ୍ରୀକୃଷ୍ଣ ଚକିତ ହେଲେ ।ମଧ୍ୟମ ପାଣ୍ଡବ ତାଙ୍କ ସହ ଯୁଦ୍ଧ କରିବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ତାଙ୍କୁ ଆଦୌ ବିଶ୍ୱାସ ହେଉ ନଥାଏ ।ସଙ୍ଗେ ସଙ୍ଗେ ସେ ମହଲରେ ପହଞ୍ଚି ସୁଭଦ୍ରାଙ୍କୁ କହିଲେ- ମୁଁ ଗାୟକୁ ବଦ୍ଧ କରିବା ପାଇଁ ସଂକଳ୍ପ କରିଛି ହେଲେ ତୋ ପତି ଅର୍ଜୁନ ତାକୁ ଶରଣ ଦେଇଛନ୍ତି ।ଶୀଘ୍ର ଯାଇ ତାଙ୍କୁ କହ ସେ ଗାୟକୁ ମୋତେ ସମର୍ପି ଦେବେ ।ଯଦି ତାହା ନ ହୁଏ ଯୁଦ୍ଧ କରିବାକୁ ବାଧ୍ୟ ହେବି ।

ସୁଭଦ୍ରାଙ୍କ ନିମନ୍ତେ ଦୁହେଁ ପ୍ରିୟ ଥାଆନ୍ତି ।ତୁରନ୍ତ ସେ ଅର୍ଜୁନଙ୍କ ନିକଟରେ ପହଞ୍ଚି ଗାୟକୁ ଶ୍ରୀକୃଷ୍ଣଙ୍କୁ ସମର୍ପି ଦେବା ଲାଗି ପ୍ରାର୍ଥନା କଲେ । ଅର୍ଜୁନ କହିଲେ-ମୁଁ ଶ୍ରୀକୃଷ୍ଣଙ୍କ ବିପକ୍ଷରେ ଯୁଦ୍ଧ କରିବାକୁ ଚାହୁଁନାହିଁ କିନ୍ତୁ ଶରଣାଗତକୁ ରକ୍ଷା କରିବା ଆମର କର୍ତ୍ତବ୍ୟ । ଏଥି ପାଇଁ ଗାୟ ନିକଟରେ ମୁଁ ସଂକଳ୍ପ କରିଛି । ମୋର ଦୁର୍ଭାଗ୍ୟ ଯେ ପ୍ରିୟ ସଖାଙ୍କ ସହିତ ଯୁଦ୍ଧ କରିବାକୁ ପଡିବ ।ସୁଭଦ୍ରା ନିରାଶା ମନ ନେଇ ଶ୍ରୀକୃଷ୍ଣଙ୍କ ନିକଟକୁ ଫେରିଆସିଲେ ।ଶ୍ରୀକୃଷ୍ଣ କହିଲେ-ବୋଧହୁଏ ନିୟତିର ଏହି ଇଚ୍ଛା ଅର୍ଜୁନ ଓ ମୋ ମଧ୍ୟରେ ଯୁଦ୍ଧ ହେଉ । ନିଜ ପ୍ରତିଜ୍ଞାରେ ଅଟଳ ରହି କିଛିକ୍ଷଣ ମଧ୍ୟରେ ସୈନ୍ୟଦଳ ଘେନି ଅର୍ଜୁନଙ୍କ ପାଖେ ପହଞ୍ଚିଗଲେ । ପ୍ରଥମେ ସେ ଅର୍ଜୁନଙ୍କୁ ବୁଝେଇ କହିଲେ-ଗାୟକୁ ମୋ ପାଖେ ସମର୍ପି ଦିଅ । ଏଥିରେ ସଭିଙ୍କର ହିତ ହେବ ।ଅର୍ଜୁନ ମଧ୍ୟ ନିଜ ବିବିଶତା ପ୍ରକାଶ କଲେ ।ଏଥର ଶ୍ରୀକୃଷ୍ଣ ଗମ୍ଭୀର ହୋଇ କହିଲେ-ମୁଁ କିଛି ଶୁଣିବାକୁ ଚାହେଁନା ଗାୟକୁ ମୋତେ ଦିଅ ଅନ୍ୟଥା ଯୁଦ୍ଧ କରିବାକୁ ପ୍ରସ୍ତୁତ ହୁଅ । ଅର୍ଜୁନ କହିଲେ-ଯଦି ଆପଣ ମୋତେ ବିବଶ କରିବେ ତେବେ ମୁଁ ମଧ୍ୟ ଯୁଦ୍ଧ କରିବି । ଦୁହିଙ୍କର ତର୍କ ବିତର୍କ ମଧ୍ୟରେ ଦୁହେଁ ଦୁହିଙ୍କ ପ୍ରତି ତୀର କ୍ଷେପଣ କଲେ । ଅର୍ଜୁନ ଶ୍ରୀକୃଷ୍ଣଙ୍କର ସମସ୍ତ ତୀରକୁ ନିଜ ତୀରର ପ୍ରଭାବ ଦ୍ୱାରା ନଷ୍ଟ କରି ଦେଉଥା'ନ୍ତି । ଶ୍ରୀକୃଷ୍ଣଙ୍କର କୌଣସି ତୀର ଅର୍ଜୁନ ଙ୍କର କିଛି କ୍ଷତି କରିପାରୁ ନଥାଏ । ଦୁହିଙ୍କ ମଧ୍ୟରେ ତୁମୁଳ ସଂଗ୍ରାମ ଚାଲିଲା । ଶ୍ରୀକୃଷ୍ଣ ଏବଂ ଅର୍ଜୁନ ଗୋଟେ ପରେ ଗୋଟେ ମାରଣାସ୍ତ୍ର ଚଳାଉଥା'ନ୍ତି । ଦୁଇ ପକ୍ଷରେ ହାରିବା ଜିତିବା ସ୍ଥିତିରେ କେତେ ସମୟ ଯୁଦ୍ଧ ଚାଲିଲା ।

ଶେଷରେ ଶ୍ରୀକୃଷ୍ଣ ଧୈର୍ଯ୍ୟହରା ହୋଇ ସୁଦର୍ଶନ ଚକ୍ରକୁ ଆବାହନ କଲେ । ଅର୍ଜୁନ ମଧ୍ୟ ଦେବତାଙ୍କଠାରୁ ପ୍ରାପ୍ତ ପାଶୁପତ ଅସ୍ତ୍ରକୁ ଆମ ନ୍ତ୍ରଣ କଲେ । ଦୁଇଟି ଅସ୍ତ୍ର ବଡ଼ ବିନାଶକାରୀ । ମନୁଷ୍ୟ ଏବଂ ଦେବତା ମାନେ ମନେ ମନେ ଭାଳୁଥାନ୍ତି ସୃଷ୍ଟି ସମାପ୍ତ ହୋଇଯିବ ।ଦୁହିଙ୍କର ଯୁଦ୍ଧକୁ ଶାନ୍ତ କରିବା ପାଇଁ ଆକାଶ ମାର୍ଗରେ ଦେବତାମାନେ ପ୍ରକଟ ହେଲେ । ଅର୍ଜୁନ ଓ ଶ୍ରୀକୃଷ୍ଣ ନିଜ ନିଜ ଅସ୍ତ୍ର ଫେରାଇ ନେବା ଲାଗି ଦେବତାମାନେ ଅନୁରୋଧ କଲେ । ଦେବତାଙ୍କ ଅନୁରୋଧରେ ଦୁହେଁ ନିଜ ନିଜ ଅସ୍ତ୍ର ତ୍ୟାଗ କଲେ । ବ୍ରହ୍ମଦେବ ଆସି ଅର୍ଜୁନଙ୍କୁ କହିଲେ-ଗାୟକୁ ମୋତେ ସମର୍ପି ଦିଅ ।ଅର୍ଜୁନ ତୁରନ୍ତ ଗାୟକୁ ବ୍ରହ୍ମାଙ୍କୁ ସମର୍ପି ଦେଲେ ।ଶ୍ରୀକୃଷ୍ଣ ଆଉ କାଳ ବିଳମ୍ବ ନ କରି ତରବାରି ଦ୍ୱାରା ଗାୟ ର ମୁଣ୍ଡ କାଟିଦେଲେ । ବ୍ରହ୍ମଦେବ ସେଇକ୍ଷଣି ଗାୟର କଟା ହୋଇ ଥିବା ମୁଣ୍ଡକୁ ଗଣ୍ଡିରେ ଯୋଡ଼ିଦେଲେ । ଗାୟ ଜଣେ ସାମାନ୍ୟ ବ୍ୟକ୍ତି ଙ୍କ ପରି ଉଠି ଛିଡା ହେଲା ।ଭଗବାନ ଶ୍ରୀକୃଷ୍ଣ ଏବଂ ଅର୍ଜୁଙ୍କର ପଣ ମଧ୍ୟ ପୂର୍ଣ୍ଣ ହେଲା ।

*ସୁଧାଂଶୁ ଶେଖର ଦ୍ୱିବେଦୀ*
*ବିସି-୭୪, ସଲ୍ଟ ଲେକ୍, କଲକତା-୬୪*
*ମୋ-୯୬୮୧୩୭୩୫୧୨*

## ଫୁଲଠୁ କୋମଳ ଜହ୍ନଠୁ ଶୀତଳ

ଫୁଲଠୁ କୋମଳ ଜହ୍ନଠୁ ଶୀତଳ
ସରଳ ତରଳ ମନ
ସେତ ଦେବଶିଶୁ ହେ୍ୱ କାହ୍ନା ଯୀଶୁ
ଦେଶର ଅସଲ ଧନ ।।
ତାକଥା ମଧୁର ଶୁଣିଦେଲେ ଯାଏ
ମନ ମରମରୁ ଦୁଃଖ
ସେତ ଦେଲେ ହସି ଖସିପଡେ ଶଶୀ
ମିଳିଯାଏ ଶାନ୍ତି ସୁଖ ।।
ମନରେ ନଥାଏ ପର ଆପଣାର
ଛୁଆଁ ଅଛୁଆଁର ଭ୍ୱା
ଶିଶୁ ହେଲେ୍ୱ ଡ ଚଳାଇ୍ୱ ହାତେ
ଦେଶ ଜାତି ସୁଖନ୍ୱା ।।
ସରେନାହି ତାର ଛନ୍ଦ ଚପଳତା
ସଭିଙ୍କ ମରମ ଜିଣେ
ହସି ନାଚି ଗାଇ ସଦା ସୁଖେଥାଇ
କେତେ ଜନମନ କିଣେ ।।
ସେତ ସକାଳର ବାଳରବି ସମ
ଉଏଁ ଗଗନରେ ହସି
ତାଆଖିରେ ଦେଖେ ଦୁନିଆର ଶୋଭା
ମାଆର କୋଳରେ ବସି ।।
ତାକୁ ଦେଇ ସ୍ନେହ ଆଦର ଶରଧା
କରିଦେବା ଟିକେ ଗେଲ
ହାତେଦେବା ବହି ଖାତା ଭଳି ଭଳି
ପଢ଼ି୍ୱସେ ପାଠ ଭଲ ।।
ଶିଶୁଦି୍ୱସରେ ଚାଚାନେହେରୁଙ୍କ
ସପନ କରି୍ୱା ସତ
ଚମକିଉଠି୍ୱ ଏ ସାରା ଧରଣୀ
ଶିଶୁ ହେଲେ ପୁଲକିତ ।।

*ପ୍ରଶାନ୍ତ କୁମାର ଦାଶ*
*କୁଞ୍ଜର ସଙ୍ଗଲାଇ*
*ପିପିଲି ପୁରୀ*
*ମୋବାଇଲ - ୯୬୬୮୮୨୨୧୯୦*

## ଶୀତ ମାଉସୀ



ଶୀତ ମାଉସୀ ତୁ ସଅଳ ଆସି
ଆମ ମନରେ ତୁ ଭରିଦେ ଖୁସି
ହଲାଇ ହେମାଳ କାନି
ଶୀତଳତା ଆଣିଦେ ପରିବେଶରେ
ବସନା ହୋଇଣ ତୁନି ।
ସାଥିରେ କୁହୁଡି କାକର ଆଣି
ସବୁ ଶୀତରେ ତୁ ଦିଅଉ ବୁଣି
କୁହୁଡି ଆସିଛି ଖାଲି
ତୁ ନ ଆସିଣ ରହିଲୁ କାହିଁକି
ଆମ କଥା ଯାଇ ଭୁଲି ।
ସାଇତିଛୁ ଶୀତ ପୋଷାକ ଯେତେ
ଖିତେଇ ହୁଅନ୍ତି ଆମକୁ ସତେ
କହନ୍ତି କେତେ ଯେ ଦିନ
ଅଣନିଃଶ୍ୱାସି ହୋଇଣ ରହିଥିବୁ
ବାହାରକୁ ନିଅ ଧନ ।
କାର୍ତ୍ତିକ ମାସଟା ହୋଇବ ଶେଷ
ତଥାପି ଗରମ କମେନି ଲେଶ
ଏ କଥାକୁ ଦେଇ ଧ୍ୟାନ
ଶୀତ ମାଉସୀ ତୁ ବିଳମ୍ବ କରନା
ବୁଝିଣ ସବୁରି ମନ ।
ଗେଣ୍ଡୁଫୁଲ ବି ତୋ ସ୍ୱାଗତ ପାଇଁ
କେତେ ସରାଗରେ ରହିଛି ଚାହିଁ
ତାକୁ ନିରାଶ ନ କରି
ଶୀତ ମାଉସୀ ଲୋ ଦେଖାଦେ ଆସି
ବସିଛୁ ତ ମନ ମାରି ।

*ସୁଧାକର ରାଉତ*
*ପ୍ରତାପ ନଗରୀ, କଟକ*
*ମୋ - ୮୨୪୯୯୩୨୭୯୨*

ରାତି ଅଧିଆ ଚଢ଼ାଉ

## ମେଡିସିନ୍ ଫାର୍ମରୁ ବେଆଇନ୍ କଫ ସିରପ୍ ଜବତ



**କଟକ:** କଟକରେ ଥିବା ଏକ ମେଡିସିନ୍ ଫାର୍ମ ଉପରେ ହେଲେ ରାତି ଅଧିଆ ଚଢ଼ାଉ । ଚଢ଼ାଉ ସମୟରେ ଜବତ ହେଲା ପୁଳା ପୁଳା ବେଆଇନ୍ କଫ ସିରପ୍ । କଟକରେ ଡ୍ରଗ୍ସ କଣ୍ଟ୍ରୋଲ ଓ ଅବକାରୀ ବିଭାଗର ମିଳିତ ଚଢ଼ାଉ ବେଳେ ବିପୁଳ ପରିମାଣର ବେଆଇନ୍ କଫ୍ ସିରପ ଜବତ ହୋଇଛି ।

ଗତକାଲି ରାତିରେ କଟକ ସଦର ଥାନା ଅନ୍ତର୍ଗତ ସୁମାଣ୍ଡି ଗାଁରେ ଥିବା ଏକ ମେଡ଼ିସିନ ଫାର୍ମ ଉପରେ ଏହି ଚଢାଇ ହୋଇଥିଲା । ବେଆଇନ୍ ଔଷଧ କିଣିବା, ବିକ୍ରି ଓ ଗଛିତ ରଖିବା ଅଭିଯୋଗରେ ଶଙ୍ଖତ୍ରାସ ଅଞ୍ଚଳର କ୍ରିଷ୍ଣା ମେଡ଼ିସିନ୍ ଫାର୍ମର ମାଲିକ ଜୟରାମ ସାହୁ ଓ ସହଯୋଗୀ ପ୍ରଫୁଲ୍ଲ କୁମାର ଜେନାଙ୍କୁ ଗିରଫ କରିଛି ଅବକାରୀ ବିଭାଗ ।

ଫାର୍ମରୁ ୩୨ ପ୍ରକାରର ବେଆଇନ୍ ଔଷଧ ସହ ବିପୁଳ ପରିମାଣର କଫ୍ ସିରପ ଜବତ୍ ହୋଇଛି । ଲାଇସେନ୍ସ ପ୍ରାପ୍ତ ମେଡ଼ିସିନ୍ ଫାର୍ମକୁ ସିଲ୍ କରିଦିଆଯାଇଛି । ବେଆଇନ୍ ଔଷଧ ସାମଗ୍ରୀ ଓ କଫ୍ ସିରପ ବିକ୍ରି ଅଭିଯୋଗ ପାଇ ଅବକାରୀ ବିଭାଗ ପକ୍ଷରୁ ପୂର୍ବରୁ ଖୋଳତାଡ ଚାଲିଥିଲା ।

କମେଣ୍ଟ ମରାରୁ ତୁମୁଳ କାଣ୍ଡ

# ପୁଲିସ୍ ଭ୍ୟାନ୍‌ରୁ ଭିଡ଼ି ଆଣି ଯୁବକଙ୍କୁ ନିର୍ଧୂମ ଛେଚିଲେ

**ଏହି ସାଂଘାତିକ ଘଟଣା ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅଧୀନରେ ଘଟିଛି । ଆକ୍ରମଣର ଶିକାର ହୋଇଥିବା ଯୁବକଜଣକ ହେଲେ ରତ୍ନାକର ଖଟୁଆ । ଏନେଇ ୩ଟି ମାମଲା ରୁଜୁ ହୋଇଥିବା ବେଳେ ପୁଲିସ୍ କିନ୍ତୁ କାହାକୁ ଗିରଫ କରିନି ।**



**ଗଞ୍ଜାମ:** ଫେସ୍‌ବୁକ୍‌ରେ କମେଣ୍ଟ ମାରିବାକୁ ନେଇ ଘଟିଛି ତୁମୁଳ କାଣ୍ଡ । ପୁଲିସ୍ ଗାଡ଼ିରେ ଥିବା ଜଣେ ଯୁବକଙ୍କୁ ଟାଣି ଆଣିବା ସହ ମାରି ଲହୁଲୁହାଣ କରିଛନ୍ତି କିଛି ଯୁବକ । ଏପରି ଏକ ସାଂଘାତିକ ଘଟଣା ଗତ ସୋମବାର ଘଟିଥିବା ବେଳେ ଏହାର ଭିଡିଓ ଏବେ ଭାଇରାଲ ହେଉଛି ।

ଏହି ସାଂଘାତିକ ଘଟଣା ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅଧୀନରେ ଘଟିଛି । ଆକ୍ରମଣର ଶିକାର ହୋଇଥିବା ଯୁବକଜଣକ ହେଲେ ରତ୍ନାକର ଖଟୁଆ । ଏନେଇ ୩ଟି ମାମଲା ରୁଜୁ ହୋଇଥିବା ବେଳେ ପୁଲିସ୍ କିନ୍ତୁ କାହାକୁ ଗିରଫ କରିନି । ଫେସବୁକରେ କମେଣ୍ଟ ମରା ବିଷୟକୁ ନେଇ ସୋମବାର ରତ୍ନାକର ଖଟୁଆଙ୍କର ଗ୍ରାମର କିଛି ଯୁବକଙ୍କ ସହ ବଚସା ହେବା ସହ ହାତାହାତି ହୋଇଥିଲା । ରତ୍ନାକର ଘଟଣାସ୍ଥଳରୁ ଖସି ଆସି ୧୧୨କୁ କଲ୍ କରି ପୁଲିସକୁ ଘଟଣା ସମ୍ପର୍କରେ ଫୋନ୍ କରିଥିଲେ । ଖବର ପାଇ କୋଦଳା ପୁଲିସ ଘଟଣା ସ୍ଥଳରେ ପହଂଚି ରତ୍ନାକରକୁ ଉଦ୍ଧାର କରି ପୁଲିସ୍ ଭ୍ୟାନ୍‌ରେ ନେଇ ଯାଉଥିଲା ।

ମାତ୍ର ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଗାଡ଼ିକୁ ଘେରି ଯାଇଥିଲେ । ଏହାପରେ ସେମାନେ ପୁଲିସ୍ ଗାଡ଼ିରୁ ରତ୍ନାକରଙ୍କୁ ଭିଡ଼ି ଆଣି ନିର୍ଧୂମ ଛେଚିଥିଲେ । ତାଙ୍କ ମୁଣ୍ଡ ସମେତ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିବା ବେଳେ ତୁରନ୍ତ ପୁଲିସ୍ ତାଙ୍କୁ ଉଦ୍ଧାର କରିଥିଲା । ଏହାପରେ ତାଙ୍କୁ ପ୍ରଥମେ କୋଦଳା ମେଡିକାଲ ମେଡିକାଲ ନିଆଯାଇଥିଲା । ଏହାପରେ ସେଠାରୁ ତାଙ୍କୁ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଛି । ସେ ସୁସ୍ଥ ହୋଇ ଘରକୁ ଫେରିଥିବାର ଜଣାଯାଇଛି ।

ଏନେଇ ରତ୍ନାକର ୧୨ ଜଣଙ୍କ ନାଁରେ କୋଦଳା ଥାନାରେ ଅଭିଯୋଗ କରିଛନ୍ତି । ଅନ୍ୟ ପକ୍ଷରେ ପୁଲିସର କାର୍ଯ୍ୟ ସମ୍ପାଦନା କରିବା ନିମନ୍ତେ ବ୍ୟାଘାତ ସୃଷ୍ଟି କରିଥିବା ଓ ଆଇନକୁ ଅବମାନନା କରିଥିବା ଅଭିଯୋଗରେ ପୁଲିସ ପକ୍ଷରୁ ଏକ ମାମଲା ମଧ ରୁଜୁ ହୋଇଥିବା ଥାନା ଅଧିକାରୀ ସୁବାଷ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି ।

ଏହାବାଦ କଣ୍ଟାପଡା ଗ୍ରାମବାସୀ ବି ରତ୍ନାକରଙ୍କ ନାମରେ ଅଭିଯୋଗ କରିଛନ୍ତି । ସେମାନଙ୍କ ଅଭିଯୋଗ ଅନୁଯାୟୀ, ରତ୍ନାକର ଗ୍ରାମରେ ସ୍କୁଲ ପାଖରେ ମଦ ବିକ୍ରି କରୁଥିଲେ । ଏହାକୁ ବିରୋଧ କରିବାରୁ ସେ ଗାଳିଗୁଲଜ କରୁଥିଲେ । ଏପରିକି ଗ୍ରାମର ଝିଅମାନଙ୍କୁ ଅଶ୍ଲୀଳ ଭାଷାରେ କମେଣ୍ଟ କରୁଥିବା ବେଳେ ଫେସ୍‌ବୁକ୍‌ରେ ବି କମେଣ୍ଟ କରୁଥିଲେ । ଏନେଇ ପୂର୍ବରୁ ଥରେ ଥାନାରେ ଅଭିଯୋଗ ହୋଇଥିଲା । ପୁଲିସ୍ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ବେଳେ ଏହା ଜାଣି ରତ୍ନାକର ଖଣ୍ଡା ଧରି ଗାଁରେ ବୁଲିଥିଲେ । ଗ୍ରାମବାସୀଙ୍କୁ ହତ୍ୟା କରିବାର ଧମକ ଦେଇଥିଲେ ।

ଏହି ଘଟଣା ଘଟିବାର ୩ ଦିନ ବିତିଲାଣି । ଏନେଇ ୩ଟି ମାମଲା ରୁଜୁ ହୋଇଥିବା ସତ୍ତ୍ୱେ ପୁଲିସ୍ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ କାହିଁକି ବିଳମ୍ବ କରୁଛି ତାହା ସ୍ପଷ୍ଟ ହୋଇ ପାରୁନି ।

ସମ୍ପତ୍ତି ପାଇଁ ସମ୍ପର୍କରେ ଭଟ୍ଟା

# ମା’ ଭଉଣୀକୁ ହତ୍ୟା କଲା ଅଭିଯୁକ୍ତ

**ସମ୍ବଲପୁର:** ସମ୍ବଲପୁର ସଦର ଥାନା ଅନ୍ତର୍ଗତ ମାନେଶ୍ୱର ହାଟପଦାରେ ବୃଦ୍ଧା ସ୍ନେହଲତା ଦୀକ୍ଷିତ ଓ ତାଙ୍କ ଝିଅ ସୈରେନ୍ଦ୍ରି ଜୀବନ୍ତ ଦଗ୍ଧ ଘଟଣାର ପର୍ଦ୍ଦାଫାଶ କରିଛି

- ଜୀବନ୍ତ ଦଗ୍ଧ ଘଟଣାର ପର୍ଦ୍ଦାଫାଶ କଲା ପୁଲିସ
- କ୍ରାଇମ୍ ସିନ୍ ରିକ୍ରିଏସନ୍ କରାଯିବ

ପୁଲିସ । ସମ୍ପତ୍ତି ପାଇଁ ବୃଦ୍ଧା ଓ ତାଙ୍କ ଝିଅଙ୍କୁ ହତ୍ୟା କରାଯାଇଥିବା ଜଣାପଡ଼ିଛି । ପୁଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ବୃଦ୍ଧାଙ୍କ ପୁଅ ଜଗନ୍ନାଥ ଦିକ୍ଷିତ ଓ ତାଙ୍କ ପୁଅକୁ ଗିରଫ କରିଛି । ଆଜି ଅଭିଯୁକ୍ତମାନଙ୍କର କ୍ରାଇନ୍ ସିନ୍ ରିକ୍ରିଏସନ୍ କରିବ ପୁଲିସ ।

ସେହ୍ନଲତା ଦୀକ୍ଷିତ ଓ ତାଙ୍କ ଝିଅ ଘରେ ଥିବାବେଳେ ଜଗନ୍ନାଥ ଓ ତାଙ୍କ ପୁଅ ଉଭୟଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ । ପରେ ଏହି ହତ୍ୟାକୁ ଦୁର୍ଘଟଣା ରୂପ ଦେବାକୁ ଘରେ ଗ୍ୟାସ ସିଲିଣ୍ଡର ଖୋଲି ନିଆଁ ଲଗାଇଦେଇଥିଲେ ବୋଲି ପୁଲିସ ସୂତ୍ରରୁ ଜଣାପଡ଼ିଛି ।



ସୂଚନାଯୋଗ୍ୟ, ଗତକାଲି ବୃଦ୍ଧା ସ୍ନେହଲତା ଓ ଝିଅ ସୈରେନ୍ଦ୍ରି ଦୀକ୍ଷିତ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ମା’ଝିଅ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ । ପୁଲିସ ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ସମ୍ପତ୍ତି ପାଇଁ ମା’ ଓ ଭଉଣୀକୁ ଭାଇ ଜଗନ୍ନାଥ ହତ୍ୟା କରିଥିବା ସ୍ନେହଲତାଙ୍କ ସାନ ଝିଅ ଅଭିଯୋଗ ଆଣିଥିଲେ । ପୁଲିସ ଏହି ଘଟଣାରେ ବୃଦ୍ଧାଙ୍କ ପୁଅ ସହ ପରିବାରର ୪ ଜଣଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିଥିଲା । ପରେ ବୃଦ୍ଧାଙ୍କ ପୁଅ ଓ ନାତିକୁ ଗିରଫ କରିଥିଲା ପୁଲିସ ।

ମୃତା ବୃଦ୍ଧା ସ୍ନେହଲତାଙ୍କର ୪ ଝିଅ ଓ ଗୋଟିଏ ପୁଅ ଥିଲେ । ପୂର୍ବରୁ ୨ ଝିଅଙ୍କର ମୃତ୍ୟୁ ଘଟିଥିବା ବେଳେ ଗତକାଲି ନିଆଁରେ ପୋଡ଼ି ହୋଇ ଆଉ ଏକ ଝିଅର ମୃତ୍ୟୁ ଘଟିଛି । ସ୍ନେହଲତା ଓ ତାଙ୍କ ଝିଅ ସୈରେନ୍ଦ୍ରିଙ୍କ ସହ ମହଲରେ ରହୁଥିବା ବେଳେ ତାଙ୍କ ପୁଅ ପରିବାର ସହ ତଳ ମହଲାରେ ରହୁଥିଲେ ।

# ରାଜ୍ୟବାସୀଙ୍କୁ ସ୍ଥାୟୀ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇଦେବା ସରକାରଙ୍କ ଲକ୍ଷ୍ୟ

ଭୁବନେଶ୍ୱର, ୦୬ ନଭେମ୍ବର - ଖାରବେଳ ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆଜି ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ ଶ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଶକ୍ତି ବିଭାଗର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଓପିଟିସିଏଲ୍, ଟିପିସିଓଡିଏଲ୍, ଟିପିଏନ୍‌ଓଡିଏଲ୍, ଟିପିଏସ୍‌ଓଡିଏଲ୍, ଟିପିଓଡବ୍ଲ୍ୟୁଓଡିଏଲ୍ (୪ଟି ବିଦ୍ୟୁତ ବିତରକ କମ୍ପାନୀ)ର କାର୍ଯ୍ୟାବଳୀର ବିସ୍ତୃତ ସମୀକ୍ଷା ହୋଇଥିଲା । ଏହି ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ହେମନ୍ତ କୁମାର ଶର୍ମା, ଟାଟାପାୱାର, ଓପିଟିସିଏଲ୍‌ର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

ଆଗାମୀ ୫ ବର୍ଷ ପର୍ଯ୍ୟନ୍ତ ହେବାକୁ ଥିବା କାର୍ଯ୍ୟାବଳୀ ବିଷୟରେ ଆଲୋଚନା ହୋଇଥିଲା । ସର୍ବପ୍ରଥମେ ବାତ୍ୟା ‘ଦାନା’ ପରବର୍ତ୍ତୀ ସମୟରେ ତ୍ୱରିତ ବେଗରେ ବିଦ୍ୟୁତ ଯୋଗାଣ ସ୍ୱାଭାବିକ କାର୍ଯ୍ୟ କରିଥିବାରୁ ମନ୍ତ୍ରୀ ଶ୍ରୀ ସିଂହଦେଓ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ସଂପ୍ରତି ରାଜ୍ୟରେ ଚାଲୁ ରହିଥିବା ୩୩/୧୧ କେଭି ବିଦ୍ୟୁତ ଗ୍ରୀଡ୍ ଓ ସବ୍‌ଷ୍ଟେସନ୍ କାର୍ଯ୍ୟ ୨୦୨୫ ସୁଦ୍ଧା ସଂପୂର୍ଣ୍ଣ କରିବାକୁ ଏବଂ ପୁରୁଣା ଟ୍ରାନ୍ସଫର୍ମର ଓ ଗ୍ରୀଡ଼୍‌ଗୁଡ଼ିକର ଅପଗ୍ରେଡ୍ ଓ ପୁନରୁଦ୍ଧାର କରିବାକୁ ମନ୍ତ୍ରୀ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ । ଆବଶ୍ୟକ ସ୍ଥାନ ଚିହ୍ନଟ କରି ହାତୀ କରିଡ଼ର ଏବଂ ଏହା ପାର୍ଶ୍ୱବର୍ତ୍ତୀ ବିଦ୍ୟୁତ ଯୋଗାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ।

**ଶକ୍ତି ବିଭାଗର ସମୀକ୍ଷା ବୈଠକ**

**୫ ବର୍ଷ ଯାଏ ହେବାକୁ ଥିବା କାର୍ଯ୍ୟାବଳୀ ବିଷୟରେ ଆଲୋଚନା**

ରାଜ୍ୟର ଶତ ପ୍ରତିଶତ ଘରକୁ ବିଦ୍ୟୁତ ଯୋଗାଣ ଇତ୍ୟାଦି ବିଷୟରେ ମଧ ବୈଠକରେ ଆଲୋଚନା ହୋଇଥିଲା । ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରିବା ଦିଗରେ ଟାଟାପାୱାର ପକ୍ଷରୁ ପଦକ୍ଷେପ ନିଆଯାଉଛି । ଏହା ଦ୍ୱାରା ପ୍ରାୟ ୨.୫ ଲକ୍ଷ ଉପଭୋକ୍ତା ଉପକୃତ ହେବେ । ଆସନ୍ତା ୨୦୨୫ ମାର୍ଚ୍ଚ ମାସ ସୁଦ୍ଧା ବାକିଥିବା କାର୍ଯ୍ୟକୁ ସଂପୂର୍ଣ୍ଣ କରାଯିବ ବୋଲି ଟାଟାପାୱାରର ଅଧିକାରୀମାନେ ମତବ୍ୟକ୍ତ କରିଥିଲେ ।

ସେହିପରି ଅତ୍ୟଧିକ ଲୋଡ଼ ପଡୁଥିବା ଅଂଚଳରେ ନୂଆ ଗ୍ରୀଡ୍ ସ୍ଥାପନ ନେଇ ସ୍ଥାନ ଚିହ୍ନଟ ହୋଇସାରିଛି ଏବଂ କାର୍ଯ୍ୟରେ ଅଗ୍ରଗତି ଘଟିଛି । ଆଗାମୀ ଦିନରେ ଏହିସବୁ ସ୍ଥାନରେ ଓପିଟିସିଏଲ୍ ପକ୍ଷରୁ ନୂତନ ଗ୍ରୀଡ୍ ସ୍ଥାପନ ହେବ କିମ୍ବା ପାର୍ଶ୍ୱବର୍ତ୍ତୀ କମ୍ ଲୋଡ୍ ଥିବା ସବ୍‌ଷ୍ଟେସନ୍ ସହ ସଂଯୁକ୍ତ କରାଯାଇ କ୍ଷମତା ବଢ଼ାଯିବ ।

ଓଡ଼ିଶାରେ ବିଦ୍ୟୁତ ଶକ୍ତି ଯୋଗାଣର ଦୃଢ଼ ଭିତ୍ତିଭୂମି ପ୍ରସ୍ତୁତ କରିବା ଏବଂ ରାଜ୍ୟବାସୀଙ୍କୁ ସ୍ଥାୟୀ ଓ ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଇଦେବା ନେଇ ସରକାର ଲକ୍ଷ୍ୟ ରଖିଛନ୍ତି । ଏହା ଦ୍ୱାରା ରାଜ୍ୟର ବିକାଶ ଏବଂ ଅଭିବୃଦ୍ଧି ସାଧିତ ହେବ ବୋଲି ମନ୍ତ୍ରୀ ଶ୍ରୀ ସିଂହଦେଓ ମତବ୍ୟକ୍ତ କରିଥିଲେ ।

## କେନ୍ଦୁଝରର ମୁଖ୍ୟ ଚିକିତ୍ସାଳୟକୁ ଯିବା ରାସ୍ତା ଜାମ

**କେନ୍ଦୁଝର/ଘଟଗାଁ:** କେନ୍ଦୁଝର ସହର ନିକଟସ୍ଥ ମୁଖ୍ୟ ଚିକିତ୍ସାଳୟକୁ ଯିବା ରାସ୍ତାର ଉଭୟ ପାର୍ଶ୍ୱରେ ଖୋଲାଯାଇଥିବା ବିଭିନ୍ନ ଦୋକାନ ଗୁଡିକ ନିଜ ନିଜ ଦୋକାନ ସମ୍ମୁଖରେ ନିଜ ନିଜ ଦୋକାନକୁ ଆସୁଥିବା ଲୋକମାନଙ୍କର ଯାନ ଗୁଡିକ ଲାଗି ପାର୍କିଙ୍ଗର ବ୍ୟବସ୍ଥା ନକରି ଯିଏ ଯେଉଁଠି ପାରିଲା ଜଳଖିଆ, ପାନ, ଚା, ଔଷଧ, ପାଥୋଲାବ, କ୍ଲିନିକ, ମାନ ଖୋଲି ବ୍ୟବସାୟର ପସରା ମେଲାଇଛନ୍ତି । ଯାହାଫଳରେ ଉକ୍ତ ଦୋକାନକୁ ଆସୁଥିବା ଲୋକ ମାନେ ଦୋକାନ ନିକଟସ୍ଥ ରାସ୍ତାର ଉଭୟ ପାର୍ଶ୍ୱରେ ନିଜ ନିଜ ଛୋଟ ବଡ ଯାନ ଗୁଡିକୁ ଘଂଟା ଘଂଟା ଧରି ପାର୍କି କରୁଛନ୍ତି । ଉକ୍ତ ବ୍ୟସ୍ତ ବହୁଳ ରାସ୍ତା ପ୍ରତ୍ୟହ ଦିନ ୧୦ ଟା ଓ ୪ ଟା ସମୟ ରାସ୍ତା ଜାମ ଲାଗିରହୁଛି । ଦୋକାନି ମାନଙ୍କର ଏଭଳି ବେପାରୁଆ ଦୋକାନର ପସରା ସାଙ୍ଗକୁ ରାସ୍ତା ଉପରେ ଗାଇ ଗୋରୁ ମାନଙ୍କର ବିଚରଣ ଓ ବିଶ୍ରାମ ଯୋଗୁଁ ଉକ୍ତ ଚଳଚଂଚଳ ରାସ୍ତାରେ ବିଭିନ୍ନ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ପଥଚାରି, ଡାକ୍ତରଖାନାକୁ ଆସୁଥିବା ରୋଗୀ, ଆମ୍ବୁଲାନ୍ସ ଓ ସ୍କୁଲ ପିଲାମାନଙ୍କ ପାଇଁ ନାହିଁଥିବା ଅସୁବିଧା ସୃଷ୍ଟି ହେଉଛି, ଯାହାକି ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦୃଢ଼ ଦାବି ହୋଇଛି ।

# ଶିକ୍ଷା ଦେବାକୁ ନାହାନ୍ତି ଶିକ୍ଷକ: ଖତ ଖାଉଛି କମ୍ପ୍ୟୁଟର

**ମାଲକାନଗିରି:** ‘ସରକାର କା ମାଲ, ଦରିଆ ମେ ଡାଲ’ ସଦୃଶ୍ୟ ସ୍କୁଲଗୁଡ଼ିକରେ କୋଟି କୋଟି ଟଂକାର କମ୍ପ୍ୟୁଟର ଏବେ ଖତ ଖାଉଛି । ସ୍କୁଲ ପାଠ୍ୟକ୍ରମରୁ ହିଁ ପିଲାମାନେ କମ୍ପ୍ୟୁଟର ବିଷୟରେ ଜାଣିବା ସହ ସମସ୍ତ ଦକ୍ଷତା ହାସଲ କରିବା ନେଇ ସରକାର ପ୍ରତ୍ୟେକ ହାଇସ୍କୁଲମାନଙ୍କରେ ଆସିଟି ଲ୍ୟାବ ନିର୍ମାଣ କରିଥିଲେ । କିନ୍ତୁ ସରକାରଙ୍କର ଯୋଜନା ପିଲାଙ୍କ ପାଇଁ କୌଣସି ଫଳପ୍ରଦ ହୋଇପାରିଲା ନାହିଁ ।

**ମାଲକାନଗିରିରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର**

ପ୍ରଥମେ ୨୦୧୪ରେ ଆସିଟି ଲ୍ୟାବ କରି ଜିଲ୍ଲାର ୩୩ଟି ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ କରାଯିବା ସହ କମ୍ପ୍ୟୁଟର ଶିକ୍ଷା ଦେବା ପାଇଁ ଜଣେ ଜଣେ ଶିକ୍ଷକ ମଧ ନିଯୁକ୍ତି କରାଗଲା । ଜିଲ୍ଲାର କୋରକୋଣ୍ଡା ବ୍ଲକର ୧୦ଟି ବିଦ୍ୟାଳୟକୁ କମ୍ପ୍ୟୁଟର ପ୍ରଦାନ କରାଯାଇଥିବା ବେଳେ କାଲିମେଲା ବ୍ଲକର ୪ଟି ହାଇସ୍କୁଲ, ଖଇରପୁଟ ବ୍ଲକରେ ୨ଟି ହାଇସ୍କୁଲ, କୁଡମୁଲୁଗୁମ୍ମା ବ୍ଲକରେ ୨ଟି ହାଇସ୍କୁଲ, ମାଲକାନଗିରି ବ୍ଲକରେ ୫ଟି, ମାଥିଲି ବ୍ଲକରେ ୬ଟି ହାଇସ୍କୁଲ ଏବଂ ପଡିଆ ବ୍ଲକରେ ୫ଟି ହାଇସ୍କୁଲକୁ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା । ସେତେବେଳେ ପିଲା କମ୍ପ୍ୟୁଟର କଣ ଜାଣିଲେ ଏବଂ କିଛି ଶିକ୍ଷା ଲାଭ କରୁଥିବା ବେଳେ ହଠାତ୍ ସମସ୍ତ ଶିକ୍ଷକଙ୍କୁ ଏଥିରୁ ଛଟେଇ କରାଯାଇ ୨୦୧୯ରେ ୫-ଟି ନିୟମ ଆସିଲା ।



ଏହି ଯୋଜନାରେ ଜିଲ୍ଲାର ୧୩୯ଟି ହାଇସ୍କୁଲକୁ ୫-ଟିରେ ସାମିଲ କରାଯାଇଥିଲା । ପ୍ରତ୍ୟେକ ୫-ଟି ସ୍କୁଲକୁ ୬ରୁ ୧୦ଟି ଲେଖାଏଁ କମ୍ପ୍ୟୁଟର ପ୍ରଦାନ କରାଗଲା । କିନ୍ତୁ କମ୍ପ୍ୟୁଟର ଶିକ୍ଷକ ନିଯୁକ୍ତି କରାଗଲା ନାହିଁ । ଏବେ ସବୁ କମ୍ପ୍ୟୁଟର ଖତ ଖାଉଛି । କମ୍ପ୍ୟୁଟର ଶିକ୍ଷା ଦେବାକୁ ଶିକ୍ଷକ ନଥିବାରୁ ସେହି ବିଦ୍ୟାଳୟର ଜଣେ ଜଣେ ଶିକ୍ଷକ ଏହି ଶିକ୍ଷା ଦେବେ ବୋଲି କୁହାଯାଇଥିଲା । ଏବେ ଆଉ କାର୍ଯ୍ୟକାରୀ ହେଉ ନାହିଁ । ଯଦି ଦେଖିବା ମାଲକାନଗିରି ସଦର ମହକୁମାରେ ଥିବା ବାଳିକା ଉଚ୍ଚ ବିଦ୍ୟାଳୟର ୮ଟି କମ୍ପ୍ୟୁଟରରୁ ୨ରି ୩ଟି କମ୍ପ୍ୟୁଟର ଖରାପ ହୋଇ ପଡିଛି ।

ସେହିପରି ଜିଲ୍ଲାର ଦୁର୍ଗମ ସ୍କୁଲ ହେଉଛି ସେରପାଲ୍ଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ । ଏହି ସ୍କୁଲରେ ୧୦ଟି କମ୍ପ୍ୟୁଟର ଥିବା ବେଳେ ୨ଟି ଅଚଳ ଅବସ୍ଥାରେ ରହିଛି । ୮ଟି କମ୍ପ୍ୟୁଟର ମଧ ସେତେ ଠିକ ନଥିବା ବେଳେ କମ୍ପ୍ୟୁଟର ଶିକ୍ଷକ ନାହାନ୍ତି । ଯାହା ପାଇଁ ଛାତ୍ର ଛାତ୍ରୀମାନେ କମ୍ପ୍ୟୁଟର ଶିଖିବା ପାଇଁ ଆଗ୍ରହ ଥିଲେ ମଧ ସୁଯୋଗ ମିଳି ପାରୁନାହିଁ । ସମାନ ଚିତ୍ର ପେଡାକୋଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏଠି ୫ଟି କମ୍ପ୍ୟୁଟର ଥିବା ବେଳେ ଶିକ୍ଷକ ନଥିବାରୁ ପିଲା ଶିଖି ପାରୁନାହାନ୍ତି କମ୍ପ୍ୟୁଟର ।

କମ୍ପ୍ୟୁଟରଗୁଡ଼ିକରେ ଧୂଳି ଜମିଗଲାଣି । ପୁଣି ଦୁର୍ଗମ ସ୍କୁଲଗୁଡିକରେ କମ୍ପ୍ୟୁଟର ଅଛି ନା ନାହିଁ ତାହା ତଦନ୍ତ ସାପେକ୍ଷ । ଆଜିର ଯୁଗ କମ୍ପ୍ୟୁଟର ଯୁଗ ହୋଇଥିବା ବେଳେ ଉପାନ୍ତ ଅଂଚଳର ଛାତ୍ରଛାତ୍ରୀମାନେ ଏହି ଶିକ୍ଷାରୁ ବଞ୍ଚିତ ହୋଇ ରହୁଛନ୍ତି । ଜିଲ୍ଲାର ୧୫୦ରୁ ଉର୍ଦ୍ଧ୍ୱ ସ୍କୁଲରେ କମ୍ପ୍ୟୁଟର ଥିଲେ ମଧ ସେସବୁ ଖରାପ ଅବସ୍ଥାକୁ ଆସିବା ସହ ନଷ୍ଟ ହେବାକୁ ବସିଲାଣି । ପିଲା କେବଳ କମ୍ପ୍ୟୁଟର ଦେଖିଲା ସିନା ଶିଖି ପାରିଲେ ନାହିଁ । ସରକାରଙ୍କର କୋଟି କୋଟି ଟଂକା ପାଣିରେ ପଡିଲା । ୫-ଟି ଯୋଜନାରେ କେବଳ ଠିକାଦାର ହିଁ ମାଲମାଲ ହେଲେ ।

## ସମ୍ବଲପୁର ଜିଲ୍ଲାରେ ୨୨ରୁ ଖରିଫ ଋତୁ ଧାନ ସଂଗ୍ରହ

**ସମ୍ବଲପୁର:** ଆସନ୍ତା ୨୨ ତାରିଖ ଜ଼ିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁରରେ ହେବ ଧାନ ସଂଗ୍ରହ । ଏବେ ଚାଷୀ ମାନେ ଧାନ ଅମଳ ଧିରେ ଧିରେ ଅମଳ କରିବା ଆରମ୍ଭ କଲେଣି । ଅଧିକାଂଶ ଚାଷୀ ଧାନ ଅମଳ ପାଇଁ ପ୍ରସ୍ତୁତ ହେଉଛନ୍ତି । ଚଳିତ ବର୍ଷ ଚାଷୀଙ୍କ ବମ୍ପର ପରିମାଣର ଧାନ ଉତ୍ପାଦନ ଆଶା କରାଯାଉଛି, ହେଲେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁ ଜିଲ୍ଲର କୁଚିଣ୍ଡା, ଜମନକିରା, ରେଙ୍ଗାଲି ଓ ବାମରାର କିଛି ଅଂଚଳରେ ମରୁଡିର ପ୍ରଭାବ ଦେଖାଦେଇଛି ।

ଉକ୍ତ ବୈଠକରେ ଚାଷୀ, ଜ଼ିଲ୍ଲାର ବିଧାୟକ, ପ୍ରଶାସନିକ ଅଧିକାରୀ, କୃଷି ବିଭାଗ ଓ ଯୋଗାଣ ବିଭାଗର ଅଧିକାରୀ ମାନେ ବୈଠକରେ ସାମିଲ ଥିଲେ । ବୈଠକରେ ସମ୍ବଲପୁର ସଦର ଅଂଚଳର ଧାନ ଆସନ୍ତା ୨୨ ତାରିଖ କୁଚିଣ୍ଡା ଓ ରେଢ଼ାଖୋଲରେ ୨୭ ତାରିଖ ଧାନ ସଂଗ୍ରହ ହେବ ବୋଲି ନିଷ୍ପତି ନିଆଯାଇଛି । ସେପଟେ ଚଳିତ ବର୍ଷ ଚାଷୀଙ୍କୁ ୩୧ ଶହ ଟଙ୍କା କ୍ୱିଂଟାଲ ପିଛା ମିଳିବ, ଯାହାକୁ ନେଇ ସମ୍ବଲପୁର ବିଧାୟକ କହିଛନ୍ତି, ଚଳିତ ବର୍ଷ ଚାଷୀଙ୍କ ଧାନ ବିକ୍ରି ରେ କୌଣସି ଅସୁବିଧା ହେବ ନାହିଁ । ଯେଉଁ କିଛିଟା ଅସୁବିଧା ଅଛି ମୁଖ୍ୟମନ୍ତ୍ରୀଙ୍କ ଶହ ଆଲୋଚନା ପରେ ତାହା ମଧ ସମାଧାନ ହେଇଯିବ ।

ସେପଟେ ସମ୍ବଲପୁର ଜ଼ିଲ୍ଲାପାଳ କହିଛନ୍ତି, ଚଳିତ ବର୍ଷ ୫୯୮୯୫ ଜଣ ଚାଷୀ ରେଜିଷ୍ଟ୍ରେସନ କରିଛନ୍ତି । ୧୨୯ ଟି ମଣ୍ଡିରେ ଚଳିତ ବର୍ଷ ଚାଷୀଙ୍କ ଧାନ ସଂଗ୍ରହ କରାଯିବ । ସେହିପରି ମଣ୍ଡିରେ ଧାନର ଏଫଏକ୍ୟୁ ମାନ ନିର୍ଣ୍ଣୟ କରାଯିବ । ଟୋକାନ ପାଇଁ ମଧ କୌଣସି ଅସୁବିଧା ହେବ ନାହିଁ । ଚାଷୀ କେଉଁ ତାରିଖରେ ଧାନ ବିକ୍ରୟ କରିବେ ତାହା ମେସଜ ମାଧମରେ ଜଣାଇ ଦିଆଯିବ ବୋଲି ଜ଼ିଲ୍ଲାପାଳ କହିଛନ୍ତି ।

# ଗୁଳ୍ମଲତାର ଔଷଧୀୟ ଗୁଣକୁ ବ୍ୟାଧି ନିରାକରଣରେ ବ୍ୟବହାର କରିବା ନିମନ୍ତେ ମେଳା ସହାୟକ ହେବ: ମନ୍ତ୍ରୀ

**ଭୁବନେଶ୍ୱର:** ରାଜ୍ୟ ଔଷଧୀୟ ଗୁଳ୍ମଲତା ବୋର୍ଡ ଆନୁକୂଲ୍ୟରେ ଆୟୋଜିତ ସପ୍ତଦଶ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ଆଜି ୟୁନିଟ୍-୩ ସ୍ଥିତ ପ୍ରଦର୍ଶନୀ ପଡ଼ିଆ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଶ୍ରୀ ଗଣେଶରାମ ସିଂ ଖୁଂଟିଆ କହିଲେ ଯେ, ଆମର ଜୀବନଶୈଳୀ କ୍ରମଶଃ ଅତ୍ୟାଧୁନିକ ହେବାରେ ଲାଗିଛି । ଆମେ ଯନ୍ତ୍ର ଉପରେ ଅଧିକରୁ ଅଧିକ ନିର୍ଭର କରୁଛୁ । ପ୍ରକୃତି ଓ ପ୍ରକୃତିଦତ୍ତ ସମ୍ପଦର ଉପଯୋଗରୁ ଆମେ ଧୀରେ ଧୀରେ ଦୂରେଇ ଯାଉଛୁ । ନାନାଦି ରୋଗବ୍ୟାଧିରେ ପୀଡ଼ିତ ହୋଇ ସିନ୍‌ଥେଟିକ୍ ଔଷଧ ନେବାକୁ ଆଗ୍ରହ ପ୍ରକାଶ କରୁଛୁ । ମାତ୍ର, ସେସବୁ ଔଷଧଗୁଡ଼ିକର ପାଶ୍ୱର୍ ପ୍ରତିକ୍ରିୟା ରୋଗକୁ ଅଧିକ ଜଟିଳ କରିଦେଉଛି । ଦିନ ଥିଲା, ଆମ ପୂର୍ବସୂରୀମାନେ କେବଳ ପ୍ରାକୃତିକ ଗୁଳ୍ମଲତା, ଚେରମୂଳିର ବ୍ୟବହାର କରି ଦୀର୍ଘଦିନ ପର୍ଯ୍ୟନ୍ତ ବଂଚୁଥିଲେ ଓ ଶେଷ ଜୀବନ ପର୍ଯ୍ୟନ୍ତ ନିରୋଗ ରହୁଥିଲେ । ଆଜି ବିଶ୍ୱର ଅଧିକାଂଶ ବିକଶିତ ଦେଶ ରୋଗବ୍ୟାଧିରୁ ମୁକ୍ତି ପାଇଁ ମୂଲ୍ୟବାନ ପ୍ରାକୃତିକ ଗୁଳ୍ମଲତାର ଉପଯୋଗ ଆରମ୍ଭ କଲେଣି । ଆୟୁର୍ବେଦର ଜନ୍ମମାଟି ଭାରତବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଦେଶରୁ ଔଷଧ ଆମଦାନୀ କରିବା ପରିବର୍ତ୍ତେ ପ୍ରାକୃତିକ ବ୍ୟାଧି ନିରାକରଣ ପ୍ରକ୍ରିୟାକୁ ଆପଣାଇ ନେବାର ଆବଶ୍ୟକତା ସମସ୍ତେ ଉପଲବ୍ଧି କରିବା ଉଚିତ୍ ।

ଔଷଧୀୟ ଗୁଳ୍ମଲତା କେବଳ ରୋଗ ଭଲ କରି ନଥାଏ, ଶରୀରକୁ ସୁସ୍ଥ ଓ ନିରୋଗ ରଖିବାରେ ମୁଖ୍ୟ ଭୂମିକା ନେଇଥାଏ । ସାଧାରଣ ରୋଗ କିମ୍ବା କୌଣସି ପୀଡ଼ା ପାଇଁ ତତ୍‌କ୍ଷଣାତ୍ ସିନ୍‌ଥେଟିକ୍ସ ଔଷଧ ବ୍ୟବହାର ନ କରି ପ୍ରକୃତିଦତ୍ତ ଔଷଧୀୟ ବୃକ୍ଷର ଚେରମୂଳି,ପତ୍ର ଇତ୍ୟାଦି ଉପଯୋଗ କରି ଯନ୍ତ୍ରଣାକୁ ଦୂରେଇ ପାରିଲେ ଆମେ ଆମ ଶରୀରକୁ ସୁସ୍ଥ ଓ ନିରୋଗ ରଖି ପାରିବା । ଆଜି ମଧ ବଣଜଙ୍ଗଲରେ ବସବାସ କରୁଥିବା ଅନେକ ଆଦିମ ଅଧିବାସୀ ଏହି ଉପାୟରେ ନିଜକୁ ସୁସ୍ଥ ରଖି ଅକ୍ଳାନ୍ତ ପରିଶ୍ରମ କରିବା ସତ୍ତ୍ୱେ ଶରୀରକୁ ରୋଗବ୍ୟାଧିରୁ ମୁକ୍ତ ରଖିପାରୁଛନ୍ତି । ଆଜି ଅନୁଷ୍ଠିତ ସପ୍ତାହବ୍ୟାପୀ ହର୍ବାଲ ମେଳା ଜନସାଧାରଣଙ୍କୁ ପ୍ରାକୃତିକ ଉପଚାର ସମ୍ପର୍କରେ ସଚେତନ କରିବାରେ ସହାୟକ ହେବ । ଅଧିକରୁ ଅଧିକ ଔଷଧୀୟ ବୃକ୍ଷରୋପଣ କରି, ଏହି ବୃକ୍ଷଲତାର ଔଷଧୀୟ ଗୁଣକୁ ବ୍ୟାଧି ନିରାକରଣରେ ବ୍ୟବହାର କରିବା ନିମନ୍ତେ ଆଜିର ଅବସର ସମସ୍ତଙ୍କୁ ଉତ୍ସାହିତ କରିବ ବୋଲି ମନ୍ତ୍ରୀ ଶ୍ରୀ ସିଂ ଖୁଂଟିଆ ମତ ପ୍ରକାଶ କରିଥିଲେ ।

**କଳିଙ୍ଗ ହର୍ବାଲ ମେଳା ଉଦ୍‌ଘାଟିତ**

ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଲେ ଯେ ୨୦୦୮ ମସିହାରୁ ଆୟୋଜିତ ହେଉଥିବା କଳିଙ୍ଗ ହର୍ବାଲ ମେଳା ପାରମ୍ପରିକ ଚିକିତ୍ସକ, ଚାଷୀ, ଓ ବ୍ୟବସାୟୀଙ୍କ ମଧ୍ୟରେ ସମ୍ପର୍କ ସ୍ଥାପନ କରିପାରିଛି । ମେଳା ମାଧ୍ୟମରେ ଚାଷୀଙ୍କୁ ସାହାଯ୍ୟ ଓ ଜନସାଧାରଣଙ୍କୁ ସ୍ୱଳ୍ପ ମୂଲ୍ୟରେ ଔଷଧ ଯୋଗାଇ ଦିଆଯାଉଛି । ଆୟୁଷ ଯୁଗୋପଯୋଗୀ ବିଭିନ୍ନ ପ୍ରକାର ଚିକିତ୍ସା ପ୍ରଣାଳୀକୁ ସମର୍ଥନ ଏବଂ ବେଆଇନ କଂଚାମାଲ ଚାଲାଣ ରୋକ ଲଗାଯାଇପାରିଛି । ରାଜ୍ୟରେ ୪୧ ଔଷଧୀୟ ବୃକ୍ଷ ବିଲୁପ୍ତ ପ୍ରଜାତିରେ ପହଂଚି ଥିବାରୁ ସଂରକ୍ଷଣ ପ୍ରୟାସକୁ ଜୋରଦାର କରାଯାଇଛି । ବିରଳ ବିପନ୍ନ ବୃକ୍ଷ ସଂରକ୍ଷଣ ନିମନ୍ତେ ଓଡିଶାର ୬ଟି ଜଙ୍ଗଲକୁ ଔଷଧୀୟ ସଂରକ୍ଷିତ ଅଂଚଳ ଭାବେ ଘୋଷଣା କରାଯାଇଛି । ମେଳାରେ ହୋଇଥିବା ୧୩୦ଟି ଷ୍ଟଲରେ ପାରମ୍ପରିକ ଚିକିତ୍ସକମାନେ ଦୁରାରୋଗ୍ୟ ବ୍ୟାଧିର ନିରାକରଣ କରୁଥିବା ପ୍ରଶଂସନୀୟ ବୋଲି ଶ୍ରୀ ସାହୁ ପ୍ରକାଶ କରିଥିଲେ ।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ତଥା ବନବାହିନୀ ମୁଖ୍ୟ ଶ୍ରୀ ଦେବୀଦତ୍ତ ବିଶ୍ୱାଳ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଲେ ଯେ ପାରମ୍ପରିକ ଚିକିତ୍ସାରେ ଚେରମୂଳିର ବ୍ୟବହାର ଏବେ ମଧ ଆଦିବାସୀ ମାନଙ୍କ ଜୀବନର ଅଂଶ । ବିଭାଗ ଦ୍ୱାରା ପାତ୍ରପଡାରେ ଔଷଧୀୟ ବୃକ୍ଷ କେନ୍ଦ୍ର ସ୍ଥାପନ କରାଯାଇଛି । ପ୍ରାକୃତିକ ଔଷଧୀୟ ଉଦ୍ୟାନ ସୃଷ୍ଟି ଏବଂ ଜଡିବୁଟିର ଉପକାରିତା ସମ୍ପର୍କରେ ଜାଣିବାର ବ୍ୟବସ୍ଥା କରାଯାଇଛି । ଏହି ମେଳାରେ ନକ୍ଷତ୍ର ଅନୁସାରେ ଉପକାରୀ ଗୁଳ୍ମଲତାର ପ୍ରଦର୍ଶନ ବାସ୍ତବିକ ପ୍ରଶଂସନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ । ରାଜ୍ୟ ଔଷଧୀୟ ଗୁଳ୍ମଲତା ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଏମ୍. ଯୋଗଜୟା ନନ୍ଦ ସ୍ୱାଗତ ଭାଷଣ ଦେଇଥିଲେ । ଏହି ମେଳା ନଭେମ୍ବର ୧୨ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ନିମନ୍ତେ ଖୋଲା ରହିବ ।

## ବୁଲା ଗୋରୁଙ୍କୁ ଧରି ଚାଲାଣ କରୁଥିଲେ; ଧରାପଡ଼ି ନିସ୍ତୁକ ମାଡ଼ ଖାଇଲେ ମାଫିଆ



**ଭଦ୍ରକ:** ରାତି ଅଧରେ ବୁଲା ଗୋରୁଙ୍କୁ ଧରି ଚାଲାଣ ବେଳେ ଧରାପଡ଼ିଲେ ମାଫିଆ । ମାଫିଆଙ୍କୁ ନିସ୍ତୁକ ମାଡ଼ ମାରିବା ସହ ଗୋଟିଏ ସ୍କୋର୍ପିଓ ଓ ଦୁଇଟି ବାଇକ ଭାଙ୍ଗିଦେଲେ ଉତ୍ତ୍ୟକ୍ତ ଲୋକେ । ଏପରି ଘଟଣା ଘଟିଛି ଭଦ୍ରକ ଜିଲ୍ଲା କେନ୍ଦୁଆପଦା ଫାଣ୍ଡି ଅଧିନ ଗଣ୍ଡଗରା ଶନିମନ୍ଦିର ଛକ ଠାରେ ।

ଗତକାଲି ବିଳମ୍ବିତ ରାତିରେ କେନ୍ଦୁଆପଦା ଫାଣ୍ଡି ଅଧିନ ଗଣ୍ଡଗରା ଶନିମନ୍ଦିର ଛକଠାରେ ଏକ ସ୍କୋର୍ପିଓରେ ୪ରୁ ଅଧିକ ବୁଲା ଗୋରୁ ଓ ୩ଟି ଷଣ୍ଢକୁ ଚାଲାଣ କରିବା ପାଇଁ ଉଦ୍ୟମ କରୁଥିଲେ ମାଫିଆ । ଏହି ସମୟରେ ସେମାନେ ଗ୍ରାମବାସୀଙ୍କ ହାବୁଡ଼ରେ ପଡ଼ିଯାଇଥିଲେ ।

ପରେ ଗ୍ରାମବାସୀ ମାଫିଆମାନଙ୍କୁ ଧରି ନିସ୍ତୁକ ମାଡ଼ ମାରିବା ସହ ଗୋଟିଏ ସ୍କୋର୍ପିଓ ଓ ଦୁଇଟି ବାଇକ ଭାଙ୍ଗି ଦେଇଥିଲେ । ପରେ ମାଫିଆମାନେ ଜୀବନ ବିକାଳେ ସେଠାରୁ ଚମ୍ପଟ ମାରିଥିଲେ । ଗ୍ରାମବାସୀ ଗୋରୁ ଓ ଷଣ୍ଢକୁ ଉଦ୍ଧାର କରିବା ସହ ପୁଲିସକୁ ଘଟଣା ସଂପର୍କରେ ଜଣାଇଥିଲେ ।

## ସମ୍ବଲପୁର କ୍ଷେତରାଜପୁରରେ "ଦୀପାବଳି ବନ୍ଧୁମିଳନ" କାର୍ଯ୍ୟକ୍ରମରେ ସାମିଲ ହେଲେ କେନ୍ଦ୍ରମନ୍ତ୍ରୀ

# ସମ୍ବଲପୁରକୁ ଆଧୁନିକ ସହର କରିବା: ଧର୍ମେନ୍ଦ୍ର



**କ୍ଷେତରାଜପୁର/ସମ୍ବଲପୁର:** ସମ୍ବଲପୁର ସହରରେ ସ୍ୱଚ୍ଛତା, ପାନୀୟ ଜଳ, ଡ୍ରେନେଜ, ସ୍ୱାସ୍ଥ୍ୟସେବା, ରାସ୍ତାଘାଟ, ଷ୍ଟ୍ରିଟ୍ ଲାଇଟ୍ ସମସ୍ୟାର ସମାଧାନ ସହ ରେଳ ଷ୍ଟେସନ ଆଦିର ଉନ୍ନତି ପାଇଁ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଯୋଜନା ଆରମ୍ଭ କରି ଦେଇଛନ୍ତି । ସମ୍ବଲପୁରକୁ ଏକ ଅତ୍ୟାଧୁନିକ ସହର ରୂପେ ଗଢି ତୋଳିବା ଆମର ଦାୟିତ୍ୱ ବୋଲି ସମ୍ବଲପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଆଜି ସମ୍ବଲପୁର ଗସ୍ତ କାଳରେ ମାଆ ସମଲେଶ୍ୱରୀଙ୍କ ଦର୍ଶନ ସହ କ୍ଷେତରାଜପୁର ଠାରେ 'କ୍ଷେତରାଜପୁର ନାଗରିକ ମଞ୍ଚ' ପକ୍ଷରୁ ଆୟୋଜିତ ଦୀପାବଳି ବନ୍ଧୁମିଳନ, ଛଠ୍ ପୂଜା ଏବଂ ଅଁଳା ନବମୀ ସମାରୋହ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି । ଏହି ଅବସରରେ ସେ କହିଛନ୍ତି ଯେ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ସମ୍ବଲପୁରକୁ ଏକ ଅଗ୍ରଣୀ ସହର ରୂପେ ଗଢି ତୋଳିବା ପାଇଁ ପ୍ରତିଶ୍ରୁତିବଦ୍ଧ । ୨୦୫୦ ସୁଦ୍ଧା ସମ୍ବଲପୁରରେ ବଢୁଥିବା ଜନସଂଖ୍ୟାକୁ ଦୃଷ୍ଟିରେ ରଖି ୨୦୦ ନିୟୁତ ଲିଟର କ୍ଷମତା ବିଶିଷ୍ଟ ୱାଟର ପ୍ଲାଣ୍ଟ୍ ତଥା ବୃହତ୍ତର ପାନୀୟ ଜଳ ଯୋଜନା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ପ୍ରାରମ୍ଭିକ ଡିପିଆର୍ କାମ ପାଇଁ 'ୱାଟକୋ ଓଡ଼ିଶା' କମ୍ପାନୀକୁ ଦାୟିତ୍ୱ ଦିଆଯାଇଛି । ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ଏବଂ ବିଭାଗୀୟ ସଚିବଙ୍କ ସହ ଏ ନେଇ ଆଲୋଚନା ସରିଛି ।

ଏହାବ୍ୟତିତ ସହରରେ ଡ୍ରେନେଜ, ସ୍ୱେରେଜ, ରାସ୍ତା ସମ୍ପ୍ରସାରଣ, ଷ୍ଟ୍ରିଟ୍ ଲାଇଟ ଓ ସ୍ୱଚ୍ଛତା ସମସ୍ୟାର ସମାଧାନ ପାଇଁ ନୂଆ କଳ୍ପନା କରାଯାଇଛି । ସମ୍ବଲପୁରରେ ଏକ ରିଙ୍ଗ ରୋଡ କରାଯିବାର ଯୋଜନା ହୋଇଛି । ସହରରେ ଥିବା ତିନି ରେଳ ଷ୍ଟେସନ ଯଥା ସମ୍ବଲପୁର ରୋଡ୍ ରେଳ ଷ୍ଟେସନ, ହୀରାକୁଦ ଷ୍ଟେସନ ଓ ସମ୍ବଲପୁର ସିଟି ରେଳ ଷ୍ଟେସନର ଉନ୍ନତିକରଣ କରିବା ନେଇ ଭାରତ ସରକାର କାମ ଆରମ୍ଭ ଦେଇଛନ୍ତି । ଏହି ସବୁ କାର୍ଯ୍ୟ ଦ୍ୱାରା ସହର ସ୍ୱଚ୍ଛ ଓ ସୁନ୍ଦର ହେବା ସହ ସମ୍ପ୍ରସାରଣ ହେବ ବୋଲି ସେ କହିଛନ୍ତି ।

ଏହି ଗସ୍ତ କାଳରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର କ୍ଷେତରାଜପୁର ସ୍ଥିତ ଜଗନ୍ନାଥ ମନ୍ଦିର ଓ ରାଣୀ ସତୀ ଦାଦୀ ମନ୍ଦିରରେ ମଧ ଦର୍ଶନ କରିଥିଲେ ।

## ଖୋର୍ଦ୍ଧାରୋଡ଼ ମଣ୍ଡଳ ସ୍ଥଗିତ ଅନୁକମ୍ପା ନିଯୁକ୍ତି ମାମଲା ପାଇଁ ଆବେଦନ

**ଜଟଣୀ(ମାନିସ) :** ୧୮ ନଭେମ୍ବର ୨୦୨୪ ରେ ଖୋର୍ଦ୍ଧା ରୋଡ଼ ରେଳ ଷ୍ଟେସନ ନିକଟ ଟ୍ରାଫିକ କଲୋନୀ କଲ୍ୟାଣ ମଣ୍ଡପରେ ବିଚାରାଧୀନ ଅନୁକମ୍ପା ନିଯୁକ୍ତି ମାମଲା ପାଇଁ ଖୋର୍ଦ୍ଧା ରୋଡ଼ ମଣ୍ଡଳ ନିଯୁକ୍ତି ଅଦାଲତ ପରିଚାଳନା କରିବାକୁ ଯାଉଛି । ପୂର୍ବ କର୍ମଚାରୀଙ୍କ ପରିବାର ସଦସ୍ୟ, ଯେଉଁମାନେ ପୂର୍ବ ତଟ ରେଳବାଇ, ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେ କାର୍ଯ୍ୟ କରୁଥିଲେ ଏବଂ ସେମାନଙ୍କ ବିଚାରାଧୀନ ଅନୁକମ୍ପା ନିଯୁକ୍ତି ମାମଲାରେ ଅଭିଯୋଗ ଅଛି, ସେମାନେ ସେଗୁଡ଼ିକର ଆବେଦନ ପତ୍ର, ୧୧.୧୧.୨୦୨୪ , ସୁଧା, ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ, ପୂର୍ବ ତଟ ରେଳବାଇ, ଖୋର୍ଦ୍ଧା ରୋଡ଼ – ୭୫୨୦୫୦, କୁ ପଠାଇପାରିବେ ।

ଆବେଦନ ପତ୍ର ସହିତ ଏହି ଦସ୍ତାବିଜ୍ ସଂଲଗ୍ନ କରିବେ, ଯଥା ମୃତ୍ୟୁ ପ୍ରମାଣପତ୍ର/ଡାକ୍ତରୀ ଅନୁପଯୁକ୍ତ ବର୍ଗୀକରଣ ପ୍ରମାଣପତ୍ର, ନିଖୋଜ ରେଳ କର୍ମଚାରୀଙ୍କ କ୍ଷେତ୍ରରେ ଏଫ୍. ଆଇ. ଆ଼., ଆଇନଗତ ଉତ୍ତରାଧିକାରୀ ପ୍ରମାଣପତ୍ର, ବିସ୍ତୃତ ପରିବାର ଗଠନ ସମ୍ବନ୍ଧୀୟ ଦସ୍ତାବିଜ୍, ନିଯୁକ୍ତି ସହାୟତା ପାଇଁ ଆବେଦନ, ଜନ୍ମ ତାରିଖ/ପ୍ରାର୍ଥୀଙ୍କ ଶିକ୍ଷାଗତ ଯୋଗ୍ୟତା ସମ୍ବନ୍ଧୀୟ ପ୍ରମାଣପତ୍ର, ସେଟଲମେଣ୍ଟ କାଗଜପତ୍ର, ପ୍ରାର୍ଥୀଙ୍କ ୩ ଟି ପ୍ରମାଣିତ ଫଟୋ, ପୋଷ୍ୟ ପୁତ୍ର/ଝିଅ କ୍ଷେତ୍ରରେ ବୈଧ ପୋଷ୍ୟ ଦଲିଲ ଏବଂ ସାନଙ୍କ ସପକ୍ଷରେ ଆବେଦନ କଲେ ବୟସ୍କମାନଙ୍କ ଠାରୁ କୌଣସି ଆପତ୍ତି ନାହିଁ ବୋଲି ପ୍ରମାଣପତ୍ର । ଆବେଦନକାରୀମାନେ ସମସ୍ତ ମୂଳ ଡକ୍ୟୁମେଣ୍ଟ ସହିତ ୧୮.୧୧.୨୦୨୪ ରେ ଅଦାଲତରେ ଯୋଗଦେବାକୁ ପଡିବ । କେବଳ ମଣ୍ଡଳ ସ୍ତରରେ ବିଚାରାଧୀନ ଅନୁକମ୍ପା ନିଯୁକ୍ତି ମାମଲା ପାଇଁ ଅଦାଲତ ଅନୁଷ୍ଠିତ ହେବ । ଉଭୟ ମୁଖ୍ୟାଳୟ ଏବଂ ମଣ୍ଡଳ ସ୍ତରରେ ପୂର୍ବରୁ ସ୍ଥିର ହୋଇଥିବା ମାମଲାଗୁଡ଼ିକକୁ ଗ୍ରହଣ କରାଯିବ ନାହିଁ ।

## ସ୍ୱାମୀ ପରେ ସ୍ତ୍ରୀ ତପସ୍ୱିନୀ ଗିରଫ

**ତାଳଚେର(ମାନିସ):** ମା ସନ୍ତୋଷୀ କୋଇଲା ପରିବହନ ସଂସ୍ଥାରୁ ପ୍ରାୟ ଚାରି କୋଟି ଟଙ୍କାରୁ ଉର୍ଦ୍ଧ ଟଙ୍କା ହେରଫେର କରିଥିବା ଅଭିଯୋଗରେ ପୁଲିସ ସଂସ୍ଥାର ଆକାଉଣ୍ଟାଣ୍ଟଙ୍କୁ ପୂର୍ବରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଆଜି ସେହି ଘଟଣାରେ ତପସ୍ୱିନୀ ମହାପାତ୍ରକୁ ଭୁବନେଶ୍ୱର ବମିଖାଲ ଅଞ୍ଚଳରୁ ଗିରଫ କରିଛି ତାଳଚେର ପୋଲିସ । କୋଇଲା ପରିବହନ କାର୍ଯ୍ୟରେ ନିୟୋଜିତ ମା' ସନ୍ତୋଷୀ ପରିବହନ ସଂସ୍ଥାର ଆକାଉଣ୍ଟାଣ୍ଟ ୨୦୧୮ମସିହାରୁ ଅଖିଳ ପ୍ରସାଦ ମିଶ୍ର କାର୍ଯ୍ୟ କରୁଥିଲେ ।ସେ ତିନି ବର୍ଷ ମଧ୍ୟରେ ସଂସ୍ଥାର ମାଲିକଙ୍କ ବିଶ୍ୱାସର ପାତ୍ର ହୋଇ ଯାଇଥିଲେ । ସେ ସଂସ୍ଥାର ସମସ୍ତ ହିସାବ କିତାବ ରଖୁଥିଲେ । କୌଣସି ଏକ ପେଟ୍ରୋଲ ଟାଙ୍କିର ବକେୟାକୁ ନେଇ ଟାଙ୍କି ମାଲିକ ସଂସ୍ଥା ମାଲିକ କୃପାସିନ୍ଧୁ ଗାଆଣକୁ ଫୋନ ଯୋଗେ ତାଙ୍କର ପେମେଣ୍ଟ ମାଗିଥିଲେ । ତେବେ ମାଲିକ କୃପାସିନ୍ଧୁ ସମସ୍ତ ପେମେଣ୍ଟ ହୋଇଛି ବୋଲି ତାଙ୍କ କମ୍ପ୍ୟୁଟର ଦେଖି କହିଥିଲେ । ଏହି ହିସାବ କିତାବକୁ ନେଇ ଆକାଉଟାଣ୍ଟ ମିଶ୍ର ଉପରେ ସନ୍ଦେହ ସୃଷ୍ଟି ହୋଇଥିଲା । ମାଲିକ ଜାଣିବାକୁ ପାଇଲେ ମିଶ୍ର ଚଞ୍ଚକତା କରି ପ୍ରାୟ ଚାରି କୋଟି ରୁ ଉର୍ଦ୍ଧ ଟଙ୍କା ତାଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଦେଇଥିଲେ ବୋଲି କମ୍ପାନୀର ମାଲିକ କୃପାସିନ୍ଧୁ ଗାଆଣ ଜାଣିବା ପରେ ତାଳଚେର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଏ ଘଟଣା କୁ ତାଳଚେର ପୋଲିସ ଅଖିଳଙ୍କୁ ଥାନାକୁ ଆଣି ଖୋଳ ତାଡ଼ ରୁ ପୋଲିସ ଜାଣିବାକୁ ପାଇଲେ ଯେ ଉକ୍ତ ଆକାଉଟାଣ୍ଟ ମିଶ୍ର କୋଟିଏରୁ ଉର୍ଦ୍ଧ ଟଙ୍କା ତାଙ୍କ ସ୍ତ୍ରୀ ଏକାଉଣ୍ଟ କୁ ଟ୍ରାନ୍ସଫର କରିଥିଲେ ।ଏହି ଘଟଣା କୁ କେନ୍ଦ୍ରକରି ସମ୍ପୃକ୍ତ ଆକାଉଣ୍ଟାଣ୍ଟଙ୍କୁ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେଦିନ ଠାରୁ ମିଶ୍ରଙ୍କ ସ୍ତ୍ରୀ ତପସ୍ୱିନୀ ଫେରାର ଥିଲେ ପୋଲିସ ବହୁ ଖୋଜାଖୋଜି ପରେ ତାଙ୍କର କୌଣସି ଖୋଜ ଖବର ପାଇନଥିଲେ । ଶେଷରେ କୌଣସି ସୂତ୍ରରୁ ଖବର ପାଇ ତାଳଚେର ପୋଲିସ ତପସ୍ୱିନୀଙ୍କ ମୋବାଇଲ କୁ ଟ୍ରାକ କରି ଭୁବନେଶ୍ୱର ବମିଖାଲ ଅଞ୍ଚଳରୁ ପୋଲିସ ଗିରଫ କରି ତାଳଚେର ଥାନାକୁ ଆଣି ପଚାରଉଚାର କରି କୋର୍ଟ ଚାଲାଣ କରିଛି ।

## କିଟ୍ ଛାତ୍ରଛାତ୍ରୀଙ୍କ ଦ୍ୱାରା ଛଟ୍ ପୂଜା



**ଭୁବନେଶ୍ୱର:** କିଟ୍ ବିଶ୍ୱବିଦ୍ୟାଳୟରେ ଉତ୍ତର ଭାରତର ଗଣପର୍ବ ଛଟ୍ ପୂଜା ପାଳିତ ହୋଇଯାଇଛି । ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ଅତିରିକ୍ତ କୁଳସଚିବ ଡ. ଶ୍ୟାମ ସୁନ୍ଦର ବେହୁରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟରେ ପଢୁଥିବା ଉତ୍ତର ଭାରତର ଛାତ୍ରଛାତ୍ରୀମାନେ ଯୋଗଦେଇ ଛଠି ମାତାଙ୍କ ଆରାଧନା କରିଥିଲେ । ଛଟ୍ ପୂଜା ଅବସରରେ ଶ୍ରୀ ସାମନ୍ତ ସମବେତ ଛାତ୍ରଛାତ୍ରୀଙ୍କୁ ଛଟ୍ ଅଭିନନ୍ଦନ ଜଣାଇବା ସହ ଛଠି ମାଆ ସମସ୍ତଙ୍କୁ ସୁସ୍ଥ ରଖିବା ସହ ସୂର୍ଯ୍ୟଦେବ ସମସ୍ତଙ୍କ ଜୀବନରେ ଭଲପାଇବା, ଖୁସି, ଶାନ୍ତି ଓ ସମୃଦ୍ଧିରେ ଆଲୋକିତ କରନ୍ତୁ ବୋଲି କାମନା କରିଥିଲେ । ସୂଚନାଯୋଗ୍ୟ, କିଟ୍‌ରେ ବିଭିନ୍ନ ରାଜ୍ୟ ଓ ଭାଷାଭାଷୀର ଛାତ୍ରଛାତ୍ରୀମାନେ ପାଠ ପଢୁଥିବାବେଳେ ବର୍ଷର ବିଭିନ୍ନ ସମୟରେ ସେମାନଙ୍କର ବିଭିନ୍ନ ପର୍ବ ଏଠାରେ ପାଳନ କରାଯାଇଥାଏ ।

## କଳମଛୁଇଁ ଶିଶୁମନ୍ଦିର ଛାତ୍ରଛାତ୍ରୀଙ୍କ ହିଙ୍ଗୁଳା ମନ୍ଦିର ପରିଦର୍ଶନ

**ତାଳଚେର(ମାନିସ):** ତାଳଚେର ବ୍ଲକ କଳମଛୁଇଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର କୁନି କୁନି ଛାତ୍ରଛାତ୍ରୀମାନେ ଗୋପାଳପ୍ରସାଦସ୍ଥିତ ମା ହିଙ୍ଗୁଳା ମନ୍ଦିର ପରିଦର୍ଶନ କରିଥିଲେ । ଶିକ୍ଷା ବିକାଶ ସମିତି,ଓଡ଼ିଶାଙ୍କ ଭ୍ରମଣ ପରିଯୋଜନା ଅନୁଯାୟୀ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୋଧ ଓ ପ୍ରାରମ୍ଭ ଶ୍ରେଣୀର ୧୨୩ଜଣ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଇଥିଲା । କଳମଛୁଇଁ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ଅନୀଲ କୁମାର ଦେହୁରୀ ଓ ପ୍ରାତଃ ପର୍ଯ୍ୟାୟ ପ୍ରମୁଖ ବସନ୍ତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିଶୁମାନେ ପ୍ରଥମେ ମା ହିଙ୍ଗୁଳାଙ୍କ ଦର୍ଶନ କରିବା ସହ ମନ୍ଦିର ପରିସରରେ ଭ୍ରମଣ କରିଥିଲେ । ଶିଶୁ ବାଟିକା ପ୍ରମୁଖ ଅର୍ଚ୍ଚନା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପରିଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ମା ହିଙ୍ଗୁଳାଙ୍କ ଖେଚୁଡି ଭୋଗ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତିର କୋଷାଧକ୍ଷ ପଂଚାନନ ବେହେରା,ସଦସ୍ୟା ଅଲୀଅଳି ବେହେରା,ସାଗରିକା ସେଠୀଙ୍କ ସହ ଗୁରୁମା ସରସ୍ୱତୀ ସାହୁ,ରଞ୍ଜୁବାଳା ସାହୁ,ପୁଷ୍ପାଞ୍ଜଳୀ ବେହେରା,ରାଗିଣୀ ସ୍ୱାଇଁ, କୁମୁଦ ସାହୁ,ନିତ୍ୟାନନ୍ଦ ବେହେରା,ବବିତା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଉଲ୍ଲେଖନୀୟ ଅଗ୍ରଗତି



**ଭୁବନେଶ୍ୱର:** ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଏକ ପ୍ରମୁଖ ପଦକ୍ଷେପରେ, ଝାରମୁଣ୍ଡା ଠାରୁ ବୌଦ୍ଧ ଷ୍ଟେସନ ମଧ୍ୟରେ ୧୬.୨୭୦ କିଲୋମିଟର ଦୈର୍ଘ୍ୟ ନୂତନ ଭାବେ ନିର୍ମିତ ଟ୍ରେନ୍ ଲାଇନରେ ଇଞ୍ଜିନ ଗଡ଼ିବା ଏବଂ ପରୀକ୍ଷଣ ସହ ରେଳ ନିରାପତ୍ତା ଆୟୁକ୍ତଙ୍କ ନିରୀକ୍ଷଣ ସଫଳତାର ସହିତ ସମାପ୍ତ ହୋଇଛି । ଏହି ସଫଳତା ବହୁ ପ୍ରତୀକ୍ଷିତ ରେଳ ଲାଇନ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ ଯାହା ଓଡିଶାର ଉପାନ୍ତ ତଥା ଅଣବିକଶିତ ଅଞ୍ଚଳରେ ଟ୍ରେନ ସଂଯୋଗକୁ ଯଥେଷ୍ଟ ଉନ୍ନତ କରିବାକୁ ପ୍ରସ୍ତୁତ ହେଉଛି ।

ଏହା ବ୍ୟତୀତ, ନୂତନ ଭାବେ ନିର୍ମିତ ବୌଦ୍ଧ-ଚମ୍ପାପୁର ୧୩.୭୦୧ କି.ମି. ଦୈର୍ଘ୍ୟ ରେଳ ସେକ୍ସନ ଓ ଚମ୍ପାପୁର-ପୁରୁଣାକଟକ ୧୩.୪୩୭ କି.ମି. ଦୈର୍ଘ୍ୟ ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଅଛି, ଯାହା ସାମଗ୍ରିକ ପ୍ରକଳ୍ପରେ ଦ୍ରୁତ ଅଗ୍ରଗତି ପ୍ରଦର୍ଶନ କରୁଅଛି । ଦ୍ରୁତ ସମାପ୍ତି ସୁନିଶ୍ଚିତ କରିବାକୁ, ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପଦକ୍ଷେପ ପାଇଁ ଉଚ୍ଚାଭିଳାଷୀ ସମୟସୀମା ପୂରଣ କରିବାକୁ ପ୍ରତିବଦ୍ଧତାକୁ ଦର୍ଶାଇ ଉଭୟ ପ୍ରାନ୍ତରୁ ଏକକାଳୀନ ନିର୍ମାଣ କାର୍ଯ୍ୟ ଚାଲୁରହିଛି ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ସର୍ବମୋଟ ୩୦୧ କିଲୋମିଟର ଦୈର୍ଘ୍ୟ ରେଳପଥ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୧୯୯ କିଲୋମିଟର ଦୈର୍ଘ୍ୟ ରେଳ ଲାଇନର କାର୍ଯ୍ୟ ସମାପ୍ତ ହୋଇ କାର୍ଯ୍ୟକ୍ଷମ ହୋଇଛି, ସେଥିମଧ୍ୟରୁ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀର ପାର୍ଶ୍ୱରୁ ବୌଦ୍ଧ ପର୍ଯ୍ୟନ୍ତ ପ୍ରାୟ ୯୩ କି.ମି.ଦୈର୍ଘ୍ୟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି । ଏହା ସହିତ ବୌଦ୍ଧରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୭ କିଲୋମିଟର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ନିର୍ମାଣାଧୀନ ଅଛି ଯାହାକି ଶୀଘ୍ର ଶେଷ ହେବାକୁ ଯାଉଛି । ପୁରୁଣାକଟକରୁ ଦଶପଲ୍ଲା ପର୍ଯ୍ୟନ୍ତ ଅବଶିଷ୍ଟ ୭୫ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ ଯାହା ଟନେଲ ନିର୍ମାଣ ସହିତ ଜଡିତ ତଥା ଜଙ୍ଗଲ ଏବଂ ଅଭୟାରଣ୍ୟ ଅଞ୍ଚଳ ଦେଇ ଗତି କରୁଛି, ତାହା ଏହାର ନିର୍ଧାରିତ ସମୟ ସୀମା ମଧ୍ୟରେ ଶେଷ ହେବ ।

ସୁଦୂର ଉପାନ୍ତ ଅଞ୍ଚଳରେ ପରିବହନ ଏବଂ ଅର୍ଥନୈତିକ ବିକାଶ ପାଇଁ ଏହି ରେଳ ପ୍ରକଳ୍ପର ମହତ୍ୱପୂର୍ଣ୍ଣ ଭୂମିକା ରହିଛି । ରେଳ ମନ୍ତ୍ରଣାଳୟ ଦ୍ୱାରା ପ୍ରକଳ୍ପର ଅଗ୍ରଗତି ଉପରେ ତୀକ୍ଷ୍ଣ ନଜର ରଖାଯାଇ ସମୀକ୍ଷା କରାଯାଉଥିବାବେଳେ ସଠିକ ସମୟରେ ନିର୍ମାଣ କାର୍ଯ୍ୟ ସୁନିଶ୍ଚିତ କରିବାକୁ ସମୟସୀମା ଧାର୍ଯ୍ୟ କରାଯାଇଅଛି । ଇଞ୍ଜିନିୟରିଂ ଚ୍ୟାଲେଞ୍ଜର ସମ୍ମୁଖୀନ ହେବା ସତ୍ତ୍ୱେ, ଉପାନ୍ତ ଦୁର୍ଗମ, ଜଙ୍ଗଲ ଓ ଅଭୟାରଣ୍ୟ ଅଞ୍ଚଳ ଦେଇ ଟନେଲ୍ ନିର୍ମାଣ କ୍ଷେତ୍ରରେ ଏହି ପ୍ରକଳ୍ପ ପ୍ରମୁଖ ମାଇଲଖୁଣ୍ଟ ହାସଲ କରିବାରେ ସଫଳତା ହାସଲ କରିଚାଲିଛି ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ କେବଳ ସଂଯୋଗକୁ ସୁଦୃଢ଼ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ ବରଂ ରେଳ ମାର୍ଗ ନିର୍ମାଣରେ ସମ୍ମୁଖୀନ ହୋଇଥିବା କେତେକ ଜଟିଳ ଇଞ୍ଜିନିୟରିଂ ଚ୍ୟାଲେଞ୍ଜକୁ ଦୂର କରିବା ପାଇଁ ଭାରତୀୟ ରେଳବାଇର ଦକ୍ଷତା ପ୍ରମାଣ ଅଟେ । ଟନେଲଗୁଡିକର ସଫଳ ସମାପ୍ତି ଏକ ପ୍ରମୁଖ ସଫଳତା ହେବ, ଯାହା ଦେଶର ବହୁ ଦୂରବର୍ତ୍ତୀ ଅଞ୍ଚଳରେ ମଧ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ବିତରଣ ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ଦର୍ଶାଇବ ।

ରେଳ ସୁରକ୍ଷା ଆୟୁକ୍ତଙ୍କ ଦ୍ୱାରା ସଫଳ ଯାଞ୍ଚ ଏବଂ ତାଙ୍କର ଅନୁମତି ପରେ ନୂତନ ଝାରମୁଣ୍ଡା-ବୌଦ୍ଧ ରେଳ ସେକ୍ସନରେ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ମିଳିଛି । ଏଥିପାଇଁ ଟ୍ରାକର ସମ୍ଭାବ୍ୟତାକୁ ଆକଳନ କରିବା ପାଇଁ ଏକ ଟ୍ରେନ ଇଞ୍ଜିନ୍ ର ପରୀକ୍ଷାମୂଳକ ଚଳାଚଳ ଏହି ନିରୀକ୍ଷଣ ସମୟ ମଧ୍ୟରେ ହୋଇସାରିଛି । କିନ୍ତୁ, ଏହି ସେକ୍ସନରେ ଆନୁସଙ୍ଗିକ ଭିତ୍ତିଭୂମି ସହିତ ଯାତ୍ରୀ ସୁବିଧା ଉପଲବ୍ଧ ହେବା ପରେ ଟ୍ରେନ ଚଳାଚଳ ପାଇଁ ପଦକ୍ଷେପ ନିଆଯିବ ।

ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନରେ ରେଳ ମାର୍ଗ ନିର୍ମାଣ କ୍ଷେତ୍ରରେ ଏହି ଉଲ୍ଲେଖନୀୟ ଅଗ୍ରଗତି ଏହି ଅଞ୍ଚଳକୁ ଉନ୍ନତ ସଂଯୋଗ ଏବଂ ଅର୍ଥନୈତିକ ଅଭିବୃଦ୍ଧିର ନୂତନ ମାର୍ଗକୁ ଗୋଟିଏ ପାଦ ନିକଟତର କରୁଅଛି ।

## ସମ୍ବଲପୁର ପଡ଼ିଆବାହାଲରେ "ଆୟୁଷ୍ମାନ ଆରୋଗ୍ୟ ମନ୍ଦିର" ଉଦଘାଟିତ

## ଗରିବ ଓ ବଞ୍ଚିତ ଲୋକଙ୍କ ସ୍ୱାସ୍ଥ୍ୟସେବାକୁ ସୁବିଧାଜନକ କରିବା ଆମ ସରକାରର ଲକ୍ଷ୍ୟ: ଧର୍ମେନ୍ଦ୍ର



**ପଡ଼ିଆବାହାଲ/ସମ୍ବଲପୁର:** ସମ୍ବଲପୁରରେ ସ୍ୱାସ୍ଥ୍ୟସେବାକୁ ମଜଭୂତ୍ କରିବା ପାଇଁ ବିଜେପି ନେତୃତ୍ୱାଧୀନ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ । ସେହି ଶୃଙ୍ଖଳାରେ ସମ୍ବଲପୁର ଜିଲ୍ଲା ଯୁଯୁମୁରା ବ୍ଲକ ପଡ଼ିଆ ବାହାଲ ଠାରେ ପ୍ରାୟ ୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଭବନ ଏକ ବଡ ଉପଲବ୍ଧି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ପଡ଼ିଆବାହାଲ ଠାରେ 'ଆୟୁଷ୍ମାନ ଆରୋଗ୍ୟ ମନ୍ଦିର' ନାମରେ ନାମିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇବାରେ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ବଡ ଦାୟିତ୍ୱ ଅଛି । ସ୍ଥାନୀୟ ଅଞ୍ଚଳରେ ମୌଳିକ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦିଗରେ ଲୋକାର୍ପିତ ହୋଇଥିବା ଏହି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଦ୍ୱାରା ଅନେକ ଲୋକମାନେ ଉପକୃତ ହୋଇପାରିବେ । ଗରିବ ଓ ବଞ୍ଚିତ ଲୋକଙ୍କ ସ୍ୱାସ୍ଥ୍ୟସେବାକୁ କେମିତି ସୁବିଧାଜନକ କରାଯିବ, ସେଥିପାଇଁ ଆମ ସରକାର ଦାୟିତ୍ୱ ନେଇଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସବକା ସାଥ୍ – ସବକା ବିକାଶ'କୁ ପ୍ରାଥମିକତାରେ ରଖି ସ୍ୱାସ୍ଥ୍ୟସେବାକୁ ପ୍ରାଧାନ୍ୟ ଦେଉଥିବାରୁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି କେନ୍ଦ୍ରମନ୍ତ୍ରୀ ।

ଗ୍ରାମାଞ୍ଚଳରେ ଆଶା ଦିଦିଙ୍କର ଭୂମିକାକୁ ପ୍ରଶଂସା କରି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ ଆମ ରାଜ୍ୟରେ ପ୍ରାକୃତିକ ଦୁର୍ବିପାକ ଓ ମହାମାରୀ ସମୟରେ ସାହାଯ୍ୟ ସହଯୋଗ ଯୋଗାଇ ଦେବା ଦିଗରେ ଆଶା ଦିଦିମାନେ ବଡ ଦାୟିତ୍ୱ ନିର୍ବାହ କରି ଆସୁଛନ୍ତି । ନିକଟରେ କେନ୍ଦ୍ରାପଡ଼ା ରାଜନଗର ଅଞ୍ଚଳର ଆଶା ଦିଦି ଶିବାନୀ ମଣ୍ଡଳ ବାତ୍ୟା ସମୟରେ ବୟସ୍କା ମହିଳାଙ୍କୁ ପିଠିରେ ବୋହି ଆଶ୍ରୟସ୍ଥଳକୁ ଆଣି ସମସ୍ତଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି । ଆଜି ଜନ୍ମ ନେଉଥିବା ପିଲା ୨୦୪୭ ବା ଆଉ ୨୪ ବର୍ଷ ପରେ ସମ୍ବଲପୁର ସମେତ ଦେଶର ଦାୟିତ୍ୱ ନେବ । ତେଣୁ ବର୍ତ୍ତମାନ ସମୟରୁ ସେମାନଙ୍କର ସୁରକ୍ଷା ଓ ଦାୟିତ୍ୱ ଆମକୁ ନେବାକୁ ହେବ । ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଜିଲ୍ଲା ଚିକିତ୍ସାଳୟ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟସେବାରେ ସୁଧାର ଅଣାଯିବ । ଆଶା ଦିଦିଙ୍କ ସହଯୋଗରେ ହିଁ ଗର୍ଭବତୀ ମହିଳା, ଶିଶୁ ସ୍ୱାସ୍ଥ୍ୟାବସ୍ଥା ତଥା ସମ୍ବଲପୁର ଜିଲ୍ଲାର ସ୍ୱାସ୍ଥ୍ୟସେବାରେ ସୁଧାର ଆସିପାରିବ । ସେମାନଙ୍କ ଯୋଗଦାନ ବିନା ୨୦୪୭ ସୁଦ୍ଧା ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ ।

ଏହି ଉଦଘାଟନ କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାଏକ ମଧ ଉପସ୍ଥିତ ଥିଲେ ।


**CUTTACK MUNICIPAL CORPORATION**

No.:C-941

"e" PROCUREMENT NOTICE

Tender Call Notice No. 8513 (PW) Date.06.11.2024

Tender ID : 2024_ORULB_106492

Civil work-23 No.

Bid Value : Rs.3.30 Lakhs to Rs.31.97 Lakhs

Date and Time schedule :

| Start | End | Opening |
|---|---|---|
| 11.00 AM on dt. 11.11.2024 | 5.00 PM on dt.20.11.2024 | 11:00 A.M. on dt.25.11.2024 |

Tender Details : can be seen from the procurement portal : www.tendersorissa.gov.in

Sd/-
Executive Engineer
City Division-II,CMC

OIPR- 13031/11/0087/2425

MBA/24-25/0351

**CUTTACK MUNICIPAL CORPORATION**

No.:C-945

"e" PROCUREMENT NOTICE

Tender ID : 2024_ORULB_106516

Bid Reference No. MC(CMC)CTC_Div-I_No14/2024-25

Tender Call Notice No.8569 (PW) Date. 06.11.2024

Name of Works : Civil Works

No of Works : 05 Nos

Bid Value : Rs. 0.90 Lakh to Rs. 3.20 Lakh

Period of Completion : 14 November 2024

Date and Time schedule :

| Start | End | Opening |
|---|---|---|
| 6.55 PM on dt. 06.11.2024 | 12.00 PM on dt.12.11.2024 | 1.00 P.M. on dt. 12.11.2024 |

Tender Details : can be seen from the procurement portal : www.tendersorissa.gov.in

Sd/-

OIPR- 13031/11/0088/2425 Executive Engineer, City Div-I

MBA/24-25/0350

**CUTTACK MUNICIPAL CORPORATION**

No.:C-940

"e" PROCUREMENT NOTICE

Tender Call Notice No. 8498 (PW) Date.06.11.2024

Tender ID : 2024_ORULB_105784
Civil work-16 No.
Bid Value : Rs.2.98 Lakhs to Rs.36.38 Lakhs

&

Tender ID : 2024_ORULB_105785 (Two Bid)
Civil work-2 No.
Bid Value : Rs.68.55 Lakhs to Rs.82.75 Lakhs

Date and Time schedule :

| Start | End | Opening |
|---|---|---|
| 11.00 AM on dt. 08.11.2024 | 5.00 PM on dt.16.11.2024 | 11:00 A.M. on dt.20.11.2024 |

Tender Details : can be seen from the procurement portal : www.tendersorissa.gov.in

Sd/-
Executive Engineer
City Division-III,CMC

OIPR- 13031/11/0085/2425

MBA/24-25/0349

No. O-563

**GOVT OF ODISHA**

OFFICE OF THE SUPERINTENDING ENGINEER,RURAL WORKS DIVISION,NAYAGARH
At/Po-Nabaghanpur, Dist-Nayagarh, Ph-06753-252049 E-mail-nayagarhrw2006@yahoo.in

No:-Tender – Online – NayagarhDivn. –07/2024-25 Date:- 01.11.2024

**e-Procurement Notice**

1. Name of the work : Building works.
2. Total No. of Projects : 34(Thirty Four) Nos of project
3. Class of contractor
   a)Estimated cost above Rs. 20.00 Lakhs & up to Rs.3.00 Crore — B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs — C Class( of Odisha PWD) or relevant class of other licensing authorities
   c) Estimated cost up to Rs. 20.00 Lakhs — D Class ( of Odisha PWD) or relevant class of other licensing authorities.
4. Estimated cost put to tender: Rs.1.26 Lakhs to Rs.8.08 lakhs
5 Time for completion : 02(Two) & 03(Three) calendar months.
6 Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender – Online – Divn. NAYAGARH – 07/2024-25 | 13.11.2024 at 10.00 A.M | 26.11.2024 upto 5.30 P.M. | 27.11.2024 at 11.00 A.M. |

Further details can be seen from the website www.tendersorissa.gov.in

Sd/-
Executive Engineer
Rural Works Division, Nayagarh

OIPR -25106/11/0009/2425

MBA/24-25/0353

**OFFICE OF THE SUPERINTENDING ENGINEER**
**RURAL WATER SUPPLY AND SANITATION DIVISION,CUTTACK**
**MAHANADIBIHAR; CUTTACK-753004**

No. O-587

Govt. of Odisha e-procurement Notice

**Bid Identification No. rwssctc- 04/2024-25**

The Superintending Engineer, RWS&S Division, Cuttack on behalf of Governor of Odisha invites lump sum bid through e-procurement in double cover system according to norm of e-procurement.

1. Nature of work : PWS Schemes under RWSS , Division, Cuttack.
2. No. of tenders : 2 Nos.
3. Tender Paper Cost : 6000/-
4. Value of Work : Rs. 20.67 Lakhs to 21.20 Lakhs
5. Class of Contractor : "B"& "C" Class
6. Date and time of availability of bid document in portal : 11 hour of 12.11.24 to 22.11.24 up to 17 hours.
7. Date & time of seeking tender clarification : 21.11.24 up to 17 hours
8. Date & time of opening of tender : 25.11.24 at 11:30 Hours in the office of the Superintending Engineer, RWS&S Division, Cuttack
9. Time of completion : 120 days.
10. The bidders have to participate in online biding only. Further details can be seen from the website https://www.tendersorissa.gov.in.

Sd/-
Superintending Engineer
RWS&S Division, Cuttack

OIPR -25022/11/0005/2425

MBA/24-25/0352

No. A-531

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Mechanical Division, Cuttack.**
Email Address: semechanicalcuttack @gmail.com

**e-Procurement Notice- Bid Identification No.- SE/MDC-17/2024-25 dt. 05.11.2024**

1. Name of the Work : Mechanical Gate Works
2. No. of Works : 04 (Four)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : SE/MDC-17/2024-25 dt. 05.11.2024
5. Estimated Cost : Rs. 7,45,922.00to Rs. 7,48,634.00
6. Period of Completion : 02 (Two) calendar month.
7. Date & time of availability of bid documents in the Portal : From dt.08.11.2024 (11.00 AM) to dt.21.11.2024 (5.00 PM)
8. Last date/ time for receipt of bid In the Portal : Dtd.21.11.2024 (up to 5.00 PM)
9. Date and Place of opening of online bids : dt.22.11.2024 (11.00 AM onwards in the O/o the undersigned)
10. Name of the Officer inviting bid : Superintending Engineer, Mechanical Division, Cuttack

Further details can be seen from the e-procurement portal https://tendersodisha.gov.in

Sd/-
Superintending Engineer
Mechanical Division, Cuttack

OIPR -32529/11/0004/2425

MBA/24-25/0354

No. A-533

**GOVERNMENT OF ODISHA**
**DEPARTMENT OF WATER RESOURCES**
**Office of the Superintending Engineer, Mechanical Division, Cuttack.**
Email Address: semechanicalcuttack @gmail.com

**e-Procurement Notice- Bid Identification No.- SE/MDC-18/2024-25 dt. 05.11.2024**

1. Name of the Work : Mechanical Gate Works
2. No. of Works : 04 (Four)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : SE/MDC-18/2024-25 dt. 05.11.2024
5. Estimated Cost : Rs. 6,40,241.00 to Rs. 7,48,178.00
6. Period of Completion : 02 (Two) calendar month.
7. Date & time of availability of bid documents in the Portal : From dt.08.11.2024 (11.00 AM) to dt.21.11.2024 (5.00 PM)
8. Last date/ time for receipt of bid In the Portal : Dtd.21.11.2024 (up to 5.00 PM)
9. Date and Place of opening of online bids : dt.22.11.2024 (11.00 AM onwards in the O/o the undersigned)
10. Name of the Officer inviting bid : Superintending Engineer, Mechanical Division, Cuttack

Further details can be seen from the e-procurement portal https://tendersodisha.gov.in

Sd/-
Superintending Engineer
Mechanical Division, Cuttack

OIPR -32529/11/0005/2425

MBA/24-25/0355

ମାତୃଭାଷା



## ଡିସେମ୍ବର ୭ରୁ ଜାତୀୟ କନିଷ୍ଠ ଦୌଡ଼କୁଦ ଚମ୍ପିଆନସିପ୍

**ନୂଆଦିଲ୍ଲୀ, ୭।୧୧:** ଜାତୀୟ ଜୁନିୟର ଦୌଡ଼କୁଦ ଚମ୍ପିଆନସିପର ୩୯ତମ ସଂସ୍କରଣ ଲାଗି ସାନି କାର୍ଯ୍ୟସୂଚୀ ଘୋଷିତ ହୋଇଛି । ଆସନ୍ତା ଡିସେମ୍ବର ୭ରୁ ୧୧ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଉକ୍ତ ପ୍ରତିଯୋଗିତା ଆୟୋଜିତ ହେବ । ଏ



ନେଇ ଫୁଟବଲ ମହାସଂଘ ପକ୍ଷରୁ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ପ୍ରତିଯୋଗିତା କଳିଙ୍ଗ ଷ୍ଟାଡ଼ିୟମରେ ଗତ ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ ଆୟୋଜିତ ନେଇ କାର୍ଯ୍ୟକ୍ରମ ରହିଥିଲା । ଓଡ଼ିଶାରେ ବାତ୍ୟା ଦାନା ଲାଗି ଉକ୍ତ ପ୍ରତିଯୋଗିତାକୁ ସ୍ଥଗିତ କରି ଦିଆଯାଇଥିଲା ।

## ରାଜ୍ୟ ସ୍ତରୀୟ ସ୍କୁଲ ସମୂହ ଫେନ୍ସିଂ, ଉଷୁ, ଥାଙ୍ଗଟା ଓ ଟେବୁଲ୍ ଟେନିସ ଟେବୁଲ୍ ପ୍ରତିଯୋଗିତା ଉଦଯାପିତ

**ବଲାଙ୍ଗିର, ୭।୧୧:** ସଦର ମହାକୁମା ସ୍ଥିତ ସ୍ଥାନୀୟ ଐତିହ୍ୟ ସମ୍ପର୍ନ୍ନ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ରେ ରାଜ୍ୟ ସ୍ତରୀୟ ସ୍କୁଲ ସମୂହ ଫେନ୍ସିଂ,ଉଷୁ, ଥାଙ୍ଗଟା ଓ ଟେବୁଲ୍ ଟେନିସ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି କ୍ଷ ଉଦଯାପନୀ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରା ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି କ୍ଷ ଏହି ଉତ୍ସବ ରେ ବଲାଙ୍ଗୀର ଜିଲ୍ଲା ର ଆଇନ୍ ସେବା ପ୍ରାଧିକରଣ ସଂପାଦକ ପବିତ୍ରାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ର ଛାତ୍ରୀ ଜୀବନର ଅଭିଜ୍ଞତା କହିବା ସକ୍ଷଙ୍ଗେ ସାଙ୍ଗେ ପିଲାମାନଙ୍କର ଖେଳୁଆଡ ମନୋବୃତି କୁ ଆଗକୁ ବଢ଼ଇବା ପାଇଁ ପ୍ରେରଣା ଦେଇଥିଲେ କ୍ଷ ସଭାର ସଭାପତି ଧ୍ରୁବ ଚରଣ ବେହେରା କହିଥିଲେ ଯେ, ଆବେଗ ଓ ଶ୍ରଦ୍ଧା ଦ୍ୱାରା କ୍ରୀଡା କୁ ଆଗକୁ ନିଆଯାଇ ପାରିବ । ରାଜ୍ୟ କ୍ରୀଡ଼ା ଉପନିର୍ଦ୍ଦେଶକ ଜ୍ୟୋତି ପ୍ରସାଦ ପରିଡା ପ୍ରତିଯୋଗିତା ର ଉଦ୍ଦେଶ୍ୟ ଓ ବିବରଣୀ ପ୍ରଦାନ କରିଥିଲେ କ୍ଷ ଜାତୀୟ କ୍ରୀଡା ପ୍ରତିଯୋଗୀତାର ଆଗାମୀ ଦିନର ସୂଚୀର ସୂଚନା ଦେଇଥିଲେ । ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ବିଜୟାନନ୍ଦ ସେଠୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କହିଥିଲେ ଆଜି କ୍ରୀଡ଼ାକୁ ବୃତି ଭାବରେ ଗ୍ରହଣ କରାଯାଇପାରେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ଏବଂ ସମ୍ବଲପୁର ଜିଲ୍ଲା କ୍ରୀଡା ଅଧିକାରୀ ସୁଜାତା ପଟ୍ଟନାୟକ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ, ବଲାଙ୍ଗିର ର ପ୍ରଧାନଶିକ୍ଷକ ସନ୍ତୋଷିନୀ ସେଠୀ ସ୍ୱାଗତ ସମ୍ଭାଷଣ ଦେଇଥିଲେ । ବଲାଙ୍ଗିର ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ପାତ୍ର ଆଜିର ସଭାରେ ଧନ୍ୟବାଦ୍ ଅର୍ପଣ କରିଥିବା ବେଳେ ହେମନ୍ତ ପ୍ରଧାନ ମଂଚ ପରିଚାଳନା କରିଥିଲେ । ଏହି ରାଜ୍ୟସ୍ତରୀୟ ପ୍ରତିଯୋଗୀତା ର ଫେନ୍ସିଂ ପ୍ରତିଯୋଗିତାରେ ବଲାଙ୍ଗୀର ଦଳ ଚାମ୍ପିଅନ, ଉଷୁ ପ୍ରତିଯୋଗିତାରେ କେନ୍ଦୁଝର, ଥାଙ୍ଗଟା ରେ ବଲାଙ୍ଗିର ଏବଂ ଟେବଲ୍ ଟେନିସ ରେ ୧୪ ବର୍ଷ ରୁ କମ ବାଳକ ରେ କଟକ, ୧୭ ରୁ କମ ବାଳକ ରେ କୋରାପୁଟ ଏବଂ୧୭ ରୁ କମ ବାଳିକା ବର୍ଗ ରେ ଭୁବନେଶ୍ୱର ଦଳ ଚାମ୍ପିଅନ ହୋଇଥିଲେ ।

# ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ସିରିଜ୍

### ତିଳକ ବର୍ମାଙ୍କୁ ମିଳିବ ସୁଯୋଗ ■ ଯଶ ଦୟାଲଙ୍କୁ କରିବାକୁ ପଡ଼ିବ ଅପେକ୍ଷା

**ଡର୍ବାନ, ୭।୧୧:** ଆଜିଠାରୁ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ ସିରିଜ୍ ଆରମ୍ଭ ହେବାକୁ ଯାଉଛି । ଏହି ଗସ୍ତରେ ଘରୋଇ ଦଳ ବିପକ୍ଷରେ ସୂର୍ଯ୍ୟକୁମାର ଯାଦବଙ୍କ ଦଳ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳିବ । ପ୍ରଥମ ଟି-୨୦ ନଭେମ୍ବର ୮ରେ ଡର୍ବାନରେ ଖେଳାଯିବ ।

ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜ୍ ଖେଳିଥିବା ଖେଳାଳିଙ୍କୁ ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ଚୟନ କରାଯାଇ ନାହିଁ । ଏକ ଯୁବ ଭାରତୀୟ ଦଳକୁ ପୁଣି ଥରେ ଟି-୨୦ ସିରିଜ୍ ପାଇଁ ଚୟନ କରାଯାଇଛି । ଯେଉଁ ଦଳ ବାଂଲାଦେଶ ବିପକ୍ଷ ଟି-୨୦ ସିରିଜ୍ ଖେଳିଥିଲେ, ସେହି ସମାନ ଦଳକୁ ଦକ୍ଷିଣ ଆଫ୍ରିକା ଗସ୍ତରେ ପଠା ଯାଇଛି ।

ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି-୨୦ରେ ୱିକେଟ୍ କିପର ବ୍ୟାଟର ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା ଇନିଂସ ଓପନ




କରିବେ । ଦୀର୍ଘ ସମୟ ପରେ ଦଳକୁ ଫେରିଥିବା ତିଳକ ବର୍ମା ତୃତୀୟ କ୍ରମରେ ବ୍ୟାଟିଂ କରି ପାରନ୍ତି । । ଚାରି ନମ୍ବରରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ବ୍ୟାଟିଂ ମୋର୍ଚ୍ଚା ସମ୍ଭାଳିବେ ।ପାଞ୍ଚ ନମ୍ବରରେ ତାରକା ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଛଅ ନମ୍ବରରେ ରିଙ୍କୁ ସିଂ ଫିନିସର ଭୂମିକା ନିର୍ବାହ କରିବେ । ଏହି ଦୁଇ ଖେଳାଳିଙ୍କ ଉପରେ ବିସ୍ଫୋରକ ବ୍ୟାଟିଂ କରି ରନ ଗତି ବଢାଇବାର ଦାୟିତ୍ୱ ରହିବ । ଏହା ପରେ ଅକ୍ଷୟ ପଟେଲ୍ ନିମ୍ନ କ୍ରମରେ ବ୍ୟାଟିଂ କରିବେ ।

ବୋଲିଂରେ ହାର୍ଦ୍ଦିକ ପାଣ୍ଡ୍ୟା ରହୁଥିବାରୁ ଦଳରେ କେବଳ ଦୁଇ ଜଣ ଦ୍ରୁତ ବୋଲର ଖେଳିବାର ଆଶା କରାଯାଉଛି । ସ୍ପିନ ବୋଲର ଭାବେ ରବି ବିଷ୍ଣୋଇ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳିବା ନିଶ୍ଚିତ ଲାଗୁଛି । ଏହିପରି ଭାରତ ପାଖରେ ବୋଲର ଭାବେ ଛଅ ବିକଳ୍ପ ରହିବେ । ଅର୍ଶଦୀପ, ଅଭେଶ ଓ ହାର୍ଦ୍ଦିକ ପାଣ୍ଡ୍ୟା ଦ୍ରୁତ ବୋଲିଂ ସମ୍ଭାଳୁଥିବା ବେଳେ ଚକ୍ରବର୍ତ୍ତୀ, ବିଷ୍ଣୋଇ ଓ ଅକ୍ଷର ସ୍ପିନ ବିଭାଗ ସମ୍ଭାଳିବେ । ପ୍ରଥମ ଥର ଟି-୨୦ ଦଳରେ ସ୍ଥାନ ପାଇଥିବା ବାମହାତୀ ଦ୍ରୁତ ବୋଲର ଯଶ ଦୟାଲଙ୍କୁ ଭାରତୀୟ ଦଳ ପକ୍ଷରୁ ପଦାର୍ପଣ ପାଇଁ କିଛି ସମୟ ଅପେକ୍ଷା କରିବାକୁ ପଡ଼ିପାରେ ।

# ଓଡ଼ିଶା ବିପକ୍ଷରେ ମୁମ୍ବାଇ ବ୍ୟାଟରଙ୍କ ରନ୍ ଭୋଜି

**ମୁମ୍ବାଇ, ୭।୧୧:** ରଣଜୀ ମୁକାବିଲାରେ ଓଡ଼ିଶା ବୋଲରଙ୍କୁ ପ୍ରବଳ ଧୋଇଛନ୍ତି ମୁମ୍ବାଇ ବ୍ୟାଟର । ମହାରାଷ୍ଟ୍ରର ଶରଦ ପାୱାର

**ରଣଜୀ ଟ୍ରଫି**

**ଶ୍ରେୟସଙ୍କ ଧୂଆଁଧାର ୨୩୩ ରନ୍**

ଷ୍ଟାଡିୟମରେ ଖେଳା ଯାଉଥିବା ଗ୍ରୁପ ଏର ଏହି ମ୍ୟାଚ୍ ?ରେ ମୁମ୍ବାଇ ବ୍ୟାଟରଙ୍କ ଦବଦବା ଦେଖିବାକୁ ମିଳିଛି । ଓଡ଼ିଶାର ବୋଲରମାନେ ସବୁ ପ୍ରକାରର ଚେଷ୍ଟା କରିଥିଲେ ହେଁ ସଫଳତାର ସ୍ୱାଦ ସେମାନଙ୍କୁ ସେତାଟା ମିଳିନାହିଁ । କେବଳ ସେମାନେ ମୁମ୍ବାଇ ବ୍ୟାଟରଙ୍କ ଆଗରେ ସଂଘର୍ଷ କରିଛନ୍ତି ।

ମୁମ୍ବାଇ ପାଇଁ ଖେଳୁଥିବା ଷ୍ଟାର କ୍ରିକେଟର ଶ୍ରେୟସ ଆୟର ଓଡ଼ିଶା ବିପକ୍ଷରେ ଡବଲ ଟନ ହାସଲ କରିଛନ୍ତି । ସେ ଏକାକୀ ୨୨୮ ବଲରେ ୨୩୩ ରନ କରିଛନ୍ତି । ସେ ଏହି ଇଂନିସରେ ୨୨୮ ବଲରେ ୨୪ ଚୌକା ଓ ୯ଟି ଛକା ମାରିଛନ୍ତି । ଏହା ପ୍ରଥମ ଶ୍ରେଣୀ



କ୍ରିକେଟରେ ଆୟରଙ୍କ ସର୍ବାଧିକ ବ୍ୟକ୍ତିଗତ ସ୍କୋର । ସେହିପରି ସିଦ୍ଧେଶ ଲାଡ ଅପରାଜିତ ୧୬୯ ରନ କରିଥିବା ବେଳେ ଅନ୍ୟତମ ବ୍ୟାଟର ସୂର୍ଯ୍ୟାଂଶ ଶେଗଡେ ୩୬ ବଲରେ ବିସ୍ଫୋରଣ ୭୯ ରନର ଅପରାଜିତ ଇନିଂସ ଖେଳିଛନ୍ତି ।

ଗତକାଲି ଅଙ୍ଗକ୍ରିଶ ରଘୁବଂଶୀ ୯୨ ରନ ଓ ଆୟୁସ ମାତ୍ରେ ୧୮ ରନ କରିଥିଲେ । ମୁମ୍ବାଇର ଅଧିନାୟକ ଅଜିଙ୍କ୍ୟ ରାହାଣେ(୦)ଙ୍କୁ ଛାଡ଼ି ଦେଲେ ଆଉ ସମସ୍ତ ବ୍ୟାଟର ଓଡ଼ିଶା ବୋଲରଙ୍କୁ ପ୍ରବଳ ଧୋଇଛନ୍ତି ।

ଏଥିଯୋଗୁ ମୁମ୍ବାଇ ତା'ର ପ୍ରଥମ ଇନିଂସରେ ୪ ୱିକେଟ ହରାଇ ୬୦୨ ରନ କରିବା ପରେ ପାଳି ଘୋଷଣା କରିଛି । ଓଡ଼ିଶା ପକ୍ଷରୁ ବିପ୍ଳବ ସାମନ୍ତରାୟ ଗତକାଲି ହିଁ ଦୁଇଟି ୱିକେଟ ପାଇଥିଲେ । ଆଜି ଓଡ଼ିଶାର ବୋଲରମାନେ ୩୩ ଓଭର ବୋଲିଂ କରିଥିଲେ ହେଁ କେବଳ ଗୋଟିଏ ୱିକେଟ ପାଇଛନ୍ତି ।

ଶ୍ରେୟସ ଆୟର ୨୩୩ ରନ କରି ହର୍ଷିତ ରାଥୋଡଙ୍କ ବଲରେ ଷ୍ଟମ୍ପିଂ ହୋଇଛନ୍ତି । ଏହାପରେ ସୂର୍ଯ୍ୟାଂଶ ମାତ୍ର ୩୬ ବଲରେ ୭୯ ରନର ଇନିଂସ ଖେଳି ମୁମ୍ବାଇର ସ୍କୋରକୁ ୬୦୬ ପାର କରିଛନ୍ତି ।

ଓଡ଼ିଶା ଟି ପୂର୍ବରୁ ପାଳି ଆରମ୍ଭ କରିଥିବା ବେଳେ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି । ଦଳ ୧୩୫ ରନରେ ୫ ୱିକେଟ ହରାଇ ସଙ୍କଟରେ ପଡ଼ିଛି । ଏବେ ସନ୍ଦୀପ ପଟ୍ଟନାୟକ ୭୧ ରନ କରି କ୍ରିଜରେ ଥିବା ବେଳେ ତାଙ୍କୁ ସାଥ ଦେବାକୁ ଆସିଛନ୍ତି ଦେବବ୍ରତ ପ୍ରଧାନ ।

# ନୂଆ ଘର କିଣିଲେ ରିଙ୍କୁ ସିଂ

**ନୂଆ ଘର କିଣିଥିବା ଖବର ପାଇବା ପରେ ରିଙ୍କୁ ସିଂହଙ୍କ ଫ୍ୟାନ୍ସମାନେ କ୍ରିକେଟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନୂଆଘରେ ରିଙ୍କୁ ତାଙ୍କ ପରିବାର ସହିତ ଉଠାଇଥିବା ଫଟୋକୁ ଇନଷ୍ଟାଗ୍ରାମରେ ବି ସେୟାର କରିଛନ୍ତି ।**

**ଆଲିଗଡ଼, ୭।୧୧:** କୋଲକାତା ନାଇଟ ରାଇଡର୍ସ (କେକେଆର)ର ମାଲିକ ଶାହାରୁଖ ଖାନ ରିଙ୍କୁ ସିଂହଙ୍କୁ ମାଲାମାଲ କରିଥିବା ଖବର ଚର୍ଚ୍ଚାରେ ରହିଛି । ଆଇପିଏଲ ୨୦୨୫ ପାଇଁ କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଶ୍ରେୟସ ଆୟରଙ୍କୁ ରିଲିଜ୍ କରିଥିବା ବେଳେ ଶାହାରୁଖ ରିଙ୍କୁଙ୍କ ଦରମା ୨୪ଗୁଣା ବୃଦ୍ଧି କରି ରିଟେନ କରିଛନ୍ତି ।

ଅର୍ଥାତ ଆଇପିଏଲ ୨୦୨୪ରେ କେକେଆର ଚାମ୍ପିଅନ ହୋଇଥିବା ସମୟରେ ରିଙ୍କୁଙ୍କ ଦରମା ୫୫ ଲକ୍ଷ ଟଙ୍କା ଥିଲା । ଏବେ ଏହା ବୃଦ୍ଧି ପାଇ ୧୩କୋଟିରେ ପହଞ୍ଚିଛି । ଏହି କ୍ରମରେ ଦେଖିବାକୁ ଗଲେ ଆଗାମୀ ଆଇପିଏଲ ସିଜନରେ ରିଙ୍କୁ ସିଂହଙ୍କୁ




କେକେଆର ପାଇଁ ଖେଳୁଥିବାର ଦେଖିବାକୁ ମିଳିବ ।

କେକେଆର ରିଟେନ କରିବା ପରେ ରିଙ୍କୁ ସିଂହ ଆଲିଗଡ଼ର ଅଜୋନ ସିଟିର ଦ ଗୋଲଡନ ଏଷ୍ଟେଟରେ ନୂଆଘର କିଣିଛନ୍ତି । ସାଉଥଆଫ୍ରିକାଗସ୍ତ ପୂର୍ବରୁ ରିଙ୍କୁ ସିଂହ ତାଙ୍କ ପରିବାର ସହିତ ନୂଆଘରକୁ ସିପ୍ଟ ହୋଇଯାଇଛନ୍ତି । ନୂଆ ଘରେ ରହିବା ପରେ ଏବେ ରିଙ୍କୁଙ୍କ ଠିକଣା ଅଜୋନ ସିଟିର ଦ ଗୋଲଡନ ଏଷ୍ଟେଟ ବଙ୍ଗଳା ନମ୍ବର ୩୮ ହୋଇଯାଇଛି । ଅକ୍ଟୋବର ୩୦ ତାରିଖରେ ରିଙ୍କୁ ସିଂହ ନୂଆଘରେ ଗୃହପ୍ରବେଶ କରିଛନ୍ତି ।

ନୂଆ ଘର କିଣିଥିବା ଖବର ପାଇବା ପରେ ରିଙ୍କୁ ସିଂହଙ୍କ ଫ୍ୟାନ୍ସମାନେ କ୍ରିକେଟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ନୂଆଘରେ ରିଙ୍କୁ ତାଙ୍କ ପରିବାର ସହିତ ଉଠାଇଥିବା ଫଟୋକୁ ଇନଷ୍ଟାଗ୍ରାମରେ ବି ସେୟାର କରିଛନ୍ତି ।

## ୪ ଖେଳାଳିଙ୍କ କିଣିବାକୁ ଆରସିବିକୁ ପରାମର୍ଶ ଦେଲେ ଡିଭିଲିୟର୍ସ

**ନୂଆଦିଲ୍ଲୀ,୭।୧୧:** ଆଇପିଏଲ ୨୦୨୫ର ମେଗା ନିଲାମ ୨୪ ଏବଂ ୨୫ ନଭେମ୍ବରରେ ଅନୁଷ୍ଠିତ ହେବ । ସମସ୍ତ ଦଳ ଏଥିପାଇଁ ପ୍ରାୟ ପ୍ରସ୍ତୁତି ଶେଷ କରିଛନ୍ତି । ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଏହା ବିରାଟ କୋହଲିଙ୍କ ସମେତ ୩ ଖେଳାଳିଙ୍କୁ ରଖିଛି । ଡି ଭିଲିୟର୍ସ ଆରସିବିକୁ ଏକ ଆକର୍ଷଣୀୟ ପରାମର୍ଶ ଦେଇଛନ୍ତି । ସେ ଚାରି ଖେଳାଳି କିଣିବାକୁ ପରାମର୍ଶ ଦେଇଛନ୍ତି । ଏଥିରେ ପ୍ରଥମ ନାମ ହେଉଛି ଯୁଜବେନ୍ଦ୍ର ଚହଲ । ଚହଲ ପୂର୍ବରୁ ମଧ୍ୟ ଆରସିବି ପାଇଁ ଖେଳିଛନ୍ତି । ଡି ଭିଲିୟର୍ସ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଏକ ଭିଡିଓ ଶେୟାର କରିଛନ୍ତି । ଏଥିରେ ସେ କାଗିସୋ ରାବାଡାଙ୍କ




ନାମ ମଧ୍ୟ ନେଇଛନ୍ତି । ରାବାଡାଙ୍କର ଏପର୍ଯ୍ୟନ୍ତ ଭଲ ରେକର୍ଡ ରହିଛି । ସେ ରବିଚନ୍ଦ୍ରନ ଅଶ୍ୱିନ କିଣିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି । ଅଶ୍ୱିନ ଜଣେ ଅଲରାଉଣ୍ଡର ଖେଳାଳି ଏବଂ ଅନେକ ଥର ଏକ ଆଲୋଡ଼ନ ସୃଷ୍ଟି କରିଛନ୍ତି । ଭୁବନେଶ୍ୱର କୁମାରଙ୍କ ନେବାକୁ ମଧ୍ୟ ଆରସିବିକୁ ପରାମର୍ଶ ମିଳିଛି । ଭୁଭି ଜଣେ ଅଭିଜ୍ଞ ଦ୍ରୁତ ବୋଲ । ସେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ଚମତ୍କାର ବୋଲିଂ କରିଛନ୍ତି । ଚହଲ ଏବଂ ଅଶ୍ୱିନଙ୍କ ବିଷୟରେ କହିବାକୁ ଗଲେ ସେମାନେ ରାଜସ୍ଥାନ ରୟାଲ୍ସର ସର୍ବଶ୍ରେଷ୍ଠ ଖେଳାଳି ଏବଂ ଅନେକ ଥର ଭଲ ପ୍ରଦର୍ଶନ କରିଛନ୍ତି ।

# ରୋହିତଙ୍କ ଅନୁପସ୍ଥିତିରେ ଅଧିନାୟକ ବଦଳାଇବାକୁ ପରାମର୍ଶ ଦେଲେ ଗାଭାସ୍କର



**ନୂଆଦିଲ୍ଲୀ,୭।୧୧:** ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ୨୨ନଭେମ୍ବରରୁ ବର୍ଡ଼ର ଗାଭାସ୍କର ଟ୍ରଫି ଖେଳାଯିବ । ସିରିଜ ପୂର୍ବରୁ ଏହି କଥା ଚର୍ଚ୍ଚା ହେଉଛି କି ଭାରତୀୟ ଅଧିନାୟକ ରୋହିତ ଶର୍ମା ପ୍ରଥମ ଟେଷ୍ଟ ମିସ୍ କରିପାରନ୍ତି । ଏହି ଖବର ଉପରେ ଟିମ୍ ଇଣ୍ଡିଆର ପୂର୍ବତନ ଭେଟରାନ ବ୍ୟାଟର ସୁନୀଲ ଗାଭାସ୍କର କହିଛନ୍ତି କି ଯଦି ରୋହିତ ଶର୍ମା ସିରିଜରେ ଟେଷ୍ଟ ମିସ୍ କରୁଛନ୍ତି ତ, ପୁରା ସିରିଜ ଲାଗି ଅନ୍ୟ କାହାକୁ ଟିମ୍ ଇଣ୍ଡିଆର ଅଧିନାୟକ କରିବା ଆବଶ୍ୟକ ।

ସୂଚନା ମୁତାବକ, ରୋହିତ ଶର୍ମା ବ୍ୟକ୍ତିଗତ କାରଣରୁ ବର୍ଡ଼ର ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ମିସ୍ କରିପାରନ୍ତି । ଏହା ଉପରେ ଗାଭାସ୍କର ନିଜ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଉପରେ ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆରୋନ ଫିଞ୍ଚ ଅସହମତି ଜାହିର କରିଛନ୍ତି ।

ଗାଭାସ୍କର କହିଛନ୍ତି କି, ଆମେ ପଢୁଛୁ କି ରୋହିତ ଶର୍ମା ପ୍ରଥମ ଟେଷ୍ଟରେ ଖେଳିବେ ନାହିଁ । ହୋଇପାରେ ସେ ଦ୍ୱିତୀୟରେ ଖେଳିବେ ନାହିଁ । ଯଦି ଏଭଳି ମାମଲା ଅଛି ତେବେ ମୁଁ କହିବି କି ଏବେ ଭାରତୀୟ ଚୟନକର୍ତ୍ତା କମିଟିକୁ କହିବାରେ ଅଛି କି, ଯଦି ବିଶ୍ରାମ ନେବାରେ ଅଛି ତ ନିଅନ୍ତୁ, ଯଦି ବ୍ୟକ୍ତିଗତ କାରଣ ଅଛି ତ ତାକୁ ଦେଖନ୍ତୁ । କିନ୍ତୁ ଯଦି ଆପଣ ଦୁଇ – ତିନି ମ୍ୟାଚ୍ ମିସ୍

**ବର୍ଡର-ଗାଭାସ୍କର ଟ୍ରଫି**

କରୁଛନ୍ତି ତ ଆପଣଙ୍କୁ ଏହି ଗସ୍ତ ?ରେ ଜଣେ ଖେଳାଳୀ ଭାବେ ଯିବା ଆବଶ୍ୟକ । ଆମେ ଏହି ଗସ୍ତରେ ଉପଅଧିନାୟକଙ୍କୁ ଅଧିନାୟକ କରିବୁ ।'

ଗାଭାସ୍କରଙ୍କ ଏହି ଟିପ୍ପଣୀ ଉପରେ ପ୍ରତିକ୍ରିୟା ରଖି ଅଷ୍ଟ୍ରେଲିଆର ପୂର୍ବତନ ଅଧିନାୟକ ଆରୋନ ଫିଞ୍ଚ କହିଛନ୍ତି କି, ମୁଁ ଏହା ଉପରେ ସନୀଙ୍କ କଥାରେ ପୂରା ଅସହମତି ଅଟେ । 'ରୋହିତ ଶର୍ମା ଭାରତୀୟ କ୍ରିକେଟ ଟିମର ଅଧିନାୟକ ଅଟନ୍ତି । ଯଦି ଆପଣଙ୍କୁ ଘରେ ରହିବା ଜରୁରୀ ଅଟେ ତ କାରଣ ଆପଣଙ୍କ ସ୍ତ୍ରୀ ଗର୍ଭବତୀ ଅଛନ୍ତି ତେବେ ଏହା ସୁନ୍ଦରମୂହୁର୍ତ୍ତ ଅଟେ ଏବଂ ଆପଣ ଏହି ସମୟରେ ନିଜର ସମ୍ପୂର୍ଣ୍ଣ ସମୟ ଦେଇପାରିବେ ।

## ଅଷ୍ଟ୍ରେଲିଆ ଟାର୍ଗେଟ୍‌ରେ ପନ୍ତଃ କମିନ୍ସ

**ମୁମ୍ବାଇ, ୭।୧୧:** ନଭେମ୍ବର ୨୨ରୁ ଆରମ୍ଭ ହେବ ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍ । ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବ ଏହି ହାଇଭୋଲଟେଜ୍ ଟେଷ୍ଟ ସିରିଜ୍ । ଯେଉଁଥିରେ ୫ଟି ଟେଷ୍ଟ ମ୍ୟାଚ୍ ଖେଳିବେ ଉଭୟ ଟିମ୍ । ସିରିଜ୍‌କୁ ଆଉ ୧୬ ଦିନରୁ କମ୍ ଦିନ ବାକି ଅଛି । ହେଲେ ଏବେଠୁ ଆରମ୍ଭ ହୋଇଗଲାଣି ଏହି ସିରିଜ୍‌କୁ ନେଇ ବୟାନବାଜି । ନିକଟରେ ଅଷ୍ଟ୍ରେଲିଆ କ୍ୟାପଟେନ୍ ପ୍ୟାଟ୍ କମିନ୍ସ ଭାରତୀୟ ବ୍ୟାଟରଙ୍କୁ ନେଇ ବଡ଼ ବୟାନ ଦେଇଛନ୍ତି ।

କମିନ୍ସଙ୍କ ମତରେ, ବର୍ତ୍ତମାନ ଟିମ୍‌ରେ ଥିବା ବ୍ୟାଟରଙ୍କ ମଧ୍ୟରୁ ଜଣେ ୱିକେଟ୍ କିପର ବ୍ୟାଟସମ୍ୟାନ୍ ବହୁତ ଖତରନାକ୍ । ସେ କୌଣସି ବି ପରିସ୍ଥିତିରେ ମ୍ୟାଚ୍‌ର ରୂପ ବଦଳାଇପାରିବେ । ତେଣୁ ତାଙ୍କୁ ଶୀଘ୍ର ଆଉଟ୍ କରି ପ୍ୟାଭିଲିୟନ୍ ଫେରାଇ ଦେବା ହିଁ ଟିମ୍ ପାଇଁ ଭଲ । କାହିଁକି ନା ସେ ଯେତେ ସମୟ କ୍ରିଜ୍‌ରେ ରହିବେ, ସେତେ ସମୟ ବିରୋଧୀ ଟିମ୍‌ଙ୍କ ପାଇଁ ଟେନ୍‌ସନ୍ ସାଜିବେ । ବାସ୍ତବରେ ଅଷ୍ଟ୍ରେଲିଆ କ୍ୟାପଟେନ୍ ବିରାଟ କୋହିଲ, ରୋହିତ ଶର୍ମାଙ୍କ ବ୍ୟାଟିଂ ଶୈଳ ପରିବର୍ତ୍ତେ ଟିମ୍ ଇଣ୍ଡିଆର ୱିକେଟ୍ କିପର ବ୍ୟାଟସମ୍ୟାନ୍ ରିଷଭ ପନ୍ତଙ୍କ ବିଷୟରେ କହୁଛନ୍ତି । ପୂର୍ବ ସିରିଜ୍‌ରେ ଅଷ୍ଟ୍ରେଲିଆ ବୋଲରଙ୍କ ବିରୋଧରେ ଖୁବ୍ ଗର୍ଜିଥିଲା ରିଷଭଙ୍କ ବ୍ୟାଟ୍ । ୨୦୨୦-୨୧ରେ ଖେଳାଯାଇଥିବା ବର୍ଡର-ଗାଭାସ୍କର ଟେଷ୍ଟ ସିରିଜ୍‌ର ପର୍ଥ ଟେଷ୍ଟ ହିଁ ରିଷଭ ସାଜିଥିଲେ ବିଜୟରେ ହିରୋ । ପର୍ଥରେ ପନ୍ତଙ୍କୁ ଲଢୁଆ ୯୧ ପାରି ବଦଳରେ ଭାରତୀୟ ଟିମ୍ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା ।




# ଅଧିନାୟକଙ୍କ ସହ ଝଗଡ଼ା କରି ପଡ଼ିଆ ଛାଡ଼ିଲେ ଜାସନ ହୋଲ୍ଡର



**ନୂଆଦିଲ୍ଲୀ, ୭।୧୧:** ମ୍ୟାଚ୍ ଅଧାରେ ଅଧିନାୟକଙ୍କ ସହ ଝଗଡ଼ା କରି ପଡ଼ିଆ ଛାଡ଼ିଛନ୍ତି ୱେଷ୍ଟଇଣ୍ଡିଜ୍‌ର ଷ୍ଟାର ଦ୍ରୁତ ବୋଲର ଅଲଜାରି ଯୋଶେଫ । କୌଣସି ଘରୋଇ ଟୁର୍ଣ୍ଣାମେଣ୍ଟରେ ନୁହେଁ, ବରଂ ଇଂଲଣ୍ଡ ବିପକ୍ଷ ତୃତୀୟ ଦିନିକିଆରେ ଏପରି ଘଟଣା ଘଟିଛି । ଅଧିନାୟକ ଶାଇ ହୋପଙ୍କ ଉପରେ ରାଗି ଯୋଶେଫ ରାଗରେ ପଡ଼ିଆ ଛାଡ଼ିବା ବେଳର ଭିଡିଓ ମଧ୍ୟ ସାମ୍ନାକୁ ଆସିଛି । ଇଂଲଣ୍ଡ ଇନିଂସର ୪ର୍ଥ ଓଭରରେ ପୂରା ଘଟଣା ଘଟିଛି । ଯୋଶେଫ ବୋଲିଂ ବେଳେ ଫିଲ୍ଡିଂ ସେଟ୍‌କୁ ନେଇ ଅଧିନାୟକ ହୋପଙ୍କ ସହ ଯୁକ୍ତିତର୍କ କରିଥିଲେ । ଏହାପରେ ସେ ପଡ଼ିଆ ଛାଡ଼ିଥିଲେ । ଘଟଣାକୁ ନେଇ ବିବାଦ ସୃଷ୍ଟି ହୋଇଥିବା ବେଳେ ଯୋଶେଫଙ୍କ ଆଚରଣରେ ସମସ୍ତେ ଚକିତ ହୋଇଛନ୍ତି । ଯୋଶେଫ ଉକ୍ତ ଓଭରରେ କୌଣସି ରନ ଦେଇ ନଥିବା ବେଳେ ଇଂଲଣ୍ଡର ଜଣେ ବ୍ୟାଟରଙ୍କୁ ଆଉଟ କରିଥିଲେ । ତଥାପି ସେ ହୋପଙ୍କ ଫିଲ୍ଡ ପ୍ଲେସମେଣ୍ଟକୁ ନେଇ ଖୁସି ନଥିଲେ । ସେ ପଡ଼ିଆ ମଧ୍ୟରେ ଏହାକୁ ନେଇ ଆକ୍ରମଣାତ୍ମକ ଆଭିମୁଖ୍ୟ ମଧ୍ୟ ପ୍ରଦର୍ଶନ କରିଥିଲେ । ହୋପଙ୍କ ଉପରେ ରାଗି ଯୋଶେଫ ପଡ଼ିଆ ବାହାରକୁ ଚାଲି ଯାଇଥିଲେ । ଏଥିସହ ସାଥୀ ଖେଳାଳି ହାୟଡେନ ୱାଲଶଙ୍କ ସହ ଡଗ ଆଉଟରେ କଥା ହୋଇଥିଲେ । ଏଥିଯୋଗୁ ଇଣ୍ଡିଜ ଟିମ ଗୋଟିଏ ଓଭର ୧୦ ଜଣଙ୍କୁ ନେଇ ଫିଲ୍ଡିଂ କରିଥିଲା । ଏହାପରେ ଯୋଶେଫଙ୍କ ରାଗ ଥଣ୍ଡା ହୋଇଥିଲା ଓ ସେ ପୁଣି ପଡ଼ିଆକୁ ଫେରିଥିଲେ । ମ୍ୟାଚ୍ କଥା ବିଚାରକୁ ନେଇ ଭ୍ରମଣକାରୀ ଇଂଲଣ୍ଡ ୮ ୱିକେଟ ହରାଇ ୨୬୩ ରନ କରିଥିଲା । ଏହାର ଜବାବରେ ବ୍ରାଣ୍ଡନ କିଙ୍ଗ ଓ କେ କାର୍ଟୀଙ୍କ ଶତକ ବଳରେ ଇଣ୍ଡିଜ ଟିମ ୮ ୱିକେଟରେ ମ୍ୟାଚ୍ ଜିତି ସିରିଜ କବଜା କରିଛି ।

# ୧୮ ବର୍ଷୀୟ ସ୍ପିନରଙ୍କ ଯାଦୁରେ ଜିତିଲା ଆଫଗାନ

**ସାରଜା, ୭।୧୧:** ଆଫଗାନିସ୍ତାନର ୧୮ ବର୍ଷୀୟ ସ୍ପିନର ଆଲ୍ଲା ଗଜନଫରଙ୍କ ଯାଦୁରେ ଫସିଛି ବାଂଲାଦେଶ । ପ୍ରଥମ ଦିନକିଆରେ ଗଜନଫରଙ୍କ ଜଲୱା ଯୋଗୁ ବାଂଲାଦେଶ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ମାତ୍ର ୨୩ ରନରେ ଶେଷ ୮ ୱିକେଟ ହରାଇଛି । ସାରଜା କ୍ରିକେଟ ଷ୍ଟାଡିୟମରେ ବାଂଲାଦେଶକୁ

### ■ ଜିତିବା ମ୍ୟାଚ୍‌କୁ ହାତଛଡ଼ା କଲା ବାଂଲାଦେଶ

### ■ ୧-୦ରେ ଆଫଗାନିସ୍ତାନ ସିରିଜ ଆଗୁଆ

ପ୍ରଥମ ଦିନିକିଆରେ ଆଫଗାନିସ୍ତାନ ୯୨ ରନରେ ହରାଇ ଦେଇଛି । ଗଜନଫର ଏକାକୀ ୨୬ ରନ ଦେଇ ୬ ୱିକେଟ ଦଖଲ କରିଛନ୍ତି ।

୨୩୫ ରନର ଟାର୍ଗେଟକୁ ପିଛା କରୁଥିବା ନଜମୁଲ ହୁସେନ ସାଣ୍ଟୋଙ୍କ ଟିମ ଗୋଟିଏ ସମୟରେ ୨ ୱିକେଟ ହରାଇ ୧୨୦ ରନ କରି ନେଇଥିଲା । କିନ୍ତୁ ଏତିକି ବେଳେ ୧୮ ବର୍ଷୀୟ ଗଜନଫର ବାଂଲାଦେଶର ସବୁ ବିଜୟ ଆଶାରେ ପାଣି ପକାଇ ଦେଇଥିଲେ । ସେ ନିଜ ଭାରିଏସନ ଜରିଆରେ ବାଂଲାଦେଶର ଗୋଟିଏ ପରେ ଗୋଟିଏ ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇଥିଲେ ।

ଗଜନଫର ଆରମ୍ଭରୁ ନୂଆ ବଲରେ ଫଜଲହକ ଫାରୁକିଙ୍କ ସହ ବୋଲିଂ କରିଥିଲେ । ସେ ନିଜ ଦ୍ୱିତୀୟ ଓଭରରେ ହିଁ ତାଜଜିଦ ହାସନଙ୍କୁ ବୋଲ୍ଡ କରି ଦେଇଥିଲେ । ପ୍ରଥମ ସ୍ପେଲରେ ସେ ୪ ଓଭର ବୋଲିଂ କରି ୨୧ ରନ ଦେବା ସହ ଗୋଟିଏ ୱିକେଟ ନେଇଥିଲେ ।

ତେବେ ୩୧ ଓଭର ବେଳକୁ ଆଫଗାନିସ୍ତାନର ଅଧିନାୟକ ହଶମତୁଲ୍ଲା ଶାହିଦି ପୁଣି ତାଙ୍କ ଉପରେ ଭରସା ଦେଖାଇ ନିଶ୍ଚିତ ୱିକେଟ ଦଖଲ କରିବା ଲକ୍ଷ୍ୟରେ ଗଜନଫରଙ୍କୁ ବଲ ଦେଇଥିଲେ । ଏହି ସମୟରେ ବାଂଲାଦେଶକୁ ୨୦ ଓଭରରେ ୧୦୫ ରନ ଦରକାର ଥିବା ବେଳେ ହାତରେ ଆହୁରି ୭ଟି ୱିକେଟ ରହିଥିଲା ।




ତେବେ ଗଜନଫର ଏହି ସ୍ଥାନରୁ ବାଂଲାଦେଶକୁ ଝଟକା ପରେ ଝଟକା ଦେଇ ଚାଲିଥିଲେ । ସେ ପ୍ରଥମେ ମେହିଦ ହାସନ ମିରାଜ (୨୮)ଙ୍କୁ ଫାଇନ ଲେଗରେ ଆଉଟ କରିଥିଲେ । ପରବର୍ତ୍ତୀ ଓଭରରେ ଅଭିଜ୍ଞ ମୁସଫିକର ରହିମ ଷ୍ଟମ୍ପିଂ ହୋଇଯାଇଥିଲେ ।

ସମାନ ଓଭରରେ ରିଶାଦ ହୁସେନ ଓ ତସ୍କିନ ଅହମଦଙ୍କୁ ପ୍ୟାଭିଲିୟନ ପଠାଇ ଦେଇଥିଲେ । ଅନ୍ୟପକ୍ଷରେ ଅଭିଜ୍ଞ ରାଶିଦ ଖାନ ମଧ୍ୟ ତୋହିଦ ହ୍ରିଦୟ ଓ ମହମ୍ମଦୁଲ୍ଲାଙ୍କ ୱିକେଟ ଦଖଲ କରିଥିଲେ । ଶେଷରେ ଶୋରିଫୁଲ ଇସଲାମଙ୍କୁ ବୋଲ୍ଡ କରି ଗଜନଫର ବାଂଲାଦେଶ ଇନିଂସକୁ ୧୪୩ ରନରେ ରୋକି ଦେଇଥିଲେ ।

ବାଂଲାଦେଶ ତା'ର ଶେଷ ୭ ୱିକେଟ ୧୧ ରନ ଭିତରେ ହରାଇଥିଲା । ଫଳ ସ୍ୱରୂପ ଆଫଗାନିସ୍ତାନ ୯୨ ରନରେ ମ୍ୟାଚ୍‌କୁ ଜିତି ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି । ୬.୩ ଓଭରରେ ୨୬ ରନ ଦେଇ ୬ ୱିକେଟ ନେଇଥିବା ଗଜନଫରଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ମିଳିଛି ।

Edited, Printed & Published by Salila Kar on behalf of Matrubhasa Prachar Samittee, Printed at Nijukti Khabar Prakashan, TS3/193, Mancheswar Industrial Estate, Bhubaneswar-751010 and Published from Sarthak Palace, Plot No - 1570/1571, Sector - 6, CDA, Bidanasi, Cuttack - 753014

Ph : 0671-2506673, 0671-2503911
Fax - 0671-2503244

ସମ୍ପାଦିକା : ସଲୀଳା କର
Editor : Salila Kar